

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-256 SUNDAY 15 MARCH 2026 PAGE-12 ₹ 7.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୨୫୬ ରବିବାର ୧୫ ମାର୍ଚ୍ଚ ୨୦୨୬ ପୃଷ୍ଠା-୧୨ ଟ.୭.୦୦ (ସିନ୍ଦୂରା ସହ)

ରାଜ୍ୟସଭା ରାଜନୀତି ଉଷ୍ମ

ଆଶା-ଆଶଙ୍କାରେ ତିନି ଦଳ

ଶାସକ ଦଳକୁ ବିରୋଧୀ ବିଜେଡି ସଦସ୍ୟଙ୍କ ଶାଣିତ ନିଶାଣ

ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋଙ୍କ ପତ୍ତା ପାଉନି କଂଗ୍ରେସ

ଦଳୀୟ ଶୃଙ୍ଖଳା ଭଙ୍ଗକଲେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ

■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭାର ୩୭ଟି ଆସନ ପାଇଁ ୧୦ଟି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଏହି ୧୦ଟି ରାଜ୍ୟ ମଧ୍ୟରୁ ଅଧିକାଂଶ ରାଜ୍ୟରେ ଭୋଟ୍ ଗ୍ରହଣର ଆବଶ୍ୟକତା ନ ଥିବା ବେଳେ ଓଡ଼ିଶା, ବିହାର ଓ ହରିୟାଣାରେ ଭୋଟିଂ ପାଇଁ ସ୍ଥିର ହୋଇଛି। ଏହି ୩ଟି ରାଜ୍ୟରେ ଆସନ ସଂଖ୍ୟା ତୁଳନାରେ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ୧୬ ତାରିଖରେ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ତେବେ ଭୋଟ୍ ଗ୍ରହଣ ହେବାକୁ ଥିବା ୩ ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ବର୍ତ୍ତମାନ ସବୁଠୁ ଚର୍ଚ୍ଚିତ ରହିଛି। କାରଣ ଓଡ଼ିଶାର ୪ଟି ଆସନ ମଧ୍ୟରୁ ଦୁଇଟି ବିଜେପି ଓ ଗୋଟିଏ ଆସନ ବିଜେଡିକୁ ସହଜ ବିଜୟ ମିଳୁଥିଲେ ମଧ୍ୟ ଚତୁର୍ଥ ଆସନ ପାଇଁ ରୋଚକ ଲଢ଼େଇ ଜାରି ରହିଛି। ଚତୁର୍ଥ ଆସନ ପାଇଁ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥନରେ ଡାକ୍ତର ଦତ୍ତେଶ୍ୱର ହୋତା ମିଳିତ ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ବିଜେପି ସମର୍ଥନ ଦେଇଛି। ଓଡ଼ିଶାରେ ଗୋଟିଏ ଆସନ ଜିତିବା ପାଇଁ ୩୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକତା ପଡୁଥିବା ବେଳେ ସଂଖ୍ୟା ଦୃଷ୍ଟିରୁ ଚତୁର୍ଥ ଆସନ ମିଳିତ ପ୍ରାର୍ଥୀଙ୍କ ସପକ୍ଷରେ ରହୁଛି। ଏହାସତ୍ତ୍ୱେ ବିଜେପି ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ରାଜ୍ୟସଭା ରାଜନୀତି ରୋଚକ ସ୍ଥିତିରେ ଥିବାବେଳେ ଚତୁର୍ଥ ଆସନରେ ପ୍ରାର୍ଥୀଙ୍କ ବିଜୟ ନେଇ ଶାସକ ବିଜେପି, ବିରୋଧୀ ବିଜେଡି ଏବଂ କଂଗ୍ରେସର ନେତୃବୃନ୍ଦ ଆଶା-ଆଶଙ୍କାରେ ରହିଛନ୍ତି। ଅନ୍ୟପଟେ ଘୋଡ଼ା ବେପାରକୁ ଲକ୍ଷ୍ୟ କରି କଂଗ୍ରେସ ନିଜର ▶ପୃଷ୍ଠା-୭

ବିଜେପି କରୁଛି ଘୋଡ଼ା ବେପାର: ନବୀନ

■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଆଉ ଦିନକ ପରେ ଭୋଟ୍ ଗ୍ରହଣ ହେବ। ଏହା ପୂର୍ବରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀଙ୍କ ବିଜୟପାଇଁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଏହି ସମୟରେ ରାଜ୍ୟରେ ଘୋଡ଼ା ବେପାରକୁ ନେଇ ଜୋରଦାର ଚର୍ଚ୍ଚା ଭିତରେ ବିରୋଧୀ ଦନ ନେତା ନବୀନ ପଟ୍ଟନାୟକ ଆଜି ଶାସକ ବିଜେପିକୁ ନିଶାଣ କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ଘୋଡ଼ା ବେପାର କରୁଛି। ବିଜେପିର ୩ ଜଣ ପ୍ରାର୍ଥୀ ଘୋଡ଼ା ବେପାର ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଜିତିବା ପାଇଁ ଏହା କରିବା ଏକ ▶ପୃଷ୍ଠା-୭

ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ଅପରାଧ ସଦୃଶ

ଶାସକ ଦଳକୁ ବି କ୍ରସ୍ ଭୋଟିଂ ଭୟ

୩ଟି ବସ୍‌ରେ ପାରାଦୀପ ଗଲେ ବିଜେପି ବିଧାୟକ

■ ଭୁବନେଶ୍ୱର, ୧୪।୩ (ସମିସ): ଚଳିତ ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନକୁ ନେଇ ଘୋଡ଼ା ବେପାର ପଲିଟିକ୍ସ ଜାରି ରହିଛି। ସଂଖ୍ୟା ଗଣିତକୁ ନେଇ ଏହି ଆସନ ପାଇଁ କ୍ରସ୍ ଭୋଟିଂ ହେବାର ଆଶଙ୍କା ବଢ଼ିଛି। ଶାସକ ବିଜେପି ମଧ୍ୟ ଏହି ଭୟରୁ ବାଦ୍ ପଡ଼ିନାହିଁ। ସ୍ୱାଧୀନ ପ୍ରାର୍ଥୀଙ୍କୁ ଚତୁର୍ଥ ଆସନରେ ଜିତାଇବା ପାଇଁ ପଣ କରିଥିବା ବିଜେପି ଦଳୀୟ ବିଧାୟକଙ୍କ ଦ୍ୱାରା କ୍ରସ୍ ଭୋଟିଂ ଆଶଙ୍କା କରି ନିର୍ବାଚନ ପୂର୍ବରୁ ସମସ୍ତ ▶ପୃଷ୍ଠା-୭

ମଧ୍ୟପ୍ରାଚ୍ୟରେ ଅସ୍ଥିରତା: ସଙ୍କଟରେ ଜୀବନଜୀବିକା

ଚାକିରି ଛାଡ଼ି ସ୍ୱଦେଶ ଫେରୁଛନ୍ତି ଭାରତୀୟ

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ସମଗ୍ର ବିଶ୍ୱ ଏବେ ଶକ୍ତି ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଛି। ଇସ୍ରାଏଲ ଏବଂ ଆମେରିକାର ଇରାନ ଉପରେ ସମ୍ମିଳିତ ଆକ୍ରମଣ ପରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଆକ୍ରମଣକୁ ନେଇ ଇରାନ ରକ୍ତମୁଖା ହୋଇ ପ୍ରମୁଖ ଶକ୍ତି ଯୋଗାଣ ମାର୍ଗ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଯାହା ଫଳରେ ବୈଶ୍ୱିକ ସ୍ତରରେ ଶକ୍ତି ସଙ୍କଟ ଘନେଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୧୫ଦିନ ବିତିଥିବା ବେଳେ ଉପସାଗରୀୟ ଦେଶରେ ଥିବା ଆମେରିକା ନୌସେନା ଘାଟୀକୁ ନିଶାଣ କରି ଇରାନ ଜୋରଦାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଚାଲିଛି। ଏହି ଯୁଦ୍ଧର ବିଭୀଷିକା ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଘାତକ ହୋଇଛି। ମଧ୍ୟପ୍ରାଚ୍ୟରେ ଜାରି ଏହି ସଂଘର୍ଷ ଲାଗି ବିଦେଶରେ ରହୁଥିବା ଭାରତୀୟ ନାଗରିକ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏହା ଭାରତର ଅର୍ଥ ବ୍ୟବସ୍ଥାକୁ ମୋଡ଼ି ମକଚି ଦେଇଛି।

ସୂଚନା ଅନୁଯାୟୀ, ଉପସାଗରୀୟ ଦେଶରେ ପ୍ରାୟ ୯୭ ଲକ୍ଷ ଭାରତୀୟ ରହୁଛନ୍ତି। ଭାରତୀୟ ଅର୍ଥନୀତି ପାଇଁ ଏମାନଙ୍କ ଯୋଗଦାନ ଅତୁଳନୀୟ ରହିଛି। ଏହି ଅଞ୍ଚଳରେ ଥିବା ଭାରତୀୟ ନାଗରିକ ପ୍ରତିବର୍ଷ ଦେଶକୁ ୫୦ରୁ ୫୧ ବିଲିୟନ ଡଲାର ପଠାଇ ଥାଆନ୍ତି। ସାରା

ବର୍ଷକୁ ପ୍ରାୟ ୫୧ ବିଲିୟନ ଡଲାର ଅର୍ଥ ପଠାଉଛନ୍ତି

କାରବାର କରିପାରୁନାହାନ୍ତି ଭାରତୀୟ ବ୍ୟବସାୟୀ

ଯୁଦ୍ଧରେ ୫ ଭାରତୀୟ ନାଗରିକଙ୍କ ମୃତ୍ୟୁ, ୪ ନିଖୋଜ

ବିଶ୍ୱର ଭାରତୀୟମାନେ ପଠାଉଥିବା ଅର୍ଥ (ରେମିଟାନ୍ସ)ର ଏହା ୩୮ ପ୍ରତିଶତ ହୋଇଥିବା ବେଳେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହାର ଯୋଗାଦନ ୩.୫ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ମୋଟ ୧୧୮.୭ ବିଲିୟନ ଡଲାର ଅର୍ଥ ଆସିଥିଲା। ଏଥିରେ ଆମେରିକାରେ ▶ପୃଷ୍ଠା-୭

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ

ଉତ୍କଟ ହେଉଛି ଗ୍ୟାସ୍ ସଙ୍କଟ

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପାଇଁ ଭାରତରେ ଏଲ୍‌ପିଜି ସଙ୍କଟ ବୃଦ୍ଧି ପାଇଛି। ଅନେକ ସ୍ଥାନରେ ରୋଷେଇ ଗ୍ୟାସ ମିଳୁନାହିଁ। ଏଥିପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ସବୁ ରାଜ୍ୟରେ ସିଲିଣ୍ଡର ପାଇଁ ଲମ୍ବା ଧାଡ଼ି ଲାଗି ରହିଛି। ଲୋକେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ବି ଗ୍ୟାସ ପାଉନାହାନ୍ତି। ଏହାକୁ ନେଇ ଗଣ୍ଡଗୋଳ ହେଉଥିବାରୁ ମଧ୍ୟପ୍ରଦେଶରେ ପୁଲିସ ମୁତୟନ କରିବାକୁ ପଡ଼ିଛି। ଉତ୍ତର ପ୍ରଦେଶେ ସିଦ୍ଧାର୍ଥ ନଗରରେ ଲୋକେ ରାତିରୁ ଏଜେନ୍ସି ଆଗରେ ଛିଡ଼ା ହେଉଛନ୍ତି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳର ସ୍ଥିତି ବଳି ଯାଇଛି। ହଠାତ ଗ୍ୟାସ ସରି ଯାଇଥିବା ଲୋକେ କ'ଣ କରିବେ ବାଟ ପାଉ ନାହାନ୍ତି। ଗ୍ୟାସ ଆସୁ ନ ଥିବା କହି ଏଜେନ୍ସି ଦୋଷ ଛଡ଼େଇ ଦେଉଛନ୍ତି। ମାତ୍ର ସଙ୍କଟର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ କଳା ବଜାରୀ ଆରମ୍ଭ କରିଦେଇଛନ୍ତି। ଯେଉଁ ଗ୍ୟାସ ୧୦୦୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ତାହା ୧୮୦୦ ଟଙ୍କା ପାର କରିଯାଇଛି। ଅଧିକ ଟଙ୍କା ହେଲେ ବି ସଙ୍କଟ ପାଇଁ ଲୋକେ ଅର୍ଥ ଦେବାକୁ ପଛାଉ ନାହାନ୍ତି। ମାତ୍ର ଟଙ୍କା ଦେଲେ ବି ଗ୍ୟାସ ମିଳୁନାହିଁ। ସରକାର ମଧ୍ୟ ସଙ୍କଟ ଥିବା ମଙ୍ଗିଛନ୍ତି, ମାତ୍ର ଗ୍ୟାସ ସମ୍ପୂର୍ଣ୍ଣ ଶେଷ ହୋଇଯାଇନାହିଁ ▶ପୃଷ୍ଠା-୭

ଯୁପି-ପଞ୍ଜାବରେ ସିଲିଣ୍ଡର ପାଇଁ ଲାଇନ ଦେଇ ୨ ମୃତ

୫ ଦିନ ପରେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ଆରମ୍ଭ

ପିଏନ୍‌ଜି ଗ୍ରାହକଙ୍କୁ ଦିଆଯିବନି ଏଲ୍‌ପିଜି

ସ୍ଥିତି ସଙ୍କଟଜନକ; ଗ୍ୟାସ ସମ୍ପୂର୍ଣ୍ଣ ସରିଯାଇନି: କେନ୍ଦ୍ର

୪୧% ବଢ଼ିଲାଣି ଅଶୋଧିତ ତୈଳ ଦର

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ଏହା ହୁ ହୁ ହୋଇ ବଢ଼ିବାର ଲାଗିଛି। ଯୁଦ୍ଧର ମାତ୍ର ୧୫ ଦିନ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ୪୧ ପ୍ରତିଶତ ବୃଦ୍ଧି ପାଇଲାଣି। କାରଣ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଯାଇଛି। ହର୍ମୁଜ ଷ୍ଟ୍ରେଟକୁ ବନ୍ଦ କରି ଇରାନ ଶକ୍ତି ସୁରକ୍ଷାକୁ ଅସୁରକ୍ଷା ମଧ୍ୟକୁ ଠେଲି ଦେଇଛି। ଏହାରି ପ୍ରଭାବରେ ବିଶ୍ୱ ଶକ୍ତି ବଜାର, ବିଶେଷ କରି ଏସିଆ ଦେଶ ଉପରେ ଚାପ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, ଫେବୃଆରୀ ୨୭ରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ▶ପୃଷ୍ଠା-୭

୧୫୦ ଡଲାର୍ ଛୁଇଁବା ଆଶଙ୍କା

SIKSHA 'O' ANUSANDHAN

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in

ଅଟକ ଆଦେଶ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର

୬ ମାସ ପରେ ଜେଲ୍‌ରୁ ମୁକୁଳିଲେ ସୋନମ୍ ୱାଙ୍ଗଚୁକ୍

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ବିଶିଷ୍ଟ ପରିବେଶବିତ୍ ତଥା ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଆଜି ଜେଲରୁ ମୁକୁଳିଛନ୍ତି। ୱାଙ୍ଗଚୁକ୍ ଯେଉଁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅଧୀନରେ ବନ୍ଦୀ ଥିଲେ, ସେ ସଂକ୍ରାନ୍ତ ଆଦେଶକୁ କେନ୍ଦ୍ର ସରକାର ଶନିବାର ପ୍ରତ୍ୟାହାର କରିନେବା ପରେ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲ୍‌ରୁ ମୁକ୍ତ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ ଲଦାଖର ଶାନ୍ତି, ସ୍ଥିରତା ଓ ପାରସ୍ପରିକ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଓ ସ୍ଥାନୀୟ ▶ପୃଷ୍ଠା-୭

UDGAM · Unclaimed Deposits Gateway To Access Information

ନିଜ ବ୍ୟାଙ୍କରେ 10 ବର୍ଷରୁ ଅଧିକ ସମୟ ଧରି ଦାବିହୀନ ଅବସ୍ଥାରେ ପଡ଼ିରହିଥିବା ନିଜର ଟଙ୍କାକୁ ବ୍ୟବହାରଯୋଗ୍ୟ ବନାନ୍ତୁ

UDGAM କୁ ଯାଆନ୍ତୁ ଏବଂ ବ୍ୟାଙ୍କରୁ ଏହାକୁ ଦାବି କରିବାର ଉପାୟ ଜାଣନ୍ତୁ

- UDGAM ପୋର୍ଟାଲରେ ପଞ୍ଜୀକରଣ କରନ୍ତୁ ।
- ଖାତାଧାରକଙ୍କ ନାମ, ବ୍ୟାଙ୍କର ନାମ ଏବଂ ବିବରଣୀ ଯଥା ଜନ୍ମ ତାରିଖ, PAN କାର୍ଡ ଇତ୍ୟାଦି ବ୍ୟବହାର କରି ଖୋଜନ୍ତୁ ।

UDGAM ଏକ ଖୋଜିବାର ସୁବିଧା । ଦାବିହୀନ ଜମାରାଶି, ସଂପୃକ୍ତ ବ୍ୟାଙ୍କ (ଗୁଡ଼ିକ)ରୁ ଦାବି କରିବାକୁ ପଡ଼ିବ ।

UDGAM ପୋର୍ଟାଲରେ ବ୍ୟାଙ୍କ ଗୁଡ଼ିକର ତାଲିକା ଉପଲବ୍ଧ ।

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/ud କୁ ଯାଆନ୍ତୁ
ମତାମତ ଦେବା ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକାର ସଜବାଜ

ପଶ୍ଚିମ ଏସିଆ ଅଭିମୁଖେ ଯାତ୍ରା କଲା ୟୁଏସ୍ଏସ୍ ତ୍ରିପୋଲି ଷ୍ଟ୍ରାଇକ୍ ଗ୍ରୁପ୍

ୱାସିଂଟନ/ ତେହରାନ, ୧୪।୩(ଏଜେନ୍ସି): ଇରାନ ସହ ଚାଲିଥିବା ଭୟାଭୟ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀରେ ବଢୁଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଆମେରିକା ଏକ ବଡ଼ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ହର୍ମୁଜରେ ତେଲ ଟ୍ୟାଙ୍କରକୁ ସୁରକ୍ଷା ଦେବା ସହିତ ଇରାନରେ ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକା 'ୟୁଏସ୍ଏସ୍ ତ୍ରିପୋଲି' ପଠାଇଛି। ଏହା ଆମେରିକା ନୌସେନାର ଆମ୍ଫିବିୟସ ରେଡ଼ି ଗ୍ରୁପ୍ (ଏଆରଜି)ର ନେତୃତ୍ୱ ନେବ। ଏଥସହିତ ୨୫୦୦ ମେରାଇନ ସୈନ୍ୟ ମଧ ଯାତ୍ରା କରିଛନ୍ତି। 'ୟୁଏସ୍ଏସ୍ ତ୍ରିପୋଲି' ହେଉଛି ଆମେରିକାର ଅନ୍ୟତମ ବୃହତ୍ତମ ଆମ୍ଫିବିୟସ ଆସଲ୍ଟ ଜାହାଜ ବା ଯୁଦ୍ଧ ଜାହାଜ। ଏହା ଏକ ବିମାନବାହୀ ଜାହାଜ ସହ ପ୍ରାୟ ସମାନ। ଏଥିରେ ଅନେକ ହେଲିକପ୍ଟର, ଏମ୍ଭି-୨୨ ଓସପ୍ରେ ଓ ଏଫ-୩୫ବି ଫାଇଟର ଜେଟ୍ ରହିପାରିବ। ଏହି ଷ୍ଟ୍ରାଇକ୍ ଗ୍ରୁପ୍‌ରେ 'ୟୁଏସ୍ଏସ୍ ରୋବାର୍ଟ ସ୍ମଲ୍ସ' (ଗାଇଡେଡ୍ ମିସାଇଲ କ୍ରୁଜର) ଓ ୟୁଏସଏସ୍ ରାଫାଏଲ ପେରାଲ୍ଟା (ଡେଷ୍ଟ୍ରୟର) ସାମିଲ ଅଛି। ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକାର ପ୍ରାୟ ୫୦୦୦୦ରୁ ଅଧିକ ସୈନ୍ୟ ମୁତୟନ ଅଛନ୍ତି। 'ୟୁଏସ୍ଏସ୍ ତ୍ରିପୋଲି' ଆଗାମୀ ଏକର ଦୁଇ ସପ୍ତାହ ମଧ୍ୟରେ ସେଣ୍ଟ୍ରାଲ କମାଣ୍ଡ ଅଞ୍ଚଳରେ ପହଞ୍ଚିବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ଆଜି ଆମେରିକା ଘାଟି ଓ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି) ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନ ଆବୁଧାବିର ଅଲ ଧଫ୍ରା ବେସ୍ ଓ ବାହାରିନ୍‌ର ଶେଖ ଇସା ବେସ୍ ଉପରେ କ୍ରମାଗତ ଭାବେ କ୍ଷେପଣାସ୍ତ୍ର ଆକ୍ରମଣ କରିଚାଲିଛି। ଇରାନ ଦାବି କରିଛି ଯେ ଏହି ଆକ୍ରମଣରେ ଆମେରିକାର ପାଟ୍ରିଅଟ ରାଡାର ସିଷ୍ଟମ, ବିମାନ ଓ ଇନ୍ଧନ ଭଣ୍ଡାରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଆମେରିକା ତରଫରୁ ଏହି ଘଟଣା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଆମେରିକୀୟ ବାୟୁସେନା ଇରାନର ଖାର୍ଗ ଦ୍ୱୀପରେ ଏକ ଶକ୍ତିଶାଳୀ ବୋମା ବର୍ଷଣ କରିଛି। ଖାର୍ଗ ଦୀପ ହେଉଛି ଇରାନ ଅର୍ଥନୀତିର 'କ୍ରାଉନ ଜୁଏଲ' ବା ମୁଖ୍ୟ ତୈଳ ରପ୍ତାନୀ କେନ୍ଦ୍ର। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ଦ୍ୱୀପରେ ଥିବା ସମସ୍ତ ସାମରିକ ଲକ୍ଷ୍ୟସ୍ଥଳକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରାଯାଇଛି। ଏହାକୁ ମଧ୍ୟପ୍ରାଚ୍ୟ ଇତିହାସର ଅନ୍ୟତମ ଶକ୍ତିଶାଳୀ ବୋମା ବର୍ଷଣ ବୋଲି ବର୍ଣ୍ଣନା କରାଯାଇଛି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ମାନବିକତା ଦୃଷ୍ଟିକୋଣରୁ ଏପର୍ଯ୍ୟନ୍ତ ଦୀପର ତୈଳ ଭିତ୍ତିଭୂମିକୁ ଧ୍ୱଂସ କରନାହାନ୍ତି। ତେବେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ ବାଧା ସୃଷ୍ଟି କଲେ, ଏହି ନିଷ୍ପତ୍ତିକୁ ପୁନର୍ବିଚାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୁଣି ତୈଳ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷିତ ଭାବେ ନେବା ପାଇଁ ଆମେରିକା ନୌସେନା ଶୀଘ୍ର ପ୍ରହରା ଆରମ୍ଭ କରିବ ବୋଲି ଟ୍ରମ୍ପ କହିଛନ୍ତି। ତୈଳ ଟ୍ୟାଙ୍କରଗୁଡ଼ିକୁ ସହାୟତା ଦେବାପାଇଁ ଚୀନ ଓ ବ୍ରିଟେନ ଆଗେଇ ଆସିବାକୁ ସେ କହିଛନ୍ତି।

- ଆବୁଧାବି, ବାହାରିନ୍‌ରେ ଥିବା ଆମେରିକା ଘାଟି ଉପରେ ଇରାନର ଆକ୍ରମଣ
- ଇରାନର ତୈଳ କେନ୍ଦ୍ର 'ଖାର୍ଗ ଦ୍ୱୀପ'କୁ ଧ୍ୱସ୍ତ କଲା ଆମେରିକା
- ଇରାନର ମହାକାଶ ଗବେଷଣା କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣ

ଖାର୍ଗ ଦୀପ ଆକ୍ରମଣ ପରେ ଇରାନ ମଧ ଚେତାବନୀ ଦେଇଛି ଯେ ଯଦି ତାଙ୍କ ତୈଳ ଭିତ୍ତିଭୂମୀ ଉପରେ ଆକ୍ରମଣ ହୁଏ, ତେବେ ସେମାନେ ଆମେରିକା ସହ ସହଯୋଗ କରୁଥିବା ଅଞ୍ଚଳର ଅନ୍ୟ ତୈଳ ଓ ଶକ୍ତି ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିବ। ଏହି ସଂଘର୍ଷ ପରେ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦର ବୃଦ୍ଧି ପାଇଛି ଓ ଅନ୍ତର୍ଜାତୀୟ ବଜାରରେ ବାରେଲ ପିଛା ୧୦୦ ଡଲାରରୁ ଉପରେ ରହିଛି। ଉଲ୍ଲେଖଥାଉ କି, ଖାର୍ଗ ଦ୍ୱୀପ ଇରାନ ପ୍ରାୟ ୯୦ ପ୍ରତିଶତ ଆଶୋଧିତ ତୈଳ ରପ୍ତାନୀ କରିଥାଏ।

ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭୟାଭୟ ରୂପ ଧାରଣ କରିଛି।

ଇତିମଧ୍ୟରେ ଇସ୍ରାଏଲର ପ୍ରତିରକ୍ଷା ବାହିନୀ ଆଜି ଇରାନର ମହାକାଶ ଗବେଷଣା କେନ୍ଦ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ପ୍ରସ୍ତୁତ କରୁଥିବା କାରଖାନାକୁ ଟାର୍ଗେଟ କରିଛି। ସେପଟେ ଇରାନ ୟୁଏଇର ବନ୍ଦରଗୁଡ଼ିକ ଉପରେ ଆକ୍ରମଣ କରିଛି। ଫୁଜେରା ବନ୍ଦରରେ ଥିବା ତୈଳ ଭଣ୍ଡାରରେ ଅଗ୍ନିକାଣ୍ଡ ଘଟିଛି। ଇରାନର ଡ୍ରୋନ୍‌କୁ ୟୁଏଇର ପ୍ରତିରକ୍ଷା ବ୍ୟବସ୍ଥା ପ୍ରତିହତ କରିଥିଲା। କିନ୍ତୁ ଉକ୍ତ ଡ୍ରୋନର ଭଗ୍ନାବଶେଷ ତୈଳ ଗଚ୍ଛିତ ସ୍ଥାନରେ ପଡ଼ିବାରୁ ନିଆଁ ଲାଗିଛି। ଅଗ୍ନିକାଣ୍ଡ ଯୋଗୁଁ ବନ୍ଦରରେ ଚାଲିଥିବା ତୈଳ ଲୋଡିଂ କାର୍ଯ୍ୟକୁ ବନ୍ଦ କରାଯାଇଛି। ଆମେରିକା ପକ୍ଷରୁ ଖାର୍ଗ ଦ୍ୱୀପରେ ଥିବା ସାମରିକ ଅନୁଷ୍ଠାନ ଉପରେ ଆକ୍ରମଣ କରାଯିବାର କିଛି ଘଣ୍ଟା ପରେ ଇରାନ ଏହି ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅନୁମାନ କରାଯାଇଉଛି। ଏହାସହିତ ଇରାନ ଧମକ ଦେଇଛି ଯେ ଏହାର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ ହେଲେ ଆମେରିକାକୁ ସମର୍ଥନ କରୁଥିବା ଉପସାଗରୀୟ ଦେଶର ତୈଳ ଭଣ୍ଡାରକୁ ଟାର୍ଗେଟ କରାଯିବ।

ଉପସାଗରୀୟ ଅଞ୍ଚଳରେ ଆକ୍ରମଣ ନ କରିବାକୁ ଇରାନକୁ ହମାସର ନିବେଦନ

ତେହରାନ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆତଙ୍କବାଦୀ ସଂଗଠନ ହମାସ ଏବେ ଇରାନକୁ ଏକ ବିରଳ ଅପିଲ କରିଛି। ଯୁଦ୍ଧରେ ମଧ୍ୟପ୍ରାଚ୍ୟ ତଥା ପଡୋଶୀ ଦେଶଗୁଡ଼ିକୁ ଆକ୍ରମଣ ନ କରିବାକୁ ହାମାସ ଇରାନକୁ ନିବେଦନ କରିଛି। ଏହି ଅନୁରୋଧ ସତ୍ତ୍ୱେ, ହମାସ ସ୍ପଷ୍ଟ କରିଛି ଯେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିରୋଧରେ ନିଜକୁ ରକ୍ଷା କରିବାର ଅଧିକାର ଇରାନର ରହିଛି। ଇରାନ ଅନ୍ତର୍ଜାତୀୟ ନିୟମ ଓ ଆଇନ୍ ଅନୁଯାୟୀ ଏହି ଆକ୍ରମଣର ଜବାବ ଦେବାକୁ ସ୍ୱାଧୀନ। ହମାସ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରିଛି ଯେ ସେମାନେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧକୁ ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ। କାତାର ଭଳି ଦେଶରେ ହମାସର ବହୁ ନେତା ଅବସ୍ଥାନ କରନ୍ତି। ସେମାନଙ୍କ ଉପରେ ଇରାନର ଆକ୍ରମଣ ପରେ ହମାସ ଏହି ଅପିଲ କରିଛି। ଏହି ସମ୍ବନ୍ଧରେ ହମାସ ଉପରେ କାତାରର କୂଟନୈତିକ ଚାପ ଥିବା ନେଇ ମଧ ଚର୍ଚ୍ଚା ହେଉଛି। ହମାସ ଇରାନର ଏକ ପ୍ରମୁଖ ସମର୍ଥକ ରହି ଆସିଛି। ପୂର୍ବରୁ ହମାସ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଉପରେ ଆକ୍ରମଣ ଓ ମୃତ୍ୟୁକୁ ନେଇ ନିନ୍ଦା କରିଥିଲା।

ବିବାହ ମଣ୍ଡପରୁ ଗ୍ୟାଙ୍ଗଷ୍ଟର ବରକୁ ଉଠାଇନେଲା ପୁଲିସ

ଭୋପାଳ, ୧୪।୩(ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଏକ ଅଭାବନୀୟ ତଥା ନାଟକୀୟ ଘଟଣା ଦେଖିବାକୁ ମିଳିଛି। ସେଠାରେ ପୁଲିସ ବାହାଘର ମଣ୍ଡପରେ ପଶି ଜଣେ ଗ୍ୟାଙ୍ଗଷ୍ଟର ବରକୁ ଗିରଫ କରିବା ସହ ଉଠାଇ ନେଇଛି। ଗିରଫ ହୋଇଥିବା ବରର ନାମ ଆକାଶ ନୀଳକଣ୍ଠ। ସେ ଭୋପାଳରେ ଭୂରା ନାମରେ ପରିଚିତ। ସେ ସହରରେ ସକ୍ରିୟ ଥିବା ଏକ ବେଆଇନ ଗ୍ୟାଙ୍ଗର ନେତା ବୋଲି ପୁଲିସ କହିଛି। ଏହି ଗ୍ୟାଙ୍ଗର ସଦସ୍ୟ ସେମାନଙ୍କ ବେକରେ ଇଲିଗାଲ ବୋଲି ଟାଟୁ କରିଥାନ୍ତି। ଆକାଶ ବିରୋଧରେ ହତ୍ୟା ଓ ଅପହରଣ ସମେତ ୩୧ଟି ମାମଲା ରହିଛି। ସେ ନିକଟରେ ଏକ ମନ୍ଦିରରେ ପୂଜକଙ୍କୁ ଅପହରଣ କରି ୮ ଲକ୍ଷ ଟଙ୍କା ଦାବି କରିଥିବା ଓ ତାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଲିସ ତାକୁ ଖୋଜୁଥିଲା। ପୂଜକ ଜଣକ ଖସି ଆସି ପୁଲିସରେ ଅଭିଯୋଗ କରିବା ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା। ବରକୁ ପୁଲିସ ନେଇଯିବା ପରେ, କନ୍ୟା ସୀମା ହାତରେ ମେହେନ୍ଦୀ ଓ ମୁହଁରେ ହଳଦୀ ଲଗାଇ ଥାନାରେ ପହଞ୍ଚିଥିଲେ। ସେ କାନ୍ଦି କାନ୍ଦି ପୁଲିସକୁ ଅନୁରୋଧ କରିଥିଲେ ଯେ, ତାଙ୍କର ଏଥିରେ କୌଣସି ଦୋଷ ନାହିଁ ଏବଂ ତାଙ୍କୁ ବାହାଘରର ରୀତିନୀତି ସାରିବା ପାଇଁ ଅନ୍ତତଃ ଦୁଇ ଘଣ୍ଟାର ସମୟ ଦିଆଯାଉ। କିନ୍ତୁ ପୁଲିସ ତାଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିଥିଲା। ପୁଲିସ ଆକାଶ ସହ ଅନ୍ୟ ୫ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ ପୁଲିସ ରିମାଣ୍ଡରେ ପଠାଯାଇଛି।

ଭଉଣୀକୁ ହତ୍ୟା କରିବା ପରେ ମା'ଙ୍କୁ ହତ୍ୟା ଉଦ୍ୟମ

ମୁରାଦାବାଦ୍, ୧୪।୩(ଏଜେନ୍ସି): ଉତ୍ତରପ୍ରଦେଶର ମୁରାଦାବାଦ୍‌ରେ ଜଣେ ୨୫ ବର୍ଷୀୟ ଇଞ୍ଜିନିୟର ନିଜ ଯାଆଁଳା ଭଉଣୀକୁ ଅତି ନିର୍ମମ ଭାବେ ହତ୍ୟା କରିବା ସହ ମା'ଙ୍କୁ ମଧ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଛନ୍ତି। ଅଭିଯୁକ୍ତ ଭାଇର ନାମ ହେଉଛି ହାର୍ଦ୍ଦିକ ଓ ମୃତ ଭଉଣୀର ନାମ ହିମାଶିଖା। ଦୁହେଁ ଗୁରୁଗ୍ରାମରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହିମାଶିଖା ଏମ୍‌ବିଏ ପଢୁଥିଲେ, କିନ୍ତୁ ହାର୍ଦ୍ଦିକ ପ୍ରାୟ ଦେଢ଼ ବର୍ଷ ହେବ ଚାକିରି ଛାଡ଼ି ସାମାଜିକ ଗଣମାଧ୍ୟମରେ ସମୟ ବିତାଉଥିଲେ। ହାର୍ଦ୍ଦିକ ସାମାଜିକ ଗଣମାଧ୍ୟମ ଜରିଆରେ ଜଣେ ମହିଳାଙ୍କ ସହ ବନ୍ଧୁତା କରିଥିଲେ ଏବଂ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ। ମା ଓ ଭଉଣୀ ତାଙ୍କୁ ସମ୍ପର୍କ ଅପେକ୍ଷା କ୍ୟାରିୟର ଉପାର ଧ୍ୟାନ ଦେବାକୁ ବାରମ୍ବାର ପରାମର୍ଶ ଦେଉଥିଲେ। ଗତ ମାର୍ଚ୍ଚ ୬ରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। କିନ୍ତୁ ଏଥିରେ ଉତ୍ୟକ୍ତ ହୋଇ ହାର୍ଦ୍ଦିକ ନିଜ ମା'ଙ୍କ ଅଫିସ୍‌କୁ ଯାଇଥିଲେ ଓ ଘରକୁ ଚାଲ, ତୁମ ପାଇଁ ଏକ ସରପ୍ରାଇଜ୍ ଅଛି, କହି ତାଙ୍କୁ ଘରକୁ ଆଣିଥିଲେ। ମା ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଝିଅକୁ ଦେଖି ଚିତ୍କାର କରିବାରୁ ହାର୍ଦ୍ଦିକ ତାଙ୍କୁ ମଧ ଆକ୍ରମଣ କରିଥିଲେ। ମା' ନୀଳିମା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ସେ ବିପଦ ମୁକ୍ତ ଅଛନ୍ତି। ପୁଲିସ ୨୪ ଘଣ୍ଟା ମଧ୍ୟରେ ହାର୍ଦ୍ଦିକଙ୍କୁ ଗିରଫ କରିଛି। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ହିମାଶିଖାଙ୍କ ଶରୀରରେ ୮୪ ଥର ଛୁରା ମାଡ଼ ହୋଇଥିଲା।

ଉତ୍ତର କୋରିଆର ଶକ୍ତି ପ୍ରଦର୍ଶନ



ଜାପାନ ସାଗରକୁ ନିକ୍ଷେପ କଲା ୧୦ ବାଲିଷ୍ଟିକ କ୍ଷେପଣାସ୍ତ୍ର

ପିୟୋଙ୍ଗୟାଙ୍ଗ, ୧୪।୩(ଏଜେନ୍ସି): ଉତ୍ତର କୋରିଆ ପାଖାପାଖି ୧୦ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଜାପାନ ସାଗର ଉପରକୁ ନିକ୍ଷେପ କରିଛି। ଏହି ଘଟଣା ସମଗ୍ର ଏସିଆ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରାଜଧାନୀ ପିୟୋଙ୍ଗୟାଙ୍ଗର ସୁନାନ ଅଞ୍ଚଳରୁ ଆଜି ଏହି କ୍ଷେପଣାସ୍ତ୍ରଗୁଡ଼ିକ ନିକ୍ଷେପ କରାଯାଇଥିଲା। ଏଗୁଡ଼ିକ ଜାପାନ ସାଗର ଆଡ଼କୁ ଗତି କରୁଥିଲା। ଏଗୁଡ଼ିକ ଜାପାନର 'ଏକ୍ସକ୍ଲୁସିଭ ଇକୋନୋମିକ୍ ଜୋନ' (ଇଇଜେଡ୍) ବାହାରେ ପଡ଼ିଥିବା ଆକଳନ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ଜାପାନ ସରକାର ଏକ ଜରୁରୀକାଳୀନ ସଙ୍କଟ ପରିଚାଳନା ଦଳ ଗଠନ କରିଛନ୍ତି। ଏହି ପରୀକ୍ଷଣ ଏପରି ସମୟରେ ହୋଇଛି, ଯେତେବେଳେ ଅମେରିକା ଓ ଦକ୍ଷିଣ କୋରିଆ ମଧ୍ୟରେ ବାର୍ଷିକ ଫ୍ରିଡମ୍ ସିଲ୍ଡ ମିଳିତ ସାମରିକ ଅଭ୍ୟାସ ଚାଲିଛି। ଏହି ସାମରିକ ଅଭ୍ୟାସକୁ ବିରୋଧ କରି ଉତ୍ତର କୋରିଆ ଏହି କ୍ଷେପଣାସ୍ତ୍ର ଛାଡ଼ିଥିବା କୁହାଯାଉଛି। ତେବେ ଦକ୍ଷିଣ କୋରିଆ ଏହାକୁ ଆକ୍ରମଣର ପୂର୍ବ ପ୍ରସ୍ତୁତି ବୋଲି ବିବେଚନା କରିଆସୁଛି। ଏହାଦ୍ୱାରା ଉତ୍ତର କୋରିଆ ନିଜର ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିବା ସହ ଅନ୍ତର୍ଜାତୀୟ ରାଜନୀତିରେ ନିଜର ଉପସ୍ଥିତି ଜାହିର କରିଥାଏ।

ହର୍ମୁଜ୍ ପ୍ରଣାଳୀ ପାର ହେଲା ଭାରତକୁ ଆସୁଥିବା ଦୁଇ ଜାହାଜ

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଅସ୍ଥିରତା ମଧ୍ୟରେ, ଭାରତର ଦୁଇଟି ଏଲପିଜି ଟ୍ୟାଙ୍କର ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛନ୍ତି। ଶିପିଂ କର୍ପୋରେସନ ଅଫ୍ ଇଣ୍ଡିଆ (ଏସ୍‌ସିଆଇ)ର ଦୁଇଟି ଜାହାଜ 'ଶିବାଲିକ' ଓ 'ନନ୍ଦା' ସଫଳତାର ସହ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ବାହାରିଛନ୍ତି। ଏହି ଜାହାଜଗୁଡ଼ିକରେ ପ୍ରାୟ ୯୨, ୭୦୦ ମେଟ୍ରିକ ଟନ୍ ଗ୍ୟାସ ରହିଛି। ଏହି ସୁରକ୍ଷିତ ଯାତ୍ରା ସମ୍ଭବ ହୋଇଛି ଭାରତର ତୀବ୍ର କୂଟନୈତିକ ପ୍ରୟାସ ଯୋଗୁଁ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହ ୪ଥର ଫୋନ୍‌ରେ କଥା ହୋଇଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ଇରାନର ରାଷ୍ଟ୍ରପତି ମାସୁଦ ପେଜେସକିଆନଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ। ମୋଟ ୨୮ଟି ଭାରତୀୟ ପତାକାଧାରୀ ଜାହଜ ଏହି ଅଞ୍ଚଳରେ ଅଟକି ରହିଥିଲା। ସେଥିମଧ୍ୟରୁ ଅନେକ ଏବେ ମଧ ସୁରକ୍ଷିତ ଯାତ୍ରା ପାଇଁ ଅପେକ୍ଷା କରିଛନ୍ତି। ୩ଜଗ ପ୍ରକାଶ' ନାମକ ଆଉ ଏକ ଜାହାଜ ମଧ ସୁରକ୍ଷିତ ଭାବେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ଶକ୍ତି ସମ୍ବଳର ଅବ୍ୟାହତ ଯୋଗାଣ ଭାରତ ପାଇଁ ସର୍ବାଧିକ ପ୍ରାଥମିକତା।

ଭାରତରେ ଅଟକି ରହିଥିବା ବିଦେଶୀ ନାଗରିକଙ୍କ ପାଇଁ ୩୦ ଦିନର ଭିସା ବୃଦ୍ଧି

ଦୁବାଇ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ଭାରତରେ ଯେଉଁ ନାଗରିକମାନେ ନିଜ ଦେଶକୁ ଫେରିପାରୁନାହାନ୍ତି, ସେମାନଙ୍କ ଭିସା ଅବଧିକୁ ଆଉ ୩୦ ଦିନ ପାଇଁ ବଢ଼ାଇ ଦିଆଯାଇଛି। ଏ ନେଇ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଫେବୃଆରୀ ୨୮ ପରଠାରୁ ଯଦି କୌଣସି ବିଦେଶୀ ନାଗରିକ ନିଜ ଭିସା ଅବଧିଠାରୁ ଅଧିକ ସମୟ ରହିଛନ୍ତି ଅର୍ଥାତ ଓଭରଷ୍ଟେ କରିଛନ୍ତି, ତେବେ ସେଥିପାଇଁ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ନାହିଁ। ଯାତ୍ରା ବାଧାପ୍ରାପ୍ତର ସମ୍ମୁଖୀନ ହୋଇଥିବା ବିଦେଶୀମାନଙ୍କୁ ଭାରତ ଛାଡ଼ିବା ପାଇଁ ମାଗଣାରେ 'ଏକଜିଟ୍ ପରମିଟ୍' ପ୍ରଦାନ କରାଯିବ। ପୁଣି ଯଦି କୌଣସି ବିମାନର ଗତିପଥ ପରିବର୍ତ୍ତନ ଯୋଗୁଁ କେହି ବିଦେଶୀ ନାଗରିକ ହଠାତ ଭାରତରେ ପହଞ୍ଚନ୍ତି, ତେବେ ସେମାନଙ୍କୁ ମାଗଣାରେ ଅସ୍ଥାୟୀ ଲ୍ୟାଣ୍ଡିଂ ପରମିଟ୍ ଦିଆଯିବ। ସେହିପରି ଯଦି କେହି ପରିସ୍ଥିତି ଯୋଗୁଁ ଭିସା ସମ୍ପ୍ରସାରଣ ପାଇଁ ଆବେଦନ କରିପାରୁ ନାହାନ୍ତି, ତାହାକୁ ଆଇନ୍‌ର ଉଲ୍ଲଂଘନ ବୋଲି ଧରାଯିବ ନାହିଁ। ସୂଚନା ଯୋଗ୍ୟ ଯେ, ଫେବୃଆରୀ ୨୮ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ଯୋଗୁଁ ସାରା ମଧ୍ୟପ୍ରାଚ୍ୟରେ ସୁରକ୍ଷା ସଙ୍କଟ ଦେଖାଦେଇଛି। ଏହି କାରଣରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। ଫଳରେ ବିଦେଶୀ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

୪ଟି ଆଇଆର୍ଏନ୍ଏସ୍ଏସ୍ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ଭାରତର ସ୍ୱଦେଶୀ ନାଭିଗେସନ ସାଟେଲାଇଟ୍ ସିଷ୍ଟମ (ଏନ୍ଏଭିଆଇସି)କୁ ଏକ ବଡ଼ ଝଟ୍‌କା ଲାଗିଛି। ୪ଟି କାର୍ଯ୍ୟରତ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ ହୋଇଛି, ଯାହା ଲଞ୍ଚ୍ ହେବାର ପ୍ରାୟ ୧୦ ବର୍ଷ ପରେ ଘଟିଛି ବୋଲି ଇଣ୍ଡିଆନ ସ୍ପେଶ ରିସର୍ଚ୍ଚ ଅର୍ଗାନାଇଜେସନ (ଇସ୍ରୋ) ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଉପଗ୍ରହ ୨୦୧୬ ମାର୍ଚ୍ଚ ୧୦ରେ ଲଞ୍ଚ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହି ଉପଗ୍ରହ ୩ଟି ଆଣବିକ ଘଡ଼ି ସହିତ କାର୍ଯ୍ୟ କରୁଥିଲା, କିନ୍ତୁ ସମୟ କ୍ରମେ ଏଗୁଡ଼ିକ ଅକାମୀ ହୋଇଥିଲା। ଶେଷରେ, ଏହାର ଏକମାତ୍ର ସକ୍ରିୟ ଆଣବିକ ଘଡ଼ିଟି ବିଫଳ ହେବା ପରେ ଏହି ଉପଗ୍ରହ ନିଜର କାର୍ଯ୍ୟକ୍ଷମତା ହରାଇଛି। ଏନ୍ଏଭିଆଇସି ସିଷ୍ଟମ ସଠିକ ଭାବେ କାର୍ଯ୍ୟ କରିବା ପାଇଁ ଓ ସେବା ପ୍ରଦାନ କରିବା ପାଇଁ ଅତିକମ୍‌ରେ ୪ଟି ଉପଗ୍ରହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାରେ ରହିବା ଆବଶ୍ୟକ। ଏହି ଉପଗ୍ରହର ବିଫଳତା କାରଣରୁ ରେଳବାଇ, ସାମରିକ କାର୍ଯ୍ୟ ଓ ସାଧାରଣ ନାଗରିକଙ୍କ ପାଇଁ ନେଭିଗେସନ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଏହି ଉପଗ୍ରହ ତା'ର ୧୦ ବର୍ଷର କାର୍ଯ୍ୟକାଳ ପୂରଣ କରିବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛି। ଏହି ବିଫଳତା ପରେ ଇସ୍ରୋ ପକ୍ଷରୁ ନୂତନ ଉପଗ୍ରହ ଲଞ୍ଚ୍ କରିବା କିମ୍ବା ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ କାର୍ଯ୍ୟ କରାଯିବ ବୋଲି ଆଶା କରାଯାଉଛି।

ଭିସା ପାଇବାକୁ ଡକାୟତି ନାଟକ: ଆମେରିକାରେ ୧୧ ଭାରତୀୟ ଗିରଫ

ନୂଆଦିଲ୍ଲୀ/ୱାସିଂଟନ, ୧୪।୩(ଏଜେନ୍ସି): ଆମେରିକାରେ ରହିବା ପାଇଁ ଭିସା ପାଇବା ଆଶାରେ ୧୧ଜଣ ଭାରତୀୟ ନାଗରିକ ମିଳିତ ଭାବେ ନକଲି ସଶସ୍ତ୍ର ଡକାୟତିର ଯୋଜନା କରି ଗିରଫ ହୋଇଛନ୍ତି। ସେମାନଙ୍କ ବିରୋଧରେ ଭିସା ଠକେଇ ଅଭିଯୋଗ ଆସିଛି। ଆମେରିକାରେ ୟୁ- ଭିସା ନାମକ ଏକ ସ୍ୱତନ୍ତ୍ର ସୁବିଧା ରହିଛି। ଯଦି କୌଣସି ବିଦେଶୀ ନାଗରିକ ସେଠାରେ କୌଣସି ଗୁରୁତର ଅପରାଧର ଶିକାର ହୁଅନ୍ତି ଏବଂ ତଦନ୍ତରେ ପୁଲିସକୁ ସାହାଯ୍ୟ କରନ୍ତି, ତେବେ ସେମାନଙ୍କୁ ଏହି ଭିସା ମିଳିଥାଏ। ଏହି ସୁବିଧା ହାସଲ କରିବା ପାଇଁ ଏହି ବ୍ୟକ୍ତିମାନେ ନିଜକୁ ଅପରାଧର ଶିକାର ଭାବେ ଦର୍ଶାଇବାକୁ ଚାହୁଁଥିଲେ। ଏମାନେ ବିଭିନ୍ନ ମଦ ଦୋକାନ, ଫାଷ୍ଟ-ଫୁଡ୍ ରେସ୍ତୁରାଁ ଏବଂ କନଭିନିଏନ୍ସ ଷ୍ଟୋରରେ ଅତି କମ୍‌ରେ ୬ଟି ନକଲି ଡକାୟତି କରିଥିଲେ। ଜଣେ ବ୍ୟକ୍ତି ନକଲି ବନ୍ଧୁକ ଧରି ଦୋକାନକୁ ପଶୁଥିଲା ଓ କ୍ୟାସ କାଉଣ୍ଟରରୁ ଟଙ୍କା ନେଇ ଫେରାର ହୋଇଯାଉଥିଲା। ଏହି ସମସ୍ତ ଦୃଶ୍ୟକୁ ସିସିଟିଭି କ୍ୟାମେରାରେ ରେକର୍ଡ କରାଯାଉଥିଲା, ଯେମିତି ଏହା ଏକ ପ୍ରକୃତ ଅପରାଧ ଭଳି ଦେଖାଯିବ। ଡକାୟତି ପରେ ଦୋକାନୀମାନେ ଜାଣିଶୁଣି ୫ ମିନିଟ ବିଳମ୍ବରେ ପୁଲିସକୁ

ଖବର ଦେଉଥିଲେ ଓ ଏହା ଦ୍ୱାରା ଡକାୟତ ସହଜରେ ଖସି ପଳାଇବ। ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନକାରୀମାନେ ଟଙ୍କା ଦେଉଥିଲେ। ସେହି ଟଙ୍କାକୁ ମୁଖ୍ୟ ଆୟୋଜକ ଓ ଦୋକାନ ମାଲିକଙ୍କ ମଧ୍ୟରେ ଭାଗ କରାଯାଉଥିଲା। ଯଦି ଭିସା ଠକେଇ ଅଭିଯୋଗ ପ୍ରମାଣିତ ହୁଏ, ତେବେ ଅଭିଯୁକ୍ତମାନଙ୍କୁ ୫ ବର୍ଷ ଜେଲଦଣ୍ଡ ଓ ପ୍ରାୟ ୨, ୫୦, ୦୦୦ ଡଲାର ଅର୍ଥାତ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଏଫ୍‌ବିଆଇ ଓ ଆମେରିକାର ଇମିଗ୍ରେସନ ବିଭାଗ ମିଳିତ ତଦନ୍ତ ପରେ ଏହି ଜାଲିଆତି ଧରାପଡ଼ିଥିଲା। ଏହି ୧୧ ଜଣ ଭାରତୀୟ ଅତିକମ୍‌ରେ ୬ଟି ନକଲି ଡକାୟତି ଘଟଣା ଯୋଜନା କରିଥିଲେ। ଅଭିଯୋଗ ଅନୁସାରେ ଯେଉଁମାନେ ଏହି ଯୋଜନାରେ ଯୋଗ ଦେଉନଥିଲେ, ସେମାନେ ଟଙ୍କା ଦେଇ ଏଥିରେ ଭାଗ ନେଉ ନ ଥିଲେ। ଏହା ମାଧ୍ୟମରେ ସେମାନେ ନିଜକୁ ଡକାୟତିର ଶିକାର ବୋଲି ଦେଖାଇ ୟୁ-ଭିସା ପାଇବାକୁ ଚେଷ୍ଟା କରୁଥିଲେ। ଏହି ଅଭିଯୁକ୍ତ ମାନେ କେଣ୍ଟକି, ମିଜୋରି, ଓହିୟୋ ରାଜ୍ୟରେ ଗିରଫ ହୋଇଛନ୍ତି।

ରାଜ୍ୟସଭା ନିର୍ବାଚନ

ଭୋଟିଂ ପୂର୍ବରୁ ବିଧାନସଭାରେ 'ମକ୍-ପୋଲ୍'

ଭୁବନେଶ୍ୱର,୧୪।୩(ସମିସ): ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିଧାନସଭାରେ ହୋଇଛି ମକ୍‌ପୋଲିଂ। ସବୁ ଦଳର ବିଧାୟକମାନେ ଏହି ମକ୍ ପୋଲିଂରେ ସାମିଲ ହୋଇଛନ୍ତି। ବରିଷ୍ଠ ତଥା ଅଭିଜ୍ଞ ବିଧାୟକମାନେ ନିଜ ନିଜ ଦଳର ସଦସ୍ୟମାନଙ୍କୁ ଭୋଟ୍‌ଦାନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବା ବେଳେ ବିଧାନସଭା ସଚିବାଳୟ ପକ୍ଷରୁ ମଧ୍ୟ ବିଧାୟକମାନଙ୍କର ସମସ୍ତ ଦ୍ୱନ୍ଦ୍ୱ ଦୂର କରାଯାଇଛି। ସକାଳେ ବିଜେଡି ବିଧାୟକମାନେ ବିଧାନସଭାରେ ପହଞ୍ଚି ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ନିଜେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ବହୁ ବରିଷ୍ଠ ନେତା ଏହି ସମୟରେ ଉପସ୍ଥିତ ରହିଥିଲେ। ନବୀନ ଉପସ୍ଥିତ ରହି ନିଜ ଦଳର ବିଧାୟକମାନଙ୍କ ମକପୋଲିଂ ପ୍ରକ୍ରିୟାର ନିରୀକ୍ଷଣ କରିଥିବା ବେଳେ

'ମକ୍ ପୋଲ୍' ପରେ ଦଳୀୟ ବିଧାୟକଙ୍କ ସହ ବିଧାନସଭା ବାହାରକୁ ଆସୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

ଚଳିତ ଓଡ଼ିଶା ବିଧାନସଭାରେ ସବୁ ଦଳରୁ ବିଧାନସଭାରେ ୮୨ ଜଣ ଫାଷ୍ଟଟାଇମର ବିଧାୟକ ରହିଛନ୍ତି। ବିଜେପିରୁ ସର୍ବାଧିକ ୫୨ ଜଣ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହିତ ଶେଷ ଥର ପାଇଁ ଓଡ଼ିଶାରେ ୨୦୧୪ ମସିହାରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ଏହି ଭୋଟ୍‌ଦାନ ପ୍ରକ୍ରିୟାକୁ ନେଇ ସବୁ ଦଳ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। କିପରି ବିଧାୟକମାନଙ୍କର ଭୋଟ୍ ନାକଚ ନ ହେବ ସେନେଇ ଅଭିଜ୍ଞ ବିଧାୟକମାନେ ତାଲିମ ଦେଉଛନ୍ତି।

■ ସାମିଲ ହେଲେ ସବୁ ଦଳର ବିଧାୟକ
■ ବିଜେଡିର ଦଳୀୟ ଏଜେଣ୍ଟ ରହିବେ ପ୍ରତାପ ଦେବ

ବିଜେଡି ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ମଧ୍ୟ ଏଠାରେ ଉପସ୍ଥିତ ରହିଥିଲେ। ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ ବିଧାୟକମାନଙ୍କୁ ପୋଲିଂ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଛନ୍ତି।

ଅନ୍ୟପଟେ ମଧ୍ୟାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସମେତ ବିଧାୟକ ସାଗର ଦାସ ଓ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବିଧାନସଭାରେ ପହଞ୍ଚି ପ୍ରଶିକ୍ଷଣ ନେଇଛନ୍ତି। ସନ୍ଧ୍ୟାରେ ବିଜେପି ବିଧାୟକମାନେ ମଧ୍ୟ ମକ୍‌ପୋଲିଂରେ ସାମିଲ ହୋଇଛନ୍ତି।

ରାଜ୍ୟସଭା ନିର୍ବାଚନରେ 'ଓପନ ବାଲଟ' ପ୍ରକ୍ରିୟାରେ ଭୋଟିଂ ହେଉଥିବା ବେଳେ ପ୍ରଥମ ପସନ୍ଦ ଓ ଦ୍ୱିତୀୟ ପସନ୍ଦ ଭୋଟ୍‌କୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ରହିଥାଏ। ଏହାସହିତ ଭୋଟ୍ ଦାନ ପରେ ଦଳୀୟ ଏଜେଣ୍ଟଙ୍କୁ ଦେଖାଇବା ପରେ ଭୋଟବାକ୍ସରେ ବାଲଟ ପକାଇବାକୁ ଥିବାରୁ ଏହା ମଧ୍ୟ ଗୁରୁତ୍ୱ ବହନ କରିଥାଏ। ତେଣୁ କିପରି ବିଧାୟକମାନେ ସନ୍ଦେହରେ ନପଡ଼ିବେ ତାହାର ମଧ୍ୟ ଦ୍ୱନ୍ଦ୍ୱ ଦୂର କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ବିଜେଡି ପକ୍ଷରୁ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ୍ ବିଜେଡି ଏଜେଣ୍ଟ ଭାବେ ନିଯୁକ୍ତି ପାଇପାରନ୍ତି। ସେହିପରି ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବିଜେଡି ପ୍ରାର୍ଥୀଙ୍କ ପୋଲିଂ ଏଜେଣ୍ଟ ଭାବେ ନିଯୁକ୍ତି ପାଇଥିବା ଜଣାପଡ଼ିଛି। ଏହାସହିତ କଂଗ୍ରେସ ପକ୍ଷରୁ ନିଜେ ପିସିସି ସଭାପତି ଭକ୍ତ ଚରଣ ଦାସ ଏଜେଣ୍ଟ ଭାବେ ସେଠାରେ ଉପସ୍ଥିତ ରହିବା ନେଇ ବିଚାର କରୁଥିବା ବେଳେ ବିଜେପି ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏଜେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି।

ନିଶା ନେଲା ୨ ଜୀବନ

ସ୍ତ୍ରୀକୁ ଲୁହା ପାଇପ୍‌ରେ ପିଟିପିଟି ମାରିଦେଲା

କରଞ୍ଜିଆ, ୧୪।୩ (ସମିସ): ନିଶା ପୁଣି ଏକ ପରିବାର ଉଜାଡ଼ିଛି। ନିଶାସକ୍ତ ସ୍ୱାମୀ ଏକ ଲୁହା ପାଇପ୍‌ରେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଛି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ବାଟପଲସା ପଞ୍ଚାୟତ ସାନଶିଆଳି ନଈ ଗ୍ରାମର ପୁନର୍ବାସ କଲୋନୀରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଇଚ୍ଛାବତୀ ଦେହୁରୀ (୪୫)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବଳଭଦ୍ର ଦେହୁରୀକୁ ଗିରଫ କରିଛି।

ସୂଚନାନୁଯାୟୀ, ଦୁଧିଆଣି ପଞ୍ଚାୟତର ରାମଯୋଡ଼ି ଗ୍ରାମରେ ବସବାସ କରୁଥିବା ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ସ୍ୱେଚ୍ଛାକୃତ ପୁନର୍ବାସ ଯୋଜନାରେ ବନ ବିଭାଗ ପକ୍ଷରୁ ସାନଶିଆଳି ନଈ ଗ୍ରାମରେ କଲୋନୀ କରି ଥଇଥାନ କରାଯାଇଥିଲା। ଶୁକ୍ରବାର ରାତିରେ କଲୋନୀର ବଳଭଦ୍ର ଦେହୁରୀ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଇଚ୍ଛାବତୀଙ୍କ ସହ ପାଟିତୁଣ୍ଡ କରିଥିଲା। ପରେ ଉତ୍ତେଜିତ ହୋଇ ବଳଭଦ୍ର ଏକ ଲୁହା ପାଇପ୍‌ରେ ଇଚ୍ଛାବତୀଙ୍କୁ ଆକ୍ରମଣ କରି ବାମ ଜଂଘ ଓ ମୁଣ୍ଡ ଫଟାଇ ଦେଇଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ରାତିରେ ଇଚ୍ଛାବତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳେ ଖବର ପାଇ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ, ଉପ-ଆରକ୍ଷୀ ନିରୀକ୍ଷକ, ତଦନ୍ତକାରୀ ଅଧିକାରୀ ସୁଧାଂଶୁ ଶେଖର ସେଠି ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ପାଇପ ଓ ମୋବାଇଲ ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

ସାଙ୍ଗଙ୍କୁ ମିଳିମିଶି ମାରିଦେଲେ

ବଲାଙ୍ଗିର, ୧୪।୩ (ସମିସ): ବଲାଙ୍ଗିର ସଦର ଥାନା ରିନବଚନ ଗାଁରେ ଯୁବକଙ୍କୁ ନିଶାସକ୍ତ ଅବସ୍ଥାରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ରିନବଚନ ଗାଁର ଦୀପକ ନାଏକ(୨୬)। ଶୁକ୍ରବାର ରାତିରେ କାମରୁ ଫେରି ଦୀପକ ସାଙ୍ଗମାନଙ୍କ ସହ ଭୋଜିଭାତ କରିଥିଲେ। ସେମାନେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଦୀପକ ନିକଟସ୍ଥ ଏକ ଗୋଦାମରେ କାମ କରନ୍ତି। ହୋଲି ସମୟରେ ସ୍ଥାନୀୟ କିଛି ଯୁବକଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଅବଶ୍ୟ ସେ ଘଟଣା ସମାଧାନ ହୋଇଥିଲା। ଶୁକ୍ରବାର ସେ କାମରୁ ଫେରିବା ପରେ ଘରୁ କିଛି ସମୟ ପରେ ଆସୁଛି କହି ବାହାରକୁ ଯାଇଥିଲେ। ଗାଁରେ ସକାଳୁ ଏକ ବାହାଘର ଥିଲା। ସନ୍ଧ୍ୟାରେ ସେ ସାଙ୍ଗମାନଙ୍କ ସହ ଭୋଜିଭାତ କରି ନିଶା ଆସର ଜମାଇଥିବା ଆଲୋଚନା ହେଉଛି। ଏହି ସମୟରେ କୌଣସି ଏକ ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ତେବେ ହତ୍ୟା ପରେ ତାଙ୍କ ଶବକୁ ଏକ ଜମିରେ ଛାଡ଼ି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ତାଙ୍କ ଦୁଇ ଭାଇ ଖୋଜାଖୋଜି କରିଥିଲେ। ଜମିରେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ଏକାଧିକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଯଦିଓ ଏହି ଘଟଣାର କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ, ତଥାପି ପୁଅକୁ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାରଲୋକେ ଦାବି କରିଛନ୍ତି।

ବିଦ୍ୟୁତ୍ ଆଘାତରେ ଦନ୍ତାର ଜୀବନ ଗଲା

ଢେଙ୍କାନାଳ, ୧୪।୩ (ସମିସ): ଢେଙ୍କାନାଳ ବନଖଣ୍ଡ ବିମ୍ପୋଳ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ବିମ୍ପୋଳ ଗ୍ରାମର ଚାଷୀ କୈଳାସ ପ୍ରଧାନ ହାତୀବାରୀଠାରେ ତାଙ୍କ ୧୦ ଏକର ଜମିରେ ମକା, କାକୁଡ଼ି, କଲରା, ବାଇଗଣ ଆଦି ଚାଷ କରିଥିଲେ। ତେବେ ବାରମ୍ବାର ହାତୀ ଫସଲ ନଷ୍ଟ କରୁଥିବାରୁ ସୁରକ୍ଷା ପାଇଁ ସୋଲାର ସେ ତାରବାଡ଼ ଦେଇଥିଲେ। ଶନିବାର ସକାଳେ ତାରବାଡ଼ ନିକଟରେ ଦନ୍ତାହାତୀର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ହାତୀର ଶୁଣ୍ଢ ଓ ଗୋଡ଼ରେ ସୋଲାର ତାର ଲାଗିଥିବାରୁ ଏହା ସଂସ୍ପର୍ଶରେ ଆସି ତା'ର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ସୋଲାର୍ ତାରବାଡ଼ ଲଗାଇଥିବା କୈଳାସ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ମୃତ ଦନ୍ତାହାତୀର ଗୋଟିଏ ଦାନ୍ତ ରହିଛି। ବୟସ ୧୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

ଗ୍ରାମବାସୀଙ୍କ ସୂଚନାନୁସାରେ, ଫସଲ ସୁରକ୍ଷା ପାଇଁ ସରକାରୀ ସ୍ତରରେ ସୋଲାର ତାରବାଡ଼କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସେଥିରେ ଲାଗି ହାତୀ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ବନଖଣ୍ଡ ପ୍ରାୟ ୧୭୩୭ବର୍ଗ କିଲୋମିଟର ଅଞ୍ଚଳରେ ପରିମିତ। ଏହି ଜଙ୍ଗଲରେ ୩ଶହରୁ ଅଧିକ ହାତୀ ରହୁଛନ୍ତି। ଢେଙ୍କାନାଳ ହାତୀଙ୍କ ସହ ପଡ଼ୋଶୀ ଜିଲ୍ଲା କେଉଁଝର, କଟକ ଆଠଗଡ଼ରୁ

ହାତୀ ଏହି ଜଙ୍ଗଲରେ ଚଳପ୍ରଚଳ କରୁଥିବାରୁ ମୋଟ ସଂଖ୍ୟା ୪ଶହରୁ ଅଧିକ ରହିଛି। ତେବେ ଢେଙ୍କାନାଳ ବନଖଣ୍ଡ ଏବେ ହାତୀଙ୍କ ମୃତ୍ୟୁଯନ୍ତା ପାଲଟିଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୦୫-୦୬ ମସିହାରୁ ୨୦୨୨-୨୩ ସୁଦ୍ଧା ମୋଟ ୧୫୦ରୁ ଅଧିକ ହାତୀଙ୍କ ଜୀବନ ଗଲାଣି। ଏ ନେଇ ପରିବେଶବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ ପଦୋନ୍ନତିରେ ବାଧକ ନୁହେଁ: ହାଇକୋର୍ଟ

କଟକ, ୧୪।୩ (ସମିସ): କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆଧାରରେ ଜଣେ କର୍ମଚାରୀଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ପଦୋନ୍ନତିରୁ ବଞ୍ଚିତ ଜଣେ ଗ୍ରୁପ୍-ଡି' ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଏଥିସହ ଅଯଥାରେ ଏହି ମାମଲା ଅଦାଳତ ପର୍ଯ୍ୟନ୍ତ ଟଣାଯାଇଥିବାରୁ ପ୍ରତିପକ୍ଷ ରାଜ୍ୟ ସରକାର ୨୫ହଜାର ଟଙ୍କା ଦଣ୍ଡ ରାଶି ଆବେଦନକାରୀ କର୍ମଚାରୀଙ୍କୁ ପଇଠ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିରଞ୍ଜନ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ପିଛିଲା ଭାବେ ଗତ ୨୦୧୪ ମସିହାରୁ ପଦୋନ୍ନତି ପ୍ରଦାନ କରାଯିବ। ସେହିଭଳି ଜରିମାନା ଅର୍ଥ ଦେବାରେ ବିଳମ୍ବ ହେଲେ ପ୍ରଥମ ମାସ ପାଇଁ ଦୈନିକ ୨୫୦ ଟଙ୍କା ଓ ପରବର୍ତ୍ତୀ ମାସ ପାଇଁ ଦୈନିକ ୫୦୦ ଟଙ୍କା ଲେଖାଁଏ ଦାୟୀ ଅଧିକାରୀଙ୍କ ଦରମାରୁ ଜରିମାନା ଆଦାୟ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ଆବେଦନକାରୀଙ୍କୁ ସରକାର ଗଣିବେ ୨୫ ହଜାର ଦଣ୍ଡ

ମାମଲାରେ ସେକ୍ସପିୟର, ରବୀନ୍ଦ୍ରନାଥ ଟାଗୋର ଏବଂ ଶ୍ରୀମଦ ଭଗବଦ୍ ଗୀତାର ପ୍ରସଙ୍ଗ ଉଦ୍ଧାର କରି ଜ୍ଞାନ ଆହରଣର ମହତ୍ତ୍ୱ ବୁଝାଇଥିଲେ ହାଇକୋର୍ଟ। ଓଡ଼ିଶା ଛୁଟି ନିୟମ ଅନୁଯାୟୀ 'ଷ୍ଟଡି ଲିଭ୍' ନେବା ଏବଂ ବିନା ଛୁଟିରେ ପାଠ ପଢ଼ିବା ଦୁଇଟି ଭିନ୍ନ କଥା। ଯଦି ଜଣେ ବ୍ୟକ୍ତି ନିଜ କାର୍ଯ୍ୟରେ ବାଧା ସୃଷ୍ଟି ନକରି ନିଜର ଜ୍ଞାନ ବୃଦ୍ଧି କରୁଛନ୍ତି, ତେବେ ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଜଣେ ବ୍ୟକ୍ତିର 'ଜୀବନ ଧାରଣ ଅଧିକାର'ର ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜଣେ ଗ୍ରୁପ୍-ଡି' କର୍ମଚାରୀ (ପିଅନ) ୨୦୧୪ ମସିହା ପଦୋନ୍ନତି କମିଟି (ଡିପିସି) ଦ୍ୱାରା ଜୁନିୟର ଆସିଷ୍ଟାଣ୍ଟ ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ଥିଲେ। ମାତ୍ର ଚାକିରି କରିଥିବା ବେଳେ ସେ ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ହେତୁ ଏହି ଆଧାରରେ ତାଙ୍କୁ ପଦୋନ୍ନତି ଦିଆଯାଇନଥିଲା। ଏହାବିରୋଧରେ ସେ ପ୍ରଥମେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଏବଂ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେଉଁଠାରୁ ମାମଲାଟି ପୁଣିଥରେ ଶୁଣାଣି ପାଇଁ ହାଇକୋର୍ଟଙ୍କୁ ଆସିଥିଲା।

ଜେଲ୍‌ରେ 'ଆଜୀବନ' କଏଦୀଙ୍କ ଆତ୍ମହତ୍ୟା

ବଲାଙ୍ଗିର,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ଜେଲ୍‌ରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଶନିବାର ଭୋର୍ ସାଢ଼େ ୪ଟାରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ, ବଲାଙ୍ଗିର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ୍ ଗୋପାଳ। ସ୍ତ୍ରୀ ରଜନୀ ସାହୁ (୨୬)କୁ ହତ୍ୟା ଅଭିଯୋଗରେ ପୁଲିସ ତାଙ୍କୁ ୨୦୨୧ ଜୁନ୍ ୭ରେ ଗିରଫ କରିଥିଲା। ୨୦୨୩ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ନିକଟରେ ସେ ଜଣେ ଅନ୍ତେବାସୀଙ୍କୁ ମରଣାନ୍ତକ ଆକ୍ରମଣ କରଥିଲେ। ଏହା ପରେ ତାଙ୍କୁ କଡ଼ା ସୁରକ୍ଷାବଳୟରେ ରଖାଯାଇଥିଲା। ତାଙ୍କ ଆତ୍ମହତ୍ୟା ପରେ ଜେଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ତାଙ୍କ ପରିବାରଲୋକ ମଧ୍ୟ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଆତ୍ମହତ୍ୟା କରିନାହାନ୍ତି, ତାଙ୍କ ସହ ଅନ୍ୟ କିଛି ଘଟଣା ଘଟିଛି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ପରିବାରଲୋକ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଶବ ରଖି ନ୍ୟାୟ ମାଗିଥିଲେ। ବାପା ସୁଦର୍ଶନ ସାହୁ, ମା' ଦହନା ସାହୁ ଓ ଭାଇ ବିବେକ ସାହୁ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

■ ସ୍ତ୍ରୀକୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ
■ ସ୍ୱତନ୍ତ୍ର ସୁରକ୍ଷାବଳୟରେ ଥିଲେ
■ ଅନ୍ତେବାସୀଙ୍କୁ ଆକ୍ରମଣ କରିଥିଲେ
■ ଶବ ରଖି ଜିଲ୍ଲାପାଳଙ୍କ ଅଫିସ ଆଗରେ ପରିବାରଲୋକଙ୍କ ଧାରଣା

ଜେଲ୍‌ର ଉଚ୍ଚ ସୁରକ୍ଷା ବ୍ଲକ୍-୧ର ୱାର୍ଡ ନଂ - ୨ରେ ସେ ରହୁଥିଲେ। କାନ୍ଥରେ ଲାଗିଥିବା ଏକ ପଙ୍ଖାଝୁଲା କ୍ଲାମ୍ପରେ ଗାମୁଛା ଧଡିକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୫ଟା ୩୦ରେ ଜେଲ୍ ଅଧୀକ୍ଷକ ଏ ସଂପର୍କରେ ସୂଚନା ପାଇଥିଲେ। ପରେ ଅଧୀକ୍ଷକ ଉମାଶଙ୍କର ମାଝୀ ୱାର୍ଡକୁ ଯାଇଥିଲେ। ପରେ ଜେଲ୍‌ରେ ନିୟୋଜିତ ଫାର୍ମାସିଷ୍ଟ ଶିବ ନାରାୟଣ କବିଙ୍କୁ ଡକାଇ ସେ ଜୀବିତ ନା ମୃତ ତାହା ପରୀକ୍ଷା କରାଇଥିଲେ। ଗୋପାଳ ମୃତ ବୋଲି ଫାର୍ମାସିଷ୍ଟ ଜଣକ ଆଶଙ୍କା କରିବା ପରେ ଜେଲ୍ ଅଧୀକ୍ଷକ ପୁଲିସକୁ ଖବର ଦେଇଥିଲେ। ଏହା ପରେ କୌଣସି ଡାକ୍ତରୀ ରିପୋର୍ଟକୁ ଅପେକ୍ଷା ନକରି ଅଧୀକ୍ଷକ ଶ୍ରୀ ମାଝୀ ପଞ୍ଚନାମା କରାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଅତି ନିକଟରେ ଥିବା ଜିଲ୍ଲା ମୁଖ୍ୟାଳୟକୁ ନ ନେବା, ଫାର୍ମାସିଷ୍ଟ ମୃତ ଘୋଷଣା କରିବା, ବିନା ଡାକ୍ତରୀ ରିପୋର୍ଟରେ ପଞ୍ଚନାମା କରାଇବାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଯୌତୁକ ପାଇଁ ସେ ତାଙ୍କ ସ୍ତ୍ରୀକୁ ହତ୍ୟା କରିଥିବା ସଦର ଥାନାରେ ଶାଳକ ଅଭିଯୋଗ କରିଥିଲେ। ଏହି ଘଟଣାର ଶୁଣାଣି କରି ବଲାଙ୍ଗିର ଅତିରିକ୍ତ ଜିଲ୍ଲା ଜଜ (ପ୍ରଥମ) ୨୦୨୩ ନଭେମ୍ବର ୨୯ ତାରିଖରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ସେହିଦିନଠାରୁ ଗୋପାଳ ବଲାଙ୍ଗିର ଜେଲ୍‌ରେ ରହିଥିଲେ। ଗତ ଫେବୃୟାରୀ ୨୦ ତାରିଖରେ ସର୍ତ୍ତମୂଳକ ଜାମିନରେ ଘରକୁ ଯାଇ ମାର୍ଚ୍ଚ ୭ ତାରିଖରେ ଫେରିଥିଲେ।

ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

୧୫୬୭ଟି ମାମଲାର ସମାଧାନ ଓ ୧୨.୮୩ କୋଟି ଟଙ୍କାର କ୍ଷତିପୂରଣ ସ୍ଥିରୀକୃତ

କଟକ, ୧୪।୩ (ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି ଆନୁକୂଲ୍ୟରେ ଆଜି ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ମାମଲାର ବିଚାର କରାଯାଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୫୬୭ଟି ମାମଲାର ଫଇସଲା କରାଯାଇଛି। ମାମଲାଗୁଡ଼ିକରେ ମୋଟ ୧୨ କୋଟି ୮୩ ଲକ୍ଷ ୨୪ ହଜାର ୧୭୨ ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟତଃ ବୀମା ଦାବି, ଚେକ୍-ବାଉନ୍ସ, ବିଦ୍ୟୁତ୍ ସମ୍ବନ୍ଧୀୟ ବିବାଦ, ଜମି ଅଧିଗ୍ରହଣ ଏବଂ ପାରିବାରିକ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ମୋଟ ୮ଟି କୋର୍ଟରେ ମାମଲାଗୁଡ଼ିକ ବିଚାର କରାଯାଇଥିଲା। ଜଷ୍ଟିସ କେ. ଆର୍. ମହାପାତ୍ର, ଜଷ୍ଟିସ ବି.ପି ରାଉତରାୟ, ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ଆଦିତ୍ୟ କୁମାର. ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ଏମ. ଏସ. ରମଣ, ଜଷ୍ଟିସ ସଂଜୟ କୁମାର. ମିଶ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତ ରଂଜନ ଦାଶ ଓ ଜଷ୍ଟିସ ଶିବଶଙ୍କର ମିଶ୍ର ମାମଲାଗୁଡ଼ିକ ବିଚାର କରିଥିଲେ। ଏହି ଅଦାଲତରେ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ-ଇଣ୍ଡିଆ ଆସୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଓ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ ସମେତ ବିଭିନ୍ନ ଘରୋଇ ବୀମା କମ୍ପାନୀ, ବ୍ୟାଙ୍କ ଅଧିକାରୀ, ଜମି ଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ନିଯୁକ୍ତି ବୟସ ୪୨କୁ ବଢ଼ାଇଲା ପିଏସ୍‌ୟୁ

ଭୁବନେଶ୍ୱର,୧୪।୩(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର ବଢ଼ାଇଥିଲେ ମଧ୍ୟ ପିଏସ୍‌ୟୁଗୁଡ଼ିକ ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ କରୁନଥିଲେ। ଏକାଧିକବାର ଖବର ପ୍ରକାଶ ପାଇବା ଏବଂ ଆଶାୟୀଙ୍କ ଅସନ୍ତୋଷ ପରେ ପ୍ରାୟ ୧୦ ମାସ ପରେ ବୟସ ବୃଦ୍ଧି କରାଯାଇଛି। ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସମସ୍ତ ପିଏସ୍‌ୟୁମାନଙ୍କୁ ଏନେଇ ଅବଗତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ଜୁନ୍ ୯ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୟସ ବଢ଼ାଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରାଯାଇଥିବାରୁ ବହୁ ଆଶାୟୀ ଉପକୃତ ହେବେ। ବୟସ ବଢ଼ାଇବାକୁ ବହୁ ଦିନରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ଆଶାୟୀ ସୁନିଲ କୁମାର ମିଶ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ଦିବ୍ୟାଙ୍ଗ ମହିଳା ରୋଗୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର

ଫୋନ୍ ବାଜିବାରୁ ମାଡ଼ମାରି ବାହାର କରିଦେଲେ

ଭଞ୍ଜନଗର, ୧୪।୩ (ସମିସ): ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଜଣେ ଦିବ୍ୟାଙ୍ଗ ମହିଳା ରୋଗୀ ଚିକିତ୍ସା ପାଇଁ ଆସିଥିବା ବେଳେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଏନେଇ ରୋଗୀଙ୍କ ସମ୍ପର୍କୀୟ ଭଞ୍ଜନଗର ଥାନାରେ ଏତଲା ଦେବା ପରେ ପୁଲିସ ନଂ ୨୧୧/୨୬ରେ ଏକ ମାମଲା ରୁଜୁ କରି ମହିଳାଙ୍କ ବୟାନ ରେକର୍ଡ କରିଛି। ଏହାସହ ସଂପୃକ୍ତ ମହିଳା ଡାକ୍ତରଙ୍କୁ ନୋଟିସ୍ ଜାରି କରିଛି ପୁଲିସ। ଏହି ଘଟଣା ଭଞ୍ଜନଗର ସହରରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି।

ଶୁକ୍ରବାର ରାତିରେ ଭଞ୍ଜନଗର ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମର ଅଲେଖ ଭୂୟାଁଙ୍କ ପତ୍ନୀ ରେଣୁକା ଭୂୟାଁ ଜଣେ ଦିବ୍ୟାଙ୍ଗ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମହିଳାଙ୍କ ଭାଣିଜୀ ପ୍ରମିଳା ଭୂୟାଁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏହି ସମୟରେ ଓପିଡିରେ କାର୍ଯ୍ୟରତ ମହିଳା ଡାକ୍ତର ପ୍ରମିଳାଙ୍କ ମୋବାଇଲ ଫୋନ ବାଜିବାରୁ ବିରକ୍ତ ହୋଇଥିଲେ। ପୁଣିଥରେ ମୋବାଇଲ ବାଜିବାରୁ ଏବଂ ସେ ଫୋନ୍ ରିସିଭ୍ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଦିବ୍ୟାଙ୍ଗ

ମହିଳାଙ୍କୁ ମାଡ଼ ମାରିଥିଲେ ମହିଳା ଡାକ୍ତର। ଏହାର ପ୍ରତିବାଦ କରିବାରୁ ତାଙ୍କ ଭାଣିଜୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଖାଲି ସେତିକି ନୁହେଁ, ରେଣୁକାଙ୍କ ହ୍ୱିଲ୍ ଚେୟାରକୁ ଠେଲି ବାହାର କରିଦେଇଥିଲେ ବୋଲି ଅଭିଯୋଗ ହୋଇଛି।

ଡାକ୍ତରଙ୍କ ମାଡରେ ମହିଳାଙ୍କ କାନରୁ ସୁନା ରିଙ୍ଗ ଛିଣ୍ଡି କେଉଁଆଡ଼େ ପଡ଼ି ଯାଇଥିଲା। ଏନେଇ ରେଣୁକାଙ୍କ ପୁଅ ଧର୍ମରାଜ ଥାନାରେ ଏତଲା ଦେଇଛନ୍ତି।

ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନାନୁସାରେ, ଏହି ଘଟଣାକୁ ପୁଲିସ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ତଦନ୍ତ ଆରମ୍ଭ କରିଛି। ଭାରତୀୟ ନ୍ୟାୟ ସଂହିତାର ଦଫା ୧୮୦ରେ ଆକ୍ରମଣର ଶିକାର ଦିବ୍ୟାଙ୍ଗ ମହିଳାଙ୍କ ବୟାନ ରେକର୍ଡ କରାଯାଇଛି। ସେହିପରି, ବିଏନଏସ୍‌ର ଧାରା ୩୫(୩) ପ୍ରକାରେ ଅଭିଯୁକ୍ତ ଡାକ୍ତରଙ୍କୁ ନୋଟିସ୍ ଜାରି କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ମେଡିକାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏଣୁ, ଥାନାଧିକାରୀ ଜୀବନାନନ୍ଦ ଜେନା ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନିଜେ ତଦନ୍ତ କରୁଛନ୍ତି। ପୁଲିସ ମେଡିକାଲର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ସିସିଟିଭି ଆଧାରରେ ହିଁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ସାଧାରଣ ଲୋକଙ୍କୁ ସୁରକ୍ଷା ଓ ସେବା ଦେବାକୁ ଥିବା ଡାକ୍ତରଙ୍କ ଏଭଳି ଆଚରଣକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି। ଅପରପକ୍ଷେ, ମେଡିକାଲରେ ଏଭଳି ଘଟଣା ଘଟିଥିବା ପ୍ରସଙ୍ଗକୁ ସଂପୃକ୍ତ ଡାକ୍ତର ଖଣ୍ଡନ କରିଛନ୍ତି।

■ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ; ଡାକ୍ତରଙ୍କୁ ନୋଟିସ୍

ନୀତି ବିଳମ୍ବ ଓ ବିଶୃଙ୍ଖଳିତ ଆଚରଣ

ଖୁଣ୍ଟିଆ ସେବକ ୩ ମାସ ପାଇଁ ନିଲମ୍ବିତ

ପୁରୀ, ୧୪।୩ (ସମିସ): ଗତ ଫେବୃଆରୀ ୨୮ରେ କେତେକ ସେବକଙ୍କ ଅଶୋଭନୀୟ ଆଚରଣ ଓ କାର୍ଯ୍ୟକଳାପ ଯୋଗୁଁ ଶ୍ରୀମନ୍ଦିରର ନୀତି ପ୍ରାୟ ୪ ଘଣ୍ଟା ବିଳମ୍ବ ହୋଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେବା ସହ ନିର୍ଦ୍ଦିଷ୍ଟ ସମୟରେ ମହାପ୍ରସାଦ ପାଇବାରୁ ବଞ୍ଚିତ ହୋଇଥିଲେ। ଘଟଣା ସମୟରେ କର୍ତ୍ତବ୍ୟରତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଏହି ଘଟଣାରେ ସମ୍ପୃକ୍ତ ଛାମୁ ଖୁଣ୍ଟିଆ ସେବକ ରାମକୃଷ୍ଣ ଖୁଣ୍ଟିଆ ଏବଂ ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ (ହାତୀ) ଓ ମଧୁସୂଦନ ଖୁଣ୍ଟିଆ (ଷଣ୍ଢ)ଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କୈଫିୟତ ତଲବ କରିଥିଲେ। ସମ୍ପୃକ୍ତ ସେବକମାନଙ୍କ ଉତ୍ତର ଏବଂ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷ ଶୁଣିବା ପରେ ରାମକୃଷ୍ଣ ଖୁଣ୍ଟିଆଙ୍କୁ ୩ମାସ ପାଇଁ ନିଲମ୍ବନ କରାଯାଇଛି। ଏହି ଅବଧି ମଧ୍ୟରେ ସେ ଶ୍ରୀମନ୍ଦିରର କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ। ନିଲମ୍ବନ ଅବଧି ସମୟରେ ଯଦି ସେ କୌଣସି ସେବକ କିମ୍ବା ବ୍ୟକ୍ତିଙ୍କୁ ପ୍ରଲୋଭନ ବା ଧମକ ଦେବା କିମ୍ବା ଶ୍ରୀମନ୍ଦିରର ସେବାପୂଜା ଓ ନୀତିରେ ବାଧା ସୃଷ୍ଟି କରିବା ପରି କାର୍ଯ୍ୟରେ ଲିପ୍ତ ହେବେ, ନିଲମ୍ବନ ଅବଧିକୁ ବଢ଼ାଯିବା ସହ ଶାଢ଼ିବନ୍ଧା ଆଦେଶ ପ୍ରତ୍ୟାହାର କରି କଠୋରତର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

ଦୁଇ ସେବକଙ୍କୁ ସର୍ତ୍ତମୂଳକ କ୍ଷମା

ସେହିପରି ଅନ୍ୟ ଦୁଇ ସେବକ ମାଧବ ଖୁଣ୍ଟିଆ ଓ ମଧୁସୂଦନ ଖୁଣ୍ଟିଆଙ୍କୁ ସର୍ତ୍ତ ସହ କ୍ଷମା କରାଯାଇଥିବା ବେଳେ ଭବିଷ୍ୟତରେ ଏପରି ଆଚରଣ ପୁନରାବୃତ୍ତି ହେଲେ ଶୃଙ୍ଖଳାଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରାଇ ଦିଆଯାଇଛି। ଅଧିକାଂଶ ସେବକଙ୍କ ସମୟୋଚିତ ସହଯୋଗ ଓ ଉତ୍ତମ ସମନ୍ୱୟରେ ଶ୍ରୀମନ୍ଦିରର ନୀତିକାନ୍ତି ସୁଚାରୁ ଭାବେ ସମ୍ପାଦିତ ହେଉଥିବା ବେଳେ କେତେକ ସେବକଙ୍କ ବିଶୃଙ୍ଖଳ ଆଚରଣ ଯୋଗୁଁ ନୀତି ବ୍ୟାହତ ହେବା ଦୁଃଖଦାୟକ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି। ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନୁଗୋଳରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ, ୧୪।୩(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତରେ ୨୪୪ଟି ପ୍ରାକ ମୋକଦ୍ଦମା ଜନିତ ମାମଲାର ଫଇସଲା କରାଯାଇ ୨୯ ଲକ୍ଷ ୬ ହଜାର ୬୩୮ ଟଙ୍କାରେ ସମାଧାନ କରାଯାଇଥିଲା। ସେହିପରି ୫୦୭୦ଟି ବିଚାରାଧୀନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୩୦ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୧ କୋଟି ୯୭ ଲକ୍ଷ ୨୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ସେହିଭଳି ୧୭ଟି ଚେକ ବାଉନ୍ସ ମାମଲାର ବିଚାର କରାଯାଇ ୪୪ ଲକ୍ଷ ୩୩ ହଜାର ୪୮୩ ଟଙ୍କାରେ ସମାଧାନ କରାଯାଇଥିଲା। ୧୮ଟି ଶ୍ରମ ବିବାଦ ଜନିତ ମାମଲାର ବିଚାର କରାଯାଇ ୫ ଲକ୍ଷ ୫୩ ହଜାର ୧୪୯ ଟଙ୍କାରେ ସମାଧାନ କରାଯାଇଥିଲା। ୨୩ଟି ଦେୱାନୀ ମାମଲାର ସମାଧାନ କରାଯାଇଥିଲା। ୧୪ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୨୩ଟି ପାରିବାରିକ ମାମଲା (ଛାଡ଼ପତ୍ର ବ୍ୟତୀତ), ୩ଟି ଟ୍ରାଫିକ ଚାଲାଣ ମାମଲା, ଗୋଟିଏ ଖାଉଟି ବିବାଦ, ୫୮୨ଟି ଫୌଜଦାରୀ ମାମଲା, ୪୩୫୯ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ଫଇସଲା କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଣ୍ଟାଁରପାଳରେ ଥିବା ଅଦାଲତ, ଖାଉଟି ଅଦାଲତ, ଶ୍ରମ କାର୍ଯ୍ୟାଳୟ, ବିଭିନ୍ନ ତହସିଲ, ବ୍ୟାଙ୍କ, ବିଦ୍ୟୁତ ବିଭାଗ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ଅଦାଲତର ସମସ୍ତ ବିଚାରପତି, ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, କୋର୍ଟ, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦାୟିତ୍ୱରେ ଥିବା ଅନୁଗୋଳ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୁକୁମାର ମହାପାତ୍ର ଲୋକ ଅଦାଲତ ପରିଚାଳନା କରିଥିଲେ।

ପ୍ରାର୍ଥନା ଗୃହ ପାଲଟିଛି ନିଶାଡ଼ିଙ୍କ ଆଡ୍ଡା

ଅନୁଗୋଳ, ୧୪।୩(ସମିସ)

ନାଲକୋ ଥାନା ଅନ୍ତର୍ଗତ ରେଲୱେ ବ୍ରିଜ, ବଳରାମ ପ୍ରସାଦ ପାହାଡ଼ ତଳ, ଆଲୁମିନିୟମ ପାର୍କ ରୋଡ୍, କେନାଲ ରୋଡ୍ ଆଦି ବିଭିନ୍ନ ନିଛାଟିଆ ଅଞ୍ଚଳରେ ନିଶା କାରବାର ହେଉଥିବା ଦୃଷ୍ଟାନ୍ତ ରହିଥିବା ବେଳେ ନାଲକୋ କଲୋନୀ ପାଚେରି ତଳେ ଦିନ ଦ୍ୱିପ୍ରହରରୁ ବିଳମ୍ବିତ ରାତିଯାଏ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ବାଲିଆ ମାର୍କେଟ ନିକଟ କନ୍ୟାବେଡ଼ା ଗାଁ ବରନାଳୀ ପଡ଼ିଆ ନିରୋଳାର ସୁଯୋଗ ନେଇ ନିଶାଡ଼ିମାନେ ପୁଞ୍ଜା ପୁଞ୍ଜା ହୋଇ ନିଶା ସେବନ କରିବାରେ ନିତି ଅଭ୍ୟସ୍ତ ହେଉଛନ୍ତି। ସେମାନଙ୍କୁ ହାତପାହାନ୍ତାରେ ମିଳିଯାଉଛି ଦେଶୀମଦ। ପାନ ଦୋକାନ, ତେଜରାତି ଦୋକାନରୁ ମିଳିଯାଉଛି ଚୋରା ବିଦେଶୀ ମଦ ଆଉ ଗଞ୍ଜେଇ। ବ୍ରାଉନସୁଗର କାରବାର ପାଇଁ ମଧ ସେ ଅଞ୍ଚଳ ସାଜିଛି ନିରାପଦ ସ୍ଥାନ। ପୁଲିସର ଦୃଷ୍ଟି ଆଢୁଆଳରେ ନିଶାଡ଼ିଙ୍କ ନିରାପଦ ସ୍ଥାନ ପାଲଟିଛି କନ୍ୟାବେଡ଼ା ବରନାଳୀ ପାଡ଼ିଆ। ଆଉ ସେପଟକୁ ସାଧାରଣ ଲୋକଙ୍କ ଯାତାୟାତ ନ ଥିବାରୁ ନିଶା କାରବାର ପାଇଁ ବେଶ୍ ଉପଯୋଗୀ ସ୍ଥାନ ହୋଇଛି। ପଡ଼ିଆ ସଂଲଗ୍ନ ବାଲିଆ ମାର୍କେଟ ଅତି ନିକଟରେ ଥିବା ପ୍ରାର୍ଥନା ଗୃହ ବି ବାଦ ପଡୁନି ନିଶାଡ଼ିଙ୍କ ପ୍ରାଦୁର୍ଭାବରୁ।

ବଣ୍ଟାଁରପାଳ ପଞ୍ଚାୟତ ସମିତି ପକ୍ଷରୁ ୨୦୨୩ରେ ନିର୍ମିତ ଏହି ପ୍ରାର୍ଥନା ଗୃହ ନିଶାଡ଼ିଙ୍କ କବ୍ଜାରେ ରହିଛି। ପ୍ରାର୍ଥନା ଗୃହ ଚାରିପାଖେ ବ୍ୟବହୃତ ମଦ ବୋତଲ, ମଦ ପାଉଚ, ପ୍ଲାଷ୍ଟିକ ଗ୍ଲାସ, ତମାଖୁ ଗୁଟଖା ଜରି ଆଚ୍ଛାଦିତ ହୋଇ ପଡ଼ିଛି। ଏଭଳି ପରିବେଶ ଦେଖି ସାଧାରଣ ଲୋକଟିଏ ସଂକୋଚ କରୁଛି। ନିଶାଡ଼ିଙ୍କ ପାଇଁ ଆଖପାଖ ଅଞ୍ଚଳର ବାସିନ୍ଦା ସୁରକ୍ଷିତ ମଣୁନାହାନ୍ତି। ଅପର ପକ୍ଷରେ ଅଞ୍ଚଳବାସୀ ଅପବାଦ ଶୁଣୁଛନ୍ତି। ଗାଁର ଏହି ସରକାରୀ ଜମିରେ କେତେକ ଲୋକ ଜବରଦଖଲ କରି ଦୋକାନ ବଜାର କରିଛନ୍ତି। ବାହାର ଅଞ୍ଚଳରୁ ଆସି ଘରଦ୍ୱାର କରି ରହୁଛନ୍ତି। ଅପରାଧିକ ମାମଲାରେ ଜଡ଼ିତ ଥିବା ଲୋକ ଆତ୍ମଗୋପନ କରିଥିବା କୁହାଯାଉଛି। କିଛି ସମାଜସେବୀ ଉକ୍ତ ଅଞ୍ଚଳକୁ ଜବରଦଖଲମୁକ୍ତ କରିବା ସହ ନିଶାଡ଼ିଙ୍କ ଆଡ୍ଡା ଉଚ୍ଛେଦ କରିବାକୁ ଜିଲ୍ଲା ପ୍ରଶାସନକୁ ୨୦୧୯ରୁ ଦାବି କରିଆସୁଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

କାର୍ ମଧ୍ୟରୁ ତୀର୍ଥଯାତ୍ରୀଙ୍କ ମୃତଦେହ ଉଦ୍ଧାର

ବଣ୍ଟାଁରପାଳ, ୧୪।୩(ସମିସ): ୫୫ ନମ୍ବର ଜାତୀୟ ରାଜପଥର ବଣ୍ଟାଁରପାଳ ଥାନା ନିକଟ ଗଡ଼ସନ୍ତ୍ରୀ ପଞ୍ଚାୟତ ବାଇପାସ୍‌ରେ ଠିଆ ହୋଇଥିବା ଏକ କାର ମଧ୍ୟରୁ ପୁଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ କାର୍ ମଧ୍ୟରେ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ଗଡ଼ସନ୍ତ୍ରୀ ସରପଞ୍ଚ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ କାର କାଚ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲେ। ଯାଞ୍ଚ ସମୟରେ ମୃତ ବ୍ୟକ୍ତି ଜଣକ ଉତ୍ତରପ୍ରଦେଶ ଚୁରକା ଥାନା ସୋନଭଦ୍ରା ଅଞ୍ଚଳର ଅର୍ଜୁନ ସିଂହଙ୍କ ପୁଅ ଅନୁରାଗ ସିଂହ ବୋଲି ଜଣାପଡ଼ିଛି। ସେ ଉତ୍ତରପ୍ରଦେଶ ବାର୍ କାଉନସିଲର ସଦସ୍ୟ ଓ ସେ ପୁରୀ ଯାଇ ଫେରିବା ସମୟରେ ଏପରି ଘଟଣାର ଶିକାର ହୋଇଛନ୍ତି। ପୁଲିସ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ୟବଚ୍ଛେଦ ଗୃହରେ ମୃତଦେହ ସଂରକ୍ଷିତ ରଖିଛି। ପରିବାର ଲୋକେ ପହଞ୍ଚିବା ପରେ ଓ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

ଭୀମ ଭୋଇଙ୍କ 'ସ୍ତୁତି ଚିନ୍ତାମଣି'ର ହିନ୍ଦୀ ଅନୁଦିତ ପୁସ୍ତକ ଉନ୍ମୋଚିତ



ଅନୁଗୋଳ, ୧୪।୩(ସମିସ): ଅନୁଗୋଳ ସାହିତ୍ୟ ସଂସଦ ଓ ଭାରତ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲ୍‌ରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଛି। କାନାଡ଼ାରେ ରହୁଥିବା ଭାରତୀୟ ବଂଶୋଦ୍ଭବ କଥାକାର ଓ ସାମ୍ବାଦିକ ସୁମନ କୁମାର ଘଇ ମୁଖ୍ୟଅତିଥି ରୂପେ ଯୋଗଦେଇ ସମାରୋହକୁ ଉଦଘାଟନ କରିବା ସହ ବିଶ୍ୱରେ ହିନ୍ଦୀ ସାହିତ୍ୟର ସ୍ଥିତି ଓ ସାମ୍ପ୍ରତିକ ପରିସ୍ଥିତିରେ ଇଣ୍ଟରନେଟ ସାହିତ୍ୟର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଲୋକ ସାହିତ୍ୟକୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ନେବା ପାଇଁ ଉଦ୍ୟମ ହେବା ଆବଶ୍ୟକ ଏବଂ ଅନୁବାଦ ସାହିତ୍ୟରେ ଉଭୟ ଭାଷା ସଂସ୍କୃତିକୁ ନ ଜାଣିଲେ ତାହା ସଫଳ ହୁଏନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ରୂପେ ଔପନ୍ୟାସିକ କ୍ଷୀରୋଦ ପରିଡ଼ା ଓ ରମା ଗଡ଼ନାୟକ ଯୋଗଦେଇ ଭୀମ ଭୋଇଙ୍କୁ ଆଶ୍ଚର୍ଯ୍ୟ କବି ଅବା ଦିବ୍ୟ ଚେତନାର କବି ବୋଲି ଅଭିହିତ କରିଥିଲେ। ମାନବବାଦ ଓ ଏକେଶ୍ୱରବାଦ ମହିମା ଧର୍ମର ଅନ୍ତଃସ୍ୱର ବୋଲି କହିବା ସହ ସ୍ତୁତି ଚିନ୍ତାମଣି ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରି ଆସିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ବିକାଶ ପରିଷଦର ସମ୍ପାଦକ ବିଜୟ ମୋଦି, ବିଶିଷ୍ଟ ଅନୁବାଦକ ତଥା ହିନ୍ଦୀ ସାହିତ୍ୟର କଥାକାର ଦୀନେଶ ମାଲି ଉପସ୍ଥିତ ଥିଲେ। ଭାରତ ବିକାଶ ପରିଷଦ ସଭାପତି ଶାନ୍ତନୁ କୁମାର ସର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶାରେ ମହିମା ଧର୍ମର ଅଭ୍ୟୁଦୟ ଓ ଏହାର ପ୍ରଭାବ ଉପରେ ସର ଆଲୋଚନା କରିଥିଲେ। ସମାରୋହରେ ଦୀନେଶ ମାଲିଙ୍କ ପୁସ୍ତକ ସ୍ମୃତିଓଁ କି ଉଡ଼ାନ, ଶହୀଦ ବିକା ନାଏକ କି ଖୋଜ୍ ଓ ସ୍ତୁତି ଚିନ୍ତାମଣିକୁ ମୁଖ୍ୟଅତିଥି ଉନ୍ମୋଚନ କରିବା ସହ ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି କବିତା ଗ୍ରନ୍ଥ ହିନ୍ଦୀରେ ଅନୁବାଦ ପରେ ଏବେ ତାହା ଭାରତୀୟ ହିନ୍ଦୀ ସାହିତ୍ୟକୁ ରୁଦ୍ଧିମନ୍ତ କରିବ ବୋଲି କହିଥିଲେ। ଏଥିସହ ଜଗନ୍ନାଥ ତିୱାରୀଙ୍କ ଗ୍ରାମ୍ୟ ଗାଥାଏଁ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମାରୋହରେ ବିଶିଷ୍ଟ ସାହିତ୍ୟିକ ଘଇ ତାଙ୍କ ପତ୍ନୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ଅଡିଟର୍‌ଙ୍କ ପରଲୋକ



ଅନୁଗୋଳ, ୧୪।୩(ସମିସ): ଅବସରପ୍ରାପ୍ତ ଅଡିଟର୍ ଉଦୟନାଥ ଗଡ଼ନାୟକଙ୍କର ଶୁକ୍ରବାର କୋଶଳାସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଗଡ଼ନାୟକ ପ୍ରଥମେ ଶିକ୍ଷକତା ଆରମ୍ଭ କରି ବହୁ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିଥିଲେ। ପରେ ସେ ଏଜି ଅଡିଟର୍ ଭାବେ ଚାକିରି ଜୀବନ ଆରମ୍ଭ କରି ଅବସର ନେଇଥିଲେ। ଜଣେ ସଚ୍ଚୋଟ, ମେଳାପୀ, ଜ୍ଞାନୀଗୁଣୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ତାଙ୍କର ବେଶ୍ ସୁନାମ ରହିଥିଲା। ତାଙ୍କ ଧର୍ମପତ୍ନୀ ଏବଂ ଚାରି ଝିଅ ଅଛନ୍ତି। ସାନଝିଅ ସଂଘମିତ୍ରା ମୁଖାଗ୍ନି ଦେଇଥିଲେ।

ଢାବା ଓ ହୋଟେଲରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼଼ଉ

୧୨ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ପାଲଲହଡ଼ା, ୧୪।୩(ସମିସ): ସାରା ରାଜ୍ୟରେ ଘରୋଇ ଗ୍ୟାସର ଅଭାବ ଦେଖା ଦେଇଥିବାବେଳେ ଶୁକ୍ରବାର ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ନିର୍ଦ୍ଦେଶରେ ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ପାଲଲହଡ଼ା ଉପଖଣ୍ଡର ବିଭିନ୍ନ ହୋଟେଲ ଏବଂ ଢାବାରେ ଚଢ଼଼ଉ କରି ୭ଟି ଢାବାରୁ ବେଆଇନ ଭାବେ ବ୍ୟବହାର କରାଯାଉଥିବା ୧୨ଟି ଘରୋଇ ଏଲପିଜି ସିଲିଣ୍ଡର ଜବତ କରିଛନ୍ତି। ଚଢ଼଼ଉରେ ପାଲଲହଡ଼ା ଏସିଏସଓ ହିମକାନ୍ତ ବେହେରା, ଥାନା ଏସ୍ଆଇ ପ୍ରିୟବ୍ରତ ନାୟକ ପ୍ରମୁଖ ସାମିଲ ଥିଲେ। ଅନ୍ୟପଟେ ଅଞ୍ଚଳର ବିଭିନ୍ନ ଢାବା, ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବେଧଡ଼କ ଭାବେ ଘରୋଇ ସିଲିଣ୍ଡର ବ୍ୟବହାର କରାଯାଉଥିବାବେଳେ ପ୍ରଶାସନ ଆମକୁ ଉଦ୍ଦେଶ୍ୟମୂଳକ ଭାବେ ଟାର୍ଗେଟ କରୁଥିବା ଢାବା ମାଲିକମାନେ କହିଛନ୍ତି। ଆଗାମୀ ଦିନରେ ଚଢ଼଼ଉ ଜାରି ରହିବ ବୋଲି ସହକାରୀ ଯୋଗାଣ ଅଧିକାରୀ ବେହେରା କହିଛନ୍ତି।

ମଧ୍ୟାହ୍ନଭୋଜନ ପରିଚାଳନାରେ ଅଚଳାବସ୍ଥା

ପାଲଲହଡ଼ା, ୧୪।୩(ସମିସ): ପାଲଲହଡ଼ା ଶିକ୍ଷା ଜିଲ୍ଲାରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ହାଇସ୍କୁଲକୁ ମିଶାଇ ରହିଛି ୨୪୧ ସ୍କୁଲ। ପ୍ରତେକ ଦିନ ୧୬୨୬୭ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଉଛନ୍ତି। ତେବେ ସବୁ ସ୍କୁଲରେ ଏବେ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅଚଳାବସ୍ଥା ଦେଖାଦେଲାଣି। ୧୭ ବିଦ୍ୟାଳୟରେ ଚାଉଳ ଶେଷହେଇ ଯାଇଥିବାରୁ ମଧ୍ୟାହ୍ନଭୋଜନ ସମ୍ପୂର୍ଣ୍ଣ ଠପ ହେଇଛି। ଖୋଦ ଉପଖଣ୍ଡ ସାଦରମାହାକୁମରେ ଥିବା ପାଲଲହଡ଼ା ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟାଉନ ମଡେଲ ୟୁପି ସ୍କୁଲ, ମୁଚୁରିଗାଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଚାଉଳ ନ ଥିବାରୁ ମଧ୍ୟାହ୍ନ ଭୋଜନ ଠପ ହେଇପଡ଼ିଛି। ଅନ୍ୟପଟେ ଯଦି ଦିନେ କିମ୍ବା ଦୁଇଦିନ ଭିତରେ ଚାଉଳ ଯୋଗାଣ ନ ହୁଏ ତେବେ ସବୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ ହେଇଯିବା ଆଶଙ୍କା ଦେଖାଦେଇଛି। ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନରେ ଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶୈଳେନ୍ଦ୍ର ସିଂ କହିଛନ୍ତି, ଆମେ ୨୦୨୫ ଡିସେମ୍ବରରେ ଚାଉଳ ଦେଇଥିଲୁ। ତା' ପରେ ଅଢ଼େଇ ମାସ ହେଲା କୌଣସି ସ୍କୁଲକୁ ଚାଉଳ ଯାଇନାହିଁ। ଚାଉଳ ଯୋଗାଣ ହେଇ ନ ଥିବାରୁ ସବୁ ସ୍କୁଲରେ ଅଚଳାବସ୍ଥା ଦେଖାଦେଇଛି। ୧୭ ସ୍କୁଲରେ ଚାଉଳ ନ ଥିବାରୁ ରୋଷେଇ ବନ୍ଦ ହେଇଛି। ଉର୍ଦ୍ଧ୍ୱାରିରେ ଚାଉଳ ଆଣି ମାଧ୍ୟାହ୍ନ ଭୋଜନ ଚଳାଇବା ପାଇଁ କୁହାଯାଇଥିବା ସେ କହିଛନ୍ତି। ଅନ୍ୟପଟେ ପାଲଲହଡ଼ାକୁ ଚାଉଳ ଯୋଗେଇବା ପାଇଁ ଅନୁଗୋଳ ଜିଲ୍ଲାରେ ଟେଣ୍ଡର ପ୍ରକ୍ରିୟା ହେଇ ନ ଥିବାରୁ ଚାଉଳ ଆସିପାରିନାହିଁ। ବର୍ତ୍ତମାନ ସକାଳେ ସ୍କୁଲ ହୋଇ ପରୀକ୍ଷା ଚାଲିଛି। ମଧ୍ୟାହ୍ନ ଭୋଜନ ଠପ ହେଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

- ଟେଣ୍ଡର ପ୍ରକ୍ରିୟା ସରି ନ ଥିବାରୁ ଚାଉଳ ଆସିବାରେ ବିଳମ୍ବ
- ୧୭ଟି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ

ପୌରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ଠପ୍

ତାଳଚେର, ୧୪।୩(ସମିସ): ତାଳଚେର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜକୁ ଦୁଇଦିନ ହେବ ଜଳ ଯୋଗାଣ ଠପ୍ ହୋଇପଡ଼ିଛି। ଫଳରେ ୱାର୍ଡବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପରିଷଦରେ ରହିଥିବା ୨୧ ୱାର୍ଡକୁ ଜନସ୍ୱାସ୍ଥ୍ୟ ବିଭଗ ପକ୍ଷରୁ ବ୍ରାହ୍ମଣୀନଦୀରେ ପମ୍ପହାଉସ୍ ନିର୍ମାଣ କରି ପାନୀୟଜଳ ଯୋଗାଇ ଦିଆଯାଇଥାଏ। ଏହି ଜଳକୁ ପୌରାଞ୍ଚଳବାସୀ ଚାହିଁ ରହିଥାନ୍ତି। ଆଜକୁ ଦୁଇଦିନ ହେବ କୌଣସି କାରଣରୁ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦହେବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ କାର୍ଯ୍ୟାକଳୟ ପକ୍ଷରୁ କୁହାଯାଇଛି ଯେ ମୋଟର ଅଚଳ ହୋଇପଡ଼ିବାରୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତେବେ ମୋଟର କେବେ ଠିକ୍ ହେବ ଓ ଲୋକଙ୍କୁ ନିରନ୍ତର ପାନୀୟଜଳ ଯୋଗାଇ ଦିଆଯିବ ତାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ପାଇଛି।

ଲଙ୍ଗୁଳିଆବେଡ଼ାରେ ଦଶଦୋଳ ମହୋତ୍ସବ

ବଣ୍ଟାଁରପାଳ, ୧୪।୩(ସମିସ): ବଣ୍ଟାଁରପାଳ ବ୍ଲକ ଲଙ୍ଗୁଳିଆବେଡ଼ା ଗ୍ରାମ ଯତନନଗର ସାହି ଯାତ୍ରା ପଡ଼ିଆରେ ଦଶଦୋଳ ଉତ୍ସବ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳଙ୍କ ବାସଭବନରୁ ତ୍ରିନାଥ ଠାକୁରଙ୍କ ଫଟୋଚିତ୍ରକୁ ନାମ ସଂକୀର୍ତ୍ତନ ସହ ଅଣାଯାଇ ଯାତ୍ରା ପଡ଼ିଆ ଦୋଳମଣ୍ଡପରେ ସ୍ଥାପନ କରାଯାଇଥିଲା। ଅପରାହ୍ନ ୫ଟାରେ ଭକ୍ତ ଅକ୍ଷୟ କୁମାର ବିଶୋଇଙ୍କ ବାସଭବନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପୂଜାପାଠ ପୂର୍ବକ ସୁସଜ୍ଜିତ ବିମାନରେ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ନାମ ସଂକୀର୍ତ୍ତନ, ଭାଲୁ ଖେଳ, ବିଭିନ୍ନ ସ୍ଥାନରୁ ଆସିଥିବା ଗୋପାଳ ଭାଇମାନଙ୍କ ପାରମ୍ପରିକ ଲଉଡ଼ିଖେଳ ସ୍ଥାନ ପାଇଥିବା ବେଳେ ଡିଜେ ଓ ତୋପବାଣରେ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା। ମହିଳାମାନେ ବନ୍ଦାପନା କରିଥିଲେ। ପଥ ମଧ୍ୟରେ ଥିବା ବାବା ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପୂଜକ ଗୋଲେଖ ମହାପାତ୍ରଙ୍କ ଦ୍ୱାରା ହରିହର ଭେଟ କରାଯାଇଥିଲା। ଶୋଭାଯାତ୍ରା ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ଦୋଳମଣ୍ଡପରେ ସ୍ଥାପନ କରାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ସୌମ୍ୟରଞ୍ଜନ କର ପୂଜାର୍ଚ୍ଚନା ଓ ନିରୋଦ ମହାପାତ୍ର ନୂତନ ପଞ୍ଜିକା ପାଠ କରିଥିଲେ। ମଣ୍ଡପ ପ୍ରାଙ୍ଗଣରେ ଗୋପାଳ ସମାଜ ପକ୍ଷରୁ ଚିତ୍ତାକର୍ଷକ ଲଉଡ଼ିଖେଳ ପ୍ରଦର୍ଶନ କରାଯାଇଥିଲା। ଯାତ୍ରା କମିଟି ସଭାପତି ବିରାଜ ସାହୁ, ସମ୍ପାଦକ ସୁଶୀଲ ଦାଶ, ସନ୍ତୋଷ ଦାଶ, ବିନୋଦ ବିଶୋଇଙ୍କ ସହ ଲିଟୁ, ସାଗର, ଜିତେନ, ମିକୁ, ବୀରେନ ଓ ଅରୁଣ ପ୍ରମୁଖ ସହଯୋଗ କରିଥିଲେ। ରାତିରେ ଅପେରା ପରିବେଷଣ କରାଯାଇଥିଲା।

କିଶୋରନଗରରେ ୧୬ରେ ଜନଶୁଣାଣି

କିଶୋରନଗର, ୧୪।୩(ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ୧୬ ତାରିଖ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଶିବିରରେ ଜଳସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଆଦି ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇ ନିଜ ବିଭାଗ ଉପରେ ହେବାକୁ ଥିବା ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିବେ। ଏଥିରେ ଜନସାଧାରଣ ଯୋଗଦେଇ ନିଜ ଅଭିଯୋଗ ଉପସ୍ଥାପନ କରିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ବିଧାନସଭାରେ ଅନୁଗୋଳର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କଲେ ବିଧାୟକ

ଅନୁଗୋଳ, ୧୪।୩(ସମିସ): ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଷୟ ନେଇ ବିଧାନସଭାରେ ଏକାଧିକ ପ୍ରସ୍ତାବ ରଖିଛନ୍ତି। ବିଧାୟକ ପ୍ରଧାନ ପ୍ରଶ୍ନକାଳରେ ଇଙ୍କରବନ୍ଧ ପଞ୍ଚାୟତ ସାନକଞ୍ଜିନି ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ୨୦୨୧ରୁ ବନ୍ଦ ହୋଇ ପଡ଼ିଥିବା ସାନକଞ୍ଜିନି ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲାଯିବା ନେଇ ପ୍ରସ୍ତାବ ରଖିଛନ୍ତି। ବନ୍ତଳା ବଜାରରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ବିଷୟରେ ଆଲୋଚନା କରି ବନ୍ତଳାରେ ପ୍ରତିଷ୍ଠିତ ନୂତନ ଦମକଳ କେନ୍ଦ୍ରକୁ ୪୦ ହଜାର ଲିଟର ପାଣି କ୍ଷମତା ବିଶିଷ୍ଟ ଓ ଅତ୍ୟାଧୁନିକ ଯନ୍ତ୍ରପାତି ଥିବା ଦମକଳ ଯାନ ଯୋଗାଇ ଦେବାକୁ ପ୍ରସ୍ତାବ ରଖିଛନ୍ତି। ଅନୁଗୋଳ ନିର୍ବାଚନ ମଣ୍ଡଳୀ ଅଙ୍ଗାରବନ୍ଧ ଗ୍ରାମରେ ଥିବା ବହୁ ପୁରୁଣା ତଥା ଓଡ଼ିଶାର ଦ୍ୱିତୀୟ ମହିମା ଗାଦି ଭାବେ ପରିଚିତ ଧର୍ମସ୍ଥଳୀକୁ ସରକାରଙ୍କ ତରଫରୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ରଖିଛନ୍ତି।

ବ୍ଲଡ୍ ବ୍ୟାଙ୍କ ଗାଡ଼ି ଭଡ଼ା ତଥ୍ୟ ଦେବାକୁ ଅଧିକାରୀ ନାରାଜ

ତାଳଚେର ସହର, ୧୪।୩(ସମିସ)

୨୦୦୫ରେ କେନ୍ଦ୍ରରେ ଥିବା କଂଗ୍ରେସ ସରକାର ଭାରତରେ ଏକ ଲୋକାଭିମୁଖୀ ତଥା ସରକାରୀ କଳରେ ସମସ୍ତ କାରବାରର ପାରିଦର୍ଶିତା ପାଇଁ ପ୍ରଣୟନ କରିଥିଲେ ସୂଚନା ଅଧିକାର ଆଇନ। ଏହି ଆଇନ ଜରିଆରେ ଦେଶ ତଥା ବିଭିନ୍ନ ରାଜ୍ୟରେ କୋଟି କୋଟି ଟଙ୍କା ଘୋଟାଲାର ପର୍ଦ୍ଦାଫାଶ ହୋଇଥିଲା। ଅନେକ ସରକାରୀ କର୍ମଚାରୀ ଓ ଅଧିକାରୀ ଚାକିରିରୁ ତଡ଼ା ଖାଇଲେ ବା ଜେଲ ଗଲେ। ତେବେ ଇତିମଧ୍ୟରେ ୨୦ ବର୍ଷ ବିତିଗଲା ପରେ ବି ଏହି ଆଇନ୍ ଅନୁଯାୟୀ ଲୋକଙ୍କୁ ସରକାରୀ କାର୍ଯ୍ୟାଳୟରୁ ତଥ୍ୟ ମିଳୁ ନ ଥିବା ଦେଖିବାକୁ ମିଳୁଛି। ଏଥର ସାଙ୍ଘାତିକ ଅଭିଯୋଗ ଆସିଛି ତାଳଚେର ଉପଖଣ୍ଡ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କ ଅଧିକାରୀଙ୍କ ବିରୋଧରେ। ସୂଚନା ଅଧିକାର କର୍ମୀ ଦେବପ୍ରସାଦ ସାହୁ ବ୍ଲଡ ବ୍ୟାଙ୍କ ସମ୍ପର୍କିତ କିଛି ତଥ୍ୟ ମାଗିଥିଲେ। ସେ ଜାଣିବାକୁ ଚାହିଁଥିଲେ ଯେ ବ୍ଲଡ ବ୍ୟାଙ୍କରେ ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ଅଫିସ୍ କାମ ପାଇଁ କେତେଥର କାର ଭଡ଼ାରେ ନିଆଯାଇଛି ଓ ଏ ବାବଦ କେତେ ଟଙ୍କା ଖର୍ଚ୍ଚ ହୋଇଛି।

କିନ୍ତୁ ପିଆଇଓ ଦାୟିତ୍ୱରେ ଥିବା ଅଧିକାରୀ ଡା. ବିନୟ ପାଢ଼ୀ ଉକ୍ତ ତଥ୍ୟ ଦେବାକୁ ମନା କରିଦେଇଥିଲେ। ସେ କହିଥିଲେ ଯେ ବ୍ଲଡ ବ୍ୟାଙ୍କର ଆର୍ଥିକ ହିସାବ ତଥ୍ୟ ପବ୍ଲିକ୍‌କୁ ଦେଇହେବ ନାହିଁ। ପରେ ସୂଚନା ଅଧିକାର କର୍ମୀ ସାହୁ ପ୍ରଥମ ଅପିଲ୍ କରିଥିଲେ। ଅପିଲେଟ୍ ଅଧିକାରୀ ଡା. ଗଙ୍ଗାଧର ବେହେରା ଏହି ଶୁଣାଣିର ଅଧ୍ୟକ୍ଷତା କରିଥିଲେ। ସାହୁ ନିଜର ପକ୍ଷ ରଖିବା ସହ ସିଆଇସିଙ୍କ କିଛି କେସରେ ହୋଇଥିବା ଆଦେଶକୁ ରଖିଥିଲେ। ସେ ମଧ୍ୟ ଅନ୍ୟ ସରକାରୀ ଅଫିସ୍‌ରୁ ମିଳିଥିବା ତଥ୍ୟ ଦେଖାଇଥିଲେ। କିନ୍ତୁ ଆପିଲେଟ ଅଧିକାରୀ ସୂଚନା ଅଧିକାର ଆଇନ ଅନୁଯାୟୀ ଶୁଣାଣି କରି ନ ଥିଲେ ବୋଲି ସାହୁ କହିଛନ୍ତି। ପରେ ଅପିଲେଟ୍ ଅଧିକାରୀ ନିଜ ଆଦେଶରେ ଉକ୍ତ ତଥ୍ୟ ଦେବାକୁ ମନା କରିଦେଇଥିଲେ। ତେଣୁ ସାହୁ ଏବେ ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇ ଦ୍ୱିତୀୟ ଅପିଲ ସହ ଅଭିଯୋଗ ମଧ୍ୟ ଦାଖଲ କରିଛନ୍ତି।

ସାହୁ କହିଛନ୍ତି ଯେ ବ୍ଲଡ ବ୍ୟାଙ୍କ ଅଧିକାରୀ ଜାଣିଶୁଣି ସମସ୍ତ ତଥ୍ୟ ଲୁଚାଉଛନ୍ତି ଯାହାକି ସନ୍ଦେହ ସୃଷ୍ଟି କରୁଛି ଯେ ଏହି ଘଟଣାରେ କିଛି ନା କିଛି ଘୋଟାଲା ହୋଇଛି। ତେଣୁ ହସ୍ପିଟାଲ କର୍ତ୍ତୃପକ୍ଷ ତଥ୍ୟ ଦେବାକୁ ସମ୍ପୂର୍ଣ୍ଣ ନାରାଜ। ଏହାକୁ ନେଇ ସାହୁ ସ୍ୱାସ୍ଥ୍ୟ ସଚିବ, ଅନୁଗୋଳ ଜିଲ୍ଲାପାଳ ଓ ତାଳଚେର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗ ବର୍ତ୍ତମାନ ସିଡିଏମଓଙ୍କ କାର୍ଯ୍ୟାଳୟକୁ ଆସିଥିବା ଜଣାପଡ଼ିଛି।

ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

ନିୟମିତ ଆସୁନାହାନ୍ତି ଡାକ୍ତର, ରୋଗୀ ହୀନସ୍ତା

ଗୋବିନ୍ଦପୁର,୧୪।୩(ସମିସ)

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାକୁ ଯୋଜନା କରୁଛନ୍ତି। ତେବେ ଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡାକ୍ତର ଓ ବିଭାଗୀୟ ଅଧିକାରୀଙ୍କ ଅସାଧୁ ନୀତି ଯୋଗୁ ସ୍ୱାସ୍ଥ୍ୟ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି।

ଆଳି ଧୋଇଆଞ୍ଚଳର ୧୧ଟି ପଞ୍ଚାୟତର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ୧୯୭୨ରେ ଗୋବିନ୍ଦପୁରଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ପରିତାପର ବିଷୟ ଦୀର୍ଘଦିନ ହେବ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର ନିୟମିତ ଆସନ୍ତିନାହିଁ।ଫଳରେରୋଗୀସେବାବିପର୍ଯ୍ୟସ୍ତ ହୋଇପଡୁଛି। ଗତ ଜାନୁଆରୀ ମାସରେ ଜଣେ ନୂତନ ଡାକ୍ତର ନିଯୁକ୍ତି ପାଇଛନ୍ତି। ସେ କାଁଭାଁ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ଡାକ୍ତର ଅଧିକ ଦିନ ଅନୁପସ୍ଥିତ ରହୁଥିବାରୁ ରୋଗୀ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସି କେମିତି ଦରମା ନେଉଛନ୍ତି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଅବସ୍ଥା ଦୀର୍ଘଦିନ ହେଲା ଜାରି ରହିଛି। ଡାକ୍ତର ଓ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ଦୀର୍ଘଦିନ ହେଲା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଧୋଇଆଞ୍ଚଳ ଲୋକେ ଦାବି କରିଛନ୍ତି।

ଜିଲ୍ଲାରେ ଏଲ୍‌ପିଜି ଯୋଗାଣ ସୁନିଶ୍ଚିତ କରିବାକୁ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୧୪।୩(ସମିସ): ଜିଲ୍ଲାରେ ଏଲ୍‌ପିଜି ଗ୍ୟାସର ଅଭାବ ପରିସ୍ଥିତିକୁ ସୁଚାରୁ ଭାବେ ପରିଚାଳନା କରି ସାଧାରଣ ଲୋକଙ୍କୁ ସମୟମତେ ଗ୍ୟାସ ବଣ୍ଟନ ସୁନିଶ୍ଚିତ କରିବା ନେଇ ଆଜି ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାରେ ଗ୍ୟାସ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାହକ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ବୋଲି ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ଆଇଓସିଏଲ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଓ ଭାରତ ପେଟ୍ରୋଲିୟମ୍ କର୍ପୋରେସନର ପ୍ରତିନିଧି ଉପସ୍ଥିତ ରହି ଜିଲ୍ଲାରେ ବର୍ତ୍ତମାନ ଏଲ୍‌ପିଜି ଯୋଗାଣ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ଜିଲ୍ଲା ଯୋଗାଣ ଅଧିକାରୀ ବୈଠକରେ ଯୋଗଦେଇ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ରଘୁରାମ ଆର ଆୟର ବୈଠକରେ ଗ୍ୟାସ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ସହ ଗ୍ରାହକଙ୍କୁ ସମୟମତେ ଗ୍ୟାସ ଉପଲବ୍ଧ କରାଇବା ପାଇଁ ସମ୍ବନ୍ଧିତ ତେଲ କମ୍ପାନୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ୟାସ ବଣ୍ଟନ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା, କଳାବଜାରୀ କିମ୍ବା ମହଜୁତଦାରୀ ଘଟିବାକୁ ନ ଦେବା ଉପରେ ବିଶେଷ ଜୋର ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପରିସ୍ଥିତି ଉପରେ ନିୟମିତ ନଜର ରଖାଯାଉଥିବାବେଳେ ସାଧାରଣ ଲୋକଙ୍କୁ ଗ୍ୟାସ ପ୍ରଦାନରେ କୌଣସି ଅସୁବିଧା ନ ହେବାକୁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ବୈଠକରେ ଜିଲ୍ଲାର ଗ୍ୟାସ ବଣ୍ଟନ ବ୍ୟବସ୍ଥାକୁ ଦୃଢ କରିବା ଓ ଗ୍ରାହକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

● ବାର୍ ଆସୋସିଏସନ ନିର୍ବାଚନ

ସହମତି ହୋଇପାରିଲାନି, ଏଥର ଲଢ଼େଇ

ରାଜନଗର, ୧୪।୩(ସମିସ): ରାଜନଗର ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ସଭାପତି ପଦ ପାଇଁ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ଓ ଉମେଶ ଦାସ, ଉପସଭାପତି ପଦ ପାଇଁ ଦେବଦତ୍ତ ସେଠୀ ଓ ମହେଶ୍ୱର ସେଠୀ, ସମ୍ପାଦକ ପଦ ପାଇଁ ଭଜକୃଷ୍ଣ ମିଶ୍ର, ଲକ୍ଷ୍ମଣ ରାଉତ, ଯୁଗ୍ମସମ୍ପାଦକ ପାଇଁ ବୀରକିଶୋର ମହାନ୍ତି ଓ ସରୋଜ ମହାନ୍ତିଙ୍କ ମଧ୍ୟରେ ମୁକାବିଲା ହେବ। କୋଷାଧ୍ୟକ୍ଷ ପଦ ପାଇଁ ମନ୍ମଥ ରାଉତ, ଲାଇବ୍ରେରୀ ସମ୍ପାଦକ ଭାବେ ନୟନାନନ୍ଦ ବେହୁରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜନ୍ମେଜୟ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ରାଜନଗର ବାର୍ ଆସୋସିଏସନର ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ବିଶ୍ୱନାଥ ବାରିକ ସୂଚନା ଦେଇଛନ୍ତି।

● ବେଆଇନ ବାଲିଘାଟ ଓ ଇଟାଭାଟି ଉପରେ ଚଢ଼ଉ

ଜେସିବି ମେସିନ ଅଟକ, ଟ୍ରାକ୍ଟର ମାଲିକଙ୍କୁ ଜରିମାନା

ପଞ୍ଚୁପାଣ୍ଡବ,୧୪।୩(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବେଆଇନ ବାଲିଘାଟରୁ ଏକ ଜେସିବି ମେସିନ ଜବତ ହୋଇଥିବାବେଳେ ଟ୍ରାକ୍ଟରରେ ବେଆଇନ ବାଲି ଚାଲାଣ ବେଳେ ଦୁଇଟି ଟ୍ରାକ୍ଟରରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ନିକିରାଇ ଥାନା ଅଧୀନ ମଙ୍ଗଳପୁର ବେଆଇନ ବାଲିଘାଟରୁ ବିଳମ୍ବିତ ରାତ୍ରିରେ ନିକିରାଇ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଗୋଟିଏ ଜେସିବି ଜବତ କରି ଥାନାରେ ଅଟକ ରଖିଥିବା ଅଧିକାରୀ କହିଛନ୍ତି। ସେହିପରି ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କ ନେତୃତ୍ୱରେ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ କରିଥିବାବେଳେ ବେଣୀପୁର ପଞ୍ଚାୟତ ବଜାର ଗ୍ରାମରେ ଥିବା ବେଆଇନ ଇଟାଭାଟିରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ତହସିଲଦାର ସରୋଜ ନାୟକ, ସୁପରଭାଇଜର ମାନସ ନାଥ, ଛୋଟି ଆର୍‌ଆଇ ବିଶ୍ୱବିଜୟ ପରିଡ଼ା ଓ ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ ସାମିଲ ଥିଲେ।

● ଦିବ୍ୟାଙ୍ଗ ଚାଷୀଙ୍କଠାରୁ ଧାନ କାଟିବା ଘଟଣା

ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ମହାକାଳପଡ଼ା,୧୪।୩(ସମିସ): ଅଳାଇଲୋ ସେବା ସମବାୟ ସମିତି ଲିମିଟେଡ଼, ରାଜଗଡ଼କୁ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ୮୦ ପ୍ରତିଶତ ଦିବ୍ୟାଙ୍ଗ ଚାଷୀ ଚନ୍ଦନ ପାଇଟାଳ ତାଙ୍କ ଧାନ ବିକ୍ରି କରିବା ପାଇଁ ନେଇଥିଲେ। ତାଙ୍କ ଧାନ ଉଠାଇବାରେ ଅହେତୁକ ବିଳମ୍ବ କରିଥିଲେ କର୍ମଚାରୀ। ଏ ନେଇ ଜଣେ ସଚେତନ ନାଗରିକ ଘଟଣାକୁ ଭିଡିଓ କରିବାରୁ ଚନ୍ଦନଙ୍କ ଧାନ ଓଜନ କରାଯାଇଥିଲା। କ୍ୱିଣ୍ଟାଲ ପିଛା ୫ କିଗ୍ରା ହିସାବରେ ଚନ୍ଦନଙ୍କ ୨୫ ବସ୍ତା ଧାନର ୧୧.୭୮ କ୍ୱିଣ୍ଟାଲ ଧାନରୁ ୫୮ କିଲୋ ଧାନ କଟ୍‌ନି ଆକାରରେ କଟାଯାଇ ତାଙ୍କୁ ଅବଶିଷ୍ଟ ୧୧.୨୦ କ୍ୱିଣ୍ଟାଲ ଧାନର ଚିଠା ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ ତାଙ୍କୁ ଧାନ ଭରିବା ପାଇଁ ଖୋଟ ଅଖା ମଧ୍ୟ ଯୋଗାଇ ଦିଆ ନ ଯିବାରୁ ସେ ବଜାରରୁ ୩୧ ଟଙ୍କା ହିସାବରେ ୨୫ଟି ଅଖାକୁ ୭୭୫ ଟଙ୍କା ଦେଇ କିଣି ଖର୍ଚ୍ଚାନ୍ତ ହୋଇଥିଲେ। ସମିତିରେ ଧାନ ବିକ୍ରି କରିବା ପରେ ମଧ୍ୟ ମିଲରଙ୍କ ଗାଡିରେ ଧାନ ଲୋଡ୍ ପାଇଁ ବସ୍ତା ପିଛା ଦୁଇଟଙ୍କା ଲେଖାଏଁ ମଧ୍ୟ ତାଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଘଟଣା ଲୋକଲୋଚନକୁ ଆସିବା ପରେ ସମବାୟ ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣ ଦାବି କରିଥିଲେ। ଏ ନେଇ ଅଭିଯୋଗ ପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଅଭିଯୋଗ ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଉପବିଭାଗୀୟ ଅଧିକାରୀଙ୍କୁ ଅଧିକ ତଦନ୍ତ ସହ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବେ ତଦନ୍ତ କରି ସମବାୟ ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଦେଖିବାକୁ ବାକି ରହିଲା।

ଅଗ୍ନିବିପନ୍ନଙ୍କୁ ସହାୟତା

ଡେରାବିଶ,୧୪।୩(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ଆଜି ଗରଦପୁର ବ୍ଲକ୍ ତେଣ୍ଡାକୁଡ଼ା ପଞ୍ଚାୟତ ବସନ୍ତପୁର ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ବଦନୀଦେବୀ ଚାରିଟେବୁଲ ଟ୍ରଷ୍ଟ ପରିଚାଳିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନଙ୍କ ପକ୍ଷରୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ସାମଲ ଓ ବିଶ୍ୱଜିତ ଦାସ ବସନ୍ତପୁର ଗ୍ରାମର ବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ବେତନ ବୃଦ୍ଧି ପାଇଁ ଓଡ଼ିଶା ଜୀବିକା ମିଶନ କର୍ମଚାରୀଙ୍କ ଦାବି

ମହାକାଳପଡ଼ା,୧୪।୩(ସମିସ): ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ (ଓଏଲଏମ୍) ଅଧୀନରେ କାର୍ଯ୍ୟରତ ବ୍ଲକ୍ ମିଶନ ମ୍ୟାନେଜମେଣ୍ଟ ୟୁନିଟ୍ (ବିଏମଏମୟୁ) କର୍ମଚାରୀଙ୍କ ଦୀର୍ଘଦିନର ବେତନ ବୃଦ୍ଧି ଓ ସେବା ସୁବିଧା ସମ୍ପର୍କିତ ଦାବି ନେଇ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁଭାଇ) କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପତ୍ର ପ୍ରେରଣ କରିଛନ୍ତି। ଏହି ପତ୍ର ଓଡ଼ିଶା ସରକାରଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଜ୍ୟ ମିଶନ ନିର୍ଦ୍ଦେଶକଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ଓ ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଅଧ୍ୟକ୍ଷଙ୍କୁ ପ୍ରେରଣ କରାଯାଇଛି। ବିଏମଏମୟୁ କର୍ମଚାରୀ ବ୍ଲକ୍ ପ୍ରକଳ୍ପ ପ୍ରବନ୍ଧକ, ବ୍ଲକ୍ ଜୀବିକା ସମନ୍ୱୟକାରୀ, ସାମାଜିକ ବିକାଶ ସମନ୍ୱୟକାରୀ, ହିସାବରକ୍ଷକ ଇତ୍ୟାଦି ୨୦୧୪ରୁ ଉଭୟ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ଲକ୍ଷପତି ଦିଦି, ସୁଭଦ୍ରା ଯୋଜନା, ସ୍ୱୟଂସିଧା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଇତ୍ୟାଦିର କାର୍ଯ୍ୟାନ୍ୱୟନରେ ଅଗ୍ରଣୀ ଭୂମିକା ନେଇ ସରକାରଙ୍କ ସମସ୍ତ କାର୍ଯ୍ୟକୁ ସଫଳତାର ସହିତ କରିଆସୁଛନ୍ତି। କୋଭିଡ ମହାମାରୀ, ଘୂର୍ଣ୍ଣିଝଡ଼ ଓ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ମଧ୍ୟ ସେମାନେ ସମର୍ପିତ ଭାବେ ସେବା ପ୍ରଦାନ କରିଛନ୍ତି। ସେମାନଙ୍କର ସାମାନ୍ୟ ବେତନ ବୃଦ୍ଧି ହେଉଛି। ଏଥିସହିତ ମୋବାଇଲ୍ ଭତ୍ତା, ଗୋଷ୍ଠୀ ବୀମା, ସ୍ୱାସ୍ଥ୍ୟ ବୀମା ଭଳି ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ନାହିଁ। ଚାକିରିର ନିୟମିତକରଣ ଓ ଉପଦେୟ ନୀତି ସମ୍ପର୍କରେ ମଧ୍ୟ ଏ ପର୍ଯ୍ୟନ୍ତ ସ୍ୱଷ୍ଟତା ନାହିଁ। କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ଅକ୍ଟୋବର ୧୪ରେ ଜାରି ହୋଇଥିବା ଜାତୀୟ ଗ୍ରାମୀଣ ଜୀବିକା ମିଶନ ସଂଶୋଧିତ ମାନବ ସମ୍ପଦ ନିୟମାବଳୀ ଅନୁଯାୟୀ ବ୍ଲକ୍ ପ୍ରକଳ୍ପ ପ୍ରବନ୍ଧକଙ୍କ ପାରିଶ୍ରମିକ ୪୦,୦୦୦ ଟଙ୍କାରୁ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଥିବାବେଳେ ବ୍ଲକସ୍ତରୀୟ କର୍ମଚାରୀଙ୍କ ପାଇଁ ୩୫,୦୦୦ରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବେତନ ପ୍ରସ୍ତାବ ରହିଛି। ଓଡ଼ିଶାରେ ଏହାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ। ସ୍ୱାସ୍ଥ୍ୟ ବୀମା ଓ ବାର୍ଷିକ ୧୫ ପ୍ରତିଶତ ବେତନ ବୃଦ୍ଧି ପରି ସୁବିଧା ମଧ୍ୟ ଏହି ନିୟମାବଳୀରେ ଉଲ୍ଲେଖ ଥିବା ସତ୍ତ୍ୱେ ରାଜ୍ୟରେ ଲାଗୁ ହୋଇନାହିଁ ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ରାଜସ୍ଥାନ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ ଓ ପଶ୍ଚିମବଙ୍ଗ ପରି ଅନେକ ରାଜ୍ୟରେ ଏହି ମାନଦଣ୍ଡ ଲାଗୁ କରାଯାଇ କର୍ମଚାରୀଙ୍କୁ ସୁବିଧା ପ୍ରଦାନ କରାଯାଇଛି। ଫଳରେ କର୍ମଚାରୀଙ୍କ ମନୋବଳ ବୃଦ୍ଧି ପାଇବା ସହିତ କାର୍ଯ୍ୟ ପାରଦର୍ଶିତାରେ ମଧ୍ୟ ବୃଦ୍ଧି ଘଟିଛି। ଓଡ଼ିଶାରେ ମଧ୍ୟ ଶୀଘ୍ର ଏହି ବ୍ୟବସ୍ଥାକୁ ଲାଗୁ କରି ଓଏଲଏମ୍ ଅଧୀନରେ କାର୍ଯ୍ୟରତ ବିଏମଏମୟୁ କର୍ମଚାରୀଙ୍କୁ ଯଥୋଚିତ ବେତନ ଓ ସେବା ସୁବିଧା ପ୍ରଦାନ କରିବାକୁ ଶ୍ରୀ ପ୍ରଶାନ୍ତ ସ୍ୱାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

ନିଘୋଡ଼ ନିଦ୍ରାରେ ପ୍ରଶାସନ

ଆଳି ବ୍ଲକ୍‌ରେ ଆବାସ ଅର୍ଥ ବାଟବଣା ଅଭିଯୋଗ

ଆଳି,୧୪।୩(ସମିସ): କଳସପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଥିବା ରୁନାରାଣୀ ମଲିକଙ୍କୁ ୨୦୨୧-୨୨ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ମିଳିଥିଲା। ଗୃହ ନିର୍ମାଣ ଆରମ୍ଭ ହେବା ପରେ ବ୍ଲକ ଅଫିସରଙ୍କ ପକ୍ଷରୁ ଫଟୋ ମଧ୍ୟ ଉଠାଯାଇଥିଲା। ସେ ନିଜର ପ୍ରଥମ କିସ୍ତି ଅର୍ଥ ନ ପାଇବାରୁ ବ୍ଲକ କାର୍ଯ୍ୟାଳୟ ଯାଇ ଖୋଳତାଡ଼ କରି ଦେଖନ୍ତି ତ ସେହି କଳସପୁର ପଞ୍ଚାୟତର ଜେନାଭଳି ଗ୍ରାମର ବୃନ୍ଦାବନ ଦାସଙ୍କ ପତ୍ନୀ ରୁନାରାଣୀ ଦାସଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଟଙ୍କା ଯାଇଛି। ସେହିଭଳି ଛାତ ସେଣ୍ଟ୍ରିଂ କାର୍ଯ୍ୟ ଶେଷ ହେବା ପରେ ପୁଣି ୬୫ ହଜାର ଟଙ୍କା ରୁନାରାଣୀ ଦାସଙ୍କ ଆକାଉଣ୍ଟକୁ ଯାଇଥିଲା। ଏ ନେଇ ଯୋଗ୍ୟ ହିତାଧିକାରୀ ରୁନାରାଣୀ ମଲିକ ତତ୍କାଳୀନ ଆଳି ବିଡିଓ ମିନତି ଜଗଦେବଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଟଙ୍କା ଫେରାଇ ଆଣିବାକୁ ୨୦୨୪ ଅଗଷ୍ଟ ୨୮ ତାରିଖରେ ବିଡିଓ ଶ୍ରୀମତୀ ଜଗଦେବ ଆଳି ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ତତ୍କାଳୀନ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମାତ୍ର ଅଭିଯୋଗକୁ ୧୯ ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ହିତାଧିକାରୀ ରୁନାରାଣୀ ମଲିକ ଦ୍ୱିତୀୟ କିସ୍ତି ଟଙ୍କା ପାଇଁ ବ୍ଲକ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ଚୁପ ରହିବା ସହିତ ଅଣଦେଖା କରୁଛନ୍ତି। ଘଟଣା ସମ୍ବନ୍ଧରେ ବର୍ତ୍ତମାନର ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ଆକାଉଣ୍ଟକୁ ଅର୍ଥ ଯାଇଥିଲା ଥାନାରେ କେଶ ହୋଇ ଉକ୍ତ ଆକାଉଣ୍ଟ ବ୍ଲକ କରାଯାଇଛି। ଖୁବଶୀଘ୍ର ତଦନ୍ତ କରାଯାଇ ଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଅବଶିଷ୍ଟ ଅର୍ଥରାଶି ପ୍ରଦାନ କରାଯିବ।

ଫଳକ ଅନୁସାରେ କାମ ନ କରି ହରଡ଼ଘଣାରେ ଯନ୍ତ୍ରୀ

ରାଜକନିକା,୧୪।୩(ସମିସ): ରାଜକନିକା ବ୍ଲକ ଦେଉଳତରା ପଞ୍ଚାୟତ ମୁରାଦପୁର ଗାଁ ରାସ୍ତା ଫଳକ ଅନୁସାରେ ନିର୍ମାଣ ନ ହୋଇ ଚୋରି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ମୁରାଦପୁର ଗାଁ ହନୁମାନ ମନ୍ଦିରଠାରୁ ଶିବ ମନ୍ଦିର ଯାଏ କଂକ୍ରିଟ ରାସ୍ତା ନିର୍ମାଣର ଫଳକ ଲାଗିଛି। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଏହି ଢଳେଇ କାମ ହେଉଛି। ଏଥିରେ ବ୍ୟୟବରାଦ ରହିଛି ୩ ଲକ୍ଷ ୬୯ ହଜାର ୮୫୪ ଟଙ୍କା। ଏହି ରାସ୍ତା ଗ୍ରାମର ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଏହାର ପୁନରୁଦ୍ଧାର ହେବାର ଆବଶ୍ୟକତା ଥିଲା। ରାସ୍ତାର ଅବସ୍ଥା ବି ଶୋଚନୀୟ ହେଲାଣି। ଏହି ରାସ୍ତା ନିମନ୍ତେ ଆର୍ଥିକ ବରାଦ ଥିବା ସତ୍ତ୍ୱେ ଅନ୍ୟତ୍ର ରାସ୍ତା ହୋଇଥିବାରୁ ଏହା ଚୋରି ହୋଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ବିଭାଗୀୟ ଯନ୍ତ୍ରୀଙ୍କ ନିଦ ଭାଙ୍ଗିଯାଇଛି। ତ୍ରୁଟିପୂର୍ଣ୍ଣ ଭାବେ ହୋଇଥିବା କାମର ବିଲ୍ ଅଟକା ଯାଇଥିଲା। ହେଲେ ଏବେ ପୁଣି ତତ୍ପର ହୋଇ କନିଷ୍ଠ ଯନ୍ତ୍ରୀ ଯେନତେନ ପ୍ରକାର କାମ କରିବାକୁ ସରପଞ୍ଚ, ପିଇଓଙ୍କୁ ରିପୋର୍ଟ ତଲବ କରିବା ପରେ ପୁଣି ନିର୍ଦ୍ଧାରିତ ସ୍ଥାନର ମାତ୍ର କେଇ ଫୁଟ ଢଳେଇ କାମ ଆଖି ପିଛୁଳାକେ ହୋଇଛି। ତାହା ପୁଣି ଅତି ନିମ୍ନମାନର ଧସା ବାଲି ଓ କମ୍ ସିମେଣ୍ଟ ଗୋଳେଇ ଏହି କାମ ହୋଇଥିବା ଅଭିଯୋଗ ହେଉଛି। ଏଥିପାଇଁ ବିଡିଓଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି।

ନିଖୋଜ ପୀତବାସଙ୍କ ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ,୧୩।୩(ସମିସ): ଗତକାଲି ମଧ୍ୟାହ୍ନରେ ଶ୍ରୀରାମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବୁଡ଼ିଯାଉଥିବା ପୂଜା ମଲିକ ଓ ପରୀ ମଲିକଙ୍କୁ ଉଦ୍ଧାର କରିବାକୁ ଯାଉ ବୁଡ଼ିଯାଇଥିବା ସେହି ଗ୍ରାମର ପୀତବାସ ପରିଡ଼ାଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ୬୦ ବର୍ଷୀୟ ପୀତବାସ ଦୁଇ ନାବାଳିକାଙ୍କୁ କୂଳ ଠେଲିଦେଇ ନିଜେ ବୁଡ଼ି ଯାଇଥିଲେ। ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ନଦୀରେ ଖୋଜାଖୋଜି ଜାରି ରଖିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ପୀତବାସଙ୍କ ପତ୍ତା ମିଳିପାରି ନ ଥିଲା। ଆଜି ମଧ୍ୟାହ୍ନରେ ପୀତବାସଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଥିଲା। ପୀତବାସଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପୀତବାସଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

● ପୋଲ ଅପେକ୍ଷାରେ ଚାଷୀ

କୁମ୍ଭୀର ଭୟରେ ଶହ ଶହ ଏକର ଚାଷଜମି ପଡ଼ିଆ

ପଟ୍ଟାମୁଣ୍ଡାଇ, ୧୪।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ମାଳିପୁର, ଶାସନ, ଶ୍ରୀରାମପୁର ଓ ଉଦୟପୁର ଗ୍ରାମର ଶହ ଶହ ଚାଷୀ ପୋଲ ନ ଥିବାରୁ କୁମ୍ଭୀର ଭୟରେ ଚାଷ ଛାଡ଼ି ଜମି ପଡ଼ିଆ ପକାଇଲେଣି। ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ବନ୍ୟାବନ୍ଧ ରାସ୍ତାର ଗୋଟିଏ ପାର୍ଶ୍ୱରେ ମାଳିପୁର, ଶାସନ ଗ୍ରାମ ଅବସ୍ଥିତ ଥିବାବେଳେ ବିପରୀତ ପାର୍ଶ୍ୱରେ ଧୋଇଆଞ୍ଚଳରେ ଶ୍ରୀରାମପୁର ଓ ଉଦୟପୁର ଗ୍ରାମ ଅବସ୍ଥିତ। ଏହି ଚାରୋଟି ଗ୍ରାମର ପ୍ରତ୍ୟେକ ପରିବାର ଚାଷ ଉପରେ ନିର୍ଭରଶୀଳ। ବିଲକୁ ପାଣି ଯୋଗାଇବା ପାଇଁ ନଦୀବନ୍ଧ ପାଖେ ପାଖେ ଚାରିବର୍ଷ ତଳେ ବ୍ରାହ୍ମଣୀର ଏକ ଶାଖା ନାଳ ଖୋଳାଯାଇଥିଲା। ସେହି ନାଳ ହିଁ ଏବେ ଚାଷୀଙ୍କ ପାଇଁ ଆଶୀର୍ବାଦ ହେବା ପରିବର୍ତ୍ତେ ଅଭିଶାପ ପାଲଟିଛି। ନାଳ ଖୋଳା ହୋଇ ନ ଥିବାବେଳେ ଚାଷୀ ପାଣିରେ ପଶି ଯାଇ ଚାଷ କରୁଥିଲେ। ବିଗତ କିଛିବର୍ଷ ହେଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀରେ ବିଭିନ୍ନ ଗ୍ରାମରେ କୁମ୍ଭୀର ଆତଙ୍କ ସୃଷ୍ଟି କରି ଜନଜୀବନ ହାନି କରୁଥିବାରୁ ଚାଷୀ ଖୋଳାଯାଇଥିବା ଗଭୀର ନାଳରେ ପଶି ପାରି ହେବାକୁ ଭୟ କରୁଛନ୍ତି। କୁଆର ସମୟରେ ପାଣିରେ ପଶି ଧାନ ଭାର ଓ ଚାଷ ଉତ୍ପାଦନ ସାମଗ୍ରୀ ଧରି ନାଳ ପାରି ହେବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିଛି। ଅଧିକାଂଶ ଚାଷୀ ଚାଷ ଛାଡି ଦେଇଥିବାରୁ ଶହ ଶହ ଏକର ଚାଷ ଜମି ପଡ଼ିଆ ପଡ଼ିଛି। ପୋଲ ପାଇଁ ଅପେକ୍ଷା କରି ଶହ ଶହ ଚାଷୀ ଜୀବିକା ହରାଇ ହତାଶ ହୋଇପଡିଛନ୍ତି। କିଛିଦିନ ତଳେ ସରକାରଙ୍କ ପକ୍ଷରୁ ଏକ ପୋଲ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କାମ ଆରମ୍ଭ ହେବାର କିଛିଦିନ ପରେ ଠିକାଦାର କାମ ଛାଡି ଚାଲିଯାଇଥିଲେ। ଯଦି ପୋଲ ପାଇଁ ଟେଣ୍ଡର ହୋଇଥିଲା ଓ କାର୍ଯ୍ୟ ଆରମ୍ଭ ହୋଇଥିଲା, ତେବେ ସେହି ପ୍ରକଳ୍ପ ଗଲା କୁଆଡେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ପ୍ରକଳ୍ପ ପାଇଁ ଆସିଥିବା ସରକାରୀ ଅନୁଦାନ ଅର୍ଥକୁ ହଡ଼ପ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ପ୍ରକଳ୍ପର ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ମାଳିପୁର ଗ୍ରାମର ପ୍ରସ୍ତାବିତ ସ୍ଥାନରେ ଏକ ପୋଲ ନିର୍ମାଣ ପାଇଁ ବ୍ୟବସ୍ଥା କରିବାକୁ ସତ୍ୟବାନ ମଲିକ, ଅର୍ଜୁନ ସାହୁ, ଅକ୍ଷୟ ମଲିକ, ତୀର୍ଥ ପରିଡା, ଗଣେଶ୍ୱର କୁଣ୍ଡ, ଉତ୍ତମ ଜେନା, ଦିଲ୍ଲୀପ ମଲିକ, ଆଶିଷ ମଲିକ, ରଶ୍ମିକାନ୍ତ କୁଣ୍ଡ, ବୈଜୟନ୍ତୀ କୁଣ୍ଡ ପ୍ରମୁଖ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

ଅର୍ତ୍ତାମୂଳରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଡେରାବିଶ, ୧୪।୩(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ଗ୍ରାମରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଏଲଡିଏମ୍ ରମାକାନ୍ତ ମାଝି, ଏଫଏଲସି ହରିନାଥ ପଣ୍ଡା ଓ ସିଏଫଏଲ ଶୁଭଲିକା ମହାନ୍ତି ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ବ୍ୟାଙ୍କରେ ଜମାଖାତା କିପରି ଖୋଲିବେ, ଜମାଖାତା ଖୋଲି କିପରି ସେମାନଙ୍କ କଷ୍ଟାର୍ଜିତ ଟଙ୍କାକୁ କିପରି ସୁରକ୍ଷିତ ରଖିପାରିବେ, ସେ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ମହିଳା ଗୋଷ୍ଠୀ ବ୍ୟାଙ୍କରୁ କିପରି ଋଣ ଆଣି ସେମାନଙ୍କ କାର୍ଯ୍ୟରେ ଲଗାଇ ଆର୍ଥିକ ସଶକ୍ତୀକରଣ ହୋଇପାରିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରାମାଞ୍ଚଳର ଜମାଖାତାଧାରୀ କିପରି ସାଇବର ଠକଙ୍କ କବଳରୁ ସେମାନଙ୍କ ଜମାପୁଞ୍ଜିକୁ ସୁରକ୍ଷିତ ରଖିପାରିବେ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏମ୍‌ବିକେ ତିଳୋତ୍ତମା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମର କୃଷ୍ଣଚନ୍ଦ୍ର ବଳଙ୍କ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ। ନିରୋଜନଳିନୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ପଟ୍ଟାମୁଣ୍ଡାଇରେ ରାଷ୍ଟ୍ରୀୟ ଲୋକ ଅଦାଲତ

ପଟ୍ଟାମୁଣ୍ଡାଇ,୧୪।୩(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ଅଦାଲତରେ ସିନିୟର ସିଭିଲ ଜଜ ଅପୂର୍ବା ଚୌଧୁରୀ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଯୋଗଦେଇ ଫୌଜଦାରୀ, ଚେକ ବାଉନ୍ସ, ଦେୱାନୀ ଜମି ଅଧିଗ୍ରହଣ ଆଦି ୭୫ଟି ବିଭିନ୍ନ ମାମଲା ଫଇସଲା କରି ୧୦ ଲକ୍ଷ ୯୦ ହଜାର, ଦୁର୍ଘଟଣା ମାମଲାରେ ୫ ଲକ୍ଷ ୫୦ ହଜାର ଆଦାୟ କରାଯାଇଥିଲା। ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟିଙ୍କ ସହିତ ଆଡଭୋକେଟ ମନୋଜ ନାୟକ, ସିନିୟର ସିଭିଲ ଜଜ ଅପୂର୍ବା ଚୌଧୁରୀଙ୍କ ସହିତ ଆଡଭୋକେଟ ପ୍ରଫୁଲ୍ଲ ଦାଶ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଆଡଭୋକେଟ ବିଶ୍ୱନାଥ ରାଉତ ଓ ବେଞ୍ଚ ଆଡଭୋକେଟ ଭବାନୀ ପଣ୍ଡା, ସରକାରୀ ଆଡଭୋକେଟ ଧୀରେନ୍ଦ୍ର ସାହୁ, ସରକାରୀ ଆଡଭୋକେଟ ତଥା ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର, ହୃଦାନନ୍ଦ ମହାନ୍ତି, ସତ୍ୟନାରାୟଣ ନାୟକ, ବିଚିତ୍ର ସାହୁ, ଏଫ ଏମ ବେଗ, ଲିଗାଲ ଏଡ ରିଟେନର ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଯୋଗଦେଇ ମାମଲା ଫଇସଲାରେ ସହଯୋଗ କରିଥିଲେ। ଏହି ଲୋକ ଅଦାଲତକୁ ଅପର୍ଣ୍ଣା ସାମଲ, ବକୁଳ ନାୟକ, ସୌମ୍ୟଶୁଭକାନ୍ତ ଷଡଙ୍ଗୀ, ନବେନ୍ଦୁ ତ୍ରିପାଠୀ, ଅକ୍ଷୟ ଲେଙ୍କା, ବିକ୍ରମ ସାମଲ, ଦେବାଶିଷ ମିଶ୍ର, ରାଜେନ୍ଦ୍ର ମୁର୍ମୁ ଓ ଚନ୍ଦ୍ରଶେଖର ଲେଙ୍କା ପରିଚାଳନା କରିଥିଲେ।

ନିମ୍ନମାନର ବଳିଭଣ୍ଡା-ଉଜାଙ୍ଗ ରାସ୍ତା କାମ

ମାସେ ପୂରିନି, ହାତ ମାରିଲେ ଉଠିଯାଉଛି ପିଚୁ

ରାଜକନିକା,୧୪।୩(ସମିସ)

ହେଁସ ମସିଣା ଗୁରେଇ ହେବା ସମସ୍ତେ ଦେଖିଛନ୍ତି। ହେଲେ ପିଚୁ ରାସ୍ତା ଗୁରେଇ ହେବା ବୋଧହୁଏ କେହି ଦେଖି ନ ଥିବେ। ଏଭଳି ରୋଚକ ଦୃଶ୍ୟ ରାଜକନିକା ବ୍ଲକ ବଳିଭଣ୍ଡା-ଉଜାଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କ୍ଷେତ୍ରରେ ଦେଖିବାକୁ ମିଳିଛି। ମାସକ ପୂର୍ବେ ୪.୨ କିମିର ପିଚୁ କାମ ସରିଯାଇଛି। ପିଚୁ କାମରେ ଅନିୟମିତତା ସେତେବେଳେ ବେଶ୍ ଚର୍ଚ୍ଚାର ପରିଧିକୁ ଆସିଥିଲା। ମାଟି ଉପରେ ପିଚୁ ଢଳାଯାଇଥିଲା। ଏହାସହିତ କେତେକ ସ୍ଥାନରେ ତଳେ ଡଷ୍ଟ ଗୋଡିକୁ ପାଣି ନ ପକାଇ କିମ୍ବା ରୋଲର୍ ନ ଚଳାଇ ତା' ଉପରେ ପିଚୁ ପକାଯାଇଥିଲା। ଏମିତିକି ରାତିରେ ପିଚୁ ପକାଯାଇ ଅତି ତରବରିଆ ଭାବେ କାମ ସାରି ଦିଆଯାଇଥିଲା। ଏବେ କିନ୍ତୁ ସବୁ ତ୍ରୁଟି ପଦାକୁ ଆସିଲାଣି। ଅତି ନିମ୍ନମାନର କାମ ହେବା ଦ୍ୱାରା ପିଚୁ ଏବେ ହାତରେ ଉଠିଯାଉଛି। ତାହା ପୁଣି ଗୁରେଇ ତୁରେଇ ହୋଇ ଆଗାମୀ ବର୍ଷା ଓ ବନ୍ୟାରେ କେମିତି ହେବ, ତାହା ଅନୁମେୟ। ଠିକାଦାର, ଯନ୍ତ୍ରୀଙ୍କ ସଲାସୁତୁରାରେ ରାସ୍ତାକାମ ଏଭଳି ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଭାଗୀୟ ଉଚ୍ଚ ଅଧିକାରୀ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

ଗୋଟିଏ ଆକ୍ରାନ୍ତ ଛାଇ

ଲିପ୍‌ସା ପଟେଲ

ବିବେକ ନଥିଲା ସମୟତକ ଖୁବ୍ ଓଜନିଆ ଲାଗେ ଲିପିକାକୁ। ବିବେକ ବିନା ଦିନଟି ସରେନି। ତାଙ୍କ ସହ ମନ ଖୋଲି କଥା ହେବାକୁ କେତେ ଦୀର୍ଘ ପ୍ରତୀକ୍ଷା ତାହା କେବଳ ଲିପିକା ହିଁ ଜାଣେ। ବିବେକ କ'ଣ ଏତିକି ବୁଝିପାରନ୍ତିନି? ଏତେ ଦକ୍ଷ, ବୟସ୍କ ଓ ସାବଲୀଳ ମଣିଷଟିଏ କେମିତି ଏତେ ଅବୁଝା ଭଳି ବ୍ୟବହାର କରନ୍ତି ଯେ !!! ହୁଏତ ସେ ନିଜର ସବୁ ଭାବାବେଗକୁ ନିଜ ମନ ତଳେ ହିଁ ଲୁଚେଇ ରଖିବାକୁ ଚାହାନ୍ତି। ବିବେକଙ୍କର ଏଇସବୁ ଗୁଣ ପାଇଁ ଲିପିକା କଥା କଥାକେ ଚିଡ଼ି ଯାଏ। କାହିଁକି ଦେଖା ହେଲା ଏମିତି ଏକ ଅଜବ ମଣିଷ ସହ ବୋଲି ସେ ଦିନଟିକୁ ବହେ ଗାଳିଦିଏ।

ବିବେକ ସବୁବେଳେ ନିଜ ବୟସରୁ କମ୍ ହିଁ ଜଣା ପଡୁଥିଲେ। ତାଙ୍କୁ ଦେଖି କେହି ବି ତାଙ୍କର ସଠିକ୍ ବୟସ ଆକଳନ କରିପାରୁନଥିଲେ। ସ୍କୁଲ, କଲେଜ, ଚାକିରି, ଏମିତିକି ବିବାହ ପ୍ରସ୍ତାବ ପାଇଁ ଖୋଜାଖୋଜି କରି ଝିଅ ଦେଖା ବେଳେ ମଧ୍ୟ ସେଇ ସମାନ କଥା। ଅନେକ ଝିଅ ତାଙ୍କୁ ନିଜ ବୟସରୁ କମ୍ ଜଣାପଡୁଛନ୍ତି କହି ମନା କରିଦେଇଥିଲେ। ଶେଷରେ କାହା ହାତ ଧରି ସଂସାର ଗଢ଼ିବାର ସ୍ୱପ୍ନ ବି ସ୍ୱପ୍ନ ହୋଇ ରହିଗଲା। ମଜା ମଜାରେ ଲିପିକା ବି କହୁଥିଲା ବିବେକ କୁଆଡ଼େ ଖୁବ୍ ପିଲାଳିଆ ବୁଦ୍ଧିର ମଣିଷ। ତେଣୁ ତାକୁ ହିଁ ବୟସ୍କା ପାଲଟି ବିବେକଙ୍କର ସବୁ ଚିନ୍ତା କରିବାକୁ ପଡ଼ିବ। ତଥାପି ସେଇଠି ଗୋଟିଏ ପ୍ରଶ୍ନ ସାମ୍ନାରେ ସେ ଅଟକି ଯାଏ। କେଉଁ ଅଧିକାର, କେଉଁ ସମ୍ପର୍କର ଦୁହାଇ ଦେଇ ସେ ଏସବୁ କରିବ? ବିବେକ ତାଙ୍କର ସମ୍ପର୍କକୁ କେବେ ପ୍ରେମର ସ୍ୱରୂପ ଦେଇନାହାନ୍ତି କି ଅବା କୌଣସି ସାମାଜିକ ସ୍ୱୀକୃତି ଦେବା ପାଇଁ ତାଙ୍କ ପାଖରେ ଲିପିକା ଆଗ୍ରହ ଦେଖିନି। ପ୍ରତିଥର କହନ୍ତି, "ଏମିତିରେ ତ ସବୁ ଠିକ୍ ଠାକ୍ ଚାଲିଛି। ଅଯଥା କଥା ଭାବି ମୁଣ୍ଡ ଖରାପ କରନି।"

ସେ କେବେ ଲିପିକା ମୁହଁକୁ ସିଧାସଳଖ ଚାହିଁ କଥା ହୁଅନ୍ତିନି; ଯଦି କେବେ ଚାହିଁବେ, ତାହା ବି ମାତ୍ର କ୍ଷଣକ ପାଇଁ। ତାଙ୍କୁ କିଛି ପ୍ରଶ୍ନ କରିବାର ଥିଲେ ବି ସେ ଟି.ଭି. ଆଡ଼କୁ ଚାହିଁ ପଚାରୁଥିବେ। ଲିପିକାକୁ ଏସବୁ ଜମା ଭଲ ଲାଗେନି। ସେ ବି ଦେଖେଇ ଦେଖେଇ କହେ, ଜୀବନ୍ତ ମଣିଷଠୁ ଏଇ ନିର୍ଜୀବ ଟି.ଭି.ର ମୂଲ୍ୟ ବେଶୀ। ସେତିକିବେଳେ ବିବେକଙ୍କର ଲାଜୁଆ ହସରେ କାହିଁକି କେଜାଣି ଅଜଣା କମ୍ପନରେ ଲିପିକାର ଛାତି ଥରି ଉଠେ। ଅନାୟସରେ ତା' ଆଖି ବିବେକଙ୍କର ଅବୟବ ଚାରିଆଡ଼େ ଥରେ ଘୂରି ଆସେ। ମନେ ମନେ ଭାବେ, ଇଏ କ'ଣ ମୋର ସେଇ ଇପ୍‌ସିତ ପୁରୁଷ?

ବିବେକଙ୍କ ତା' ଉପରେ ବିଶ୍ୱାସ ଲିପିକାକୁ ଏତେ ବାଟ ଚଲେଇ ନେଉଛି। ସମାଜ ଆଗରେ ସଳଖି ଛିଡ଼ା ହେବା ଶିଖେଇଛି। ସେ ଯେବେ ଉଦାସ ହୁଏ, ଯେଉଁ ମୁହୂର୍ତ୍ତରେ ଭାଙ୍ଗି ପଡ଼େ ସେତେବେଳେ ମନେପଡ଼େ ବିବେକ ହିଁ କହନ୍ତି, "ତା'ର ନକ୍ଷତ୍ରଟିଏ ଭଳି ଜଳିବା ଥୟ।" ସେମାନେ ମାସ ମାସ ଧରି କଥା ହୁଅନ୍ତିନି। ନିଜ ନିଜ କାମର ବ୍ୟସ୍ତତା ଭିତରେ କେତେବେଳେ କେମିତି ଗୋଟେ ଦି'ଟା ମେସେଜ୍। କେବେ କେବେ ଦୁହେଁ ଦୁହିଙ୍କ ଉପରେ ଅଭିମାନ କରନ୍ତି ଅଥଚ ଦୁହେଁ ଜାଣନ୍ତି ଦୁହିଙ୍କର ଆଶା ଓ ବିଶ୍ୱାସ ସେମିତି ଅତୁଟ ଥାଏ। ବିବେକ ସବୁବେଳେ କହନ୍ତି, ଯେତେ ଦିନ ହେଉ ଯଦି କଥାବାର୍ତ୍ତା ବନ୍ଦ ହୋଇଯାଇଛି ତଥାପି ପରବର୍ତ୍ତୀ ମୁହୂର୍ତ୍ତରେ ଗୋଟିଏ ଆତ୍ମୀୟତାଭରା ଉଚ୍ଚାରଣ ବାରି ହୋଇପଡୁ। ଜୀବନକାଳରେ ଅନେକ ରାଗରୁଷା ଭିତରେ ବି ଯେତେବେଳେ କେହି କାହାକୁ ଡାକିଲେ, 'ହଁ' ବୋଲି ସ୍ୱରଟିଏ ଶୁଭୁ।

ହଠାତ୍ ସବୁ ଅନ୍ତରଙ୍ଗତାରେ ପୂର୍ଣ୍ଣଚ୍ଛେଦ ପକାଇଲା ପରି ବିବେକ ଦୂରେଇ ଯାଉଥିଲେ। ତାଙ୍କଠାରୁ ଆଉ ଫୋନ୍, ମେସେଜ୍ ଆସୁନଥିଲା। ଲିପିକା ନିଜ ଆଡୁ ଫୋନ୍ କିମ୍ବା ମେସେଜ୍ କଲେ ସେଥିରେ ବି ବିବେକଙ୍କ ଉଦାସୀନତା ଦେଖି ଲିପିକାର ଛାତି ଭିତରେ ଏକ ଅଜଣା ସୁନାମିର ଲହଡ଼ି ବାରମ୍ବାର କୂଳ ଲଙ୍ଘୁଥିଲା, ଯାହାକୁ ସମ୍ଭାଳିବା ଏବେ ତା' ପକ୍ଷେ ଅସମ୍ଭବ! ସେ ଏବେ ସିଧାସଳଖ ବିବେକ ସହ କଥାବାର୍ତ୍ତା କରିବା ପାଇଁ ଚାଲିଗଲା।

ସଫା ସଫା କହୁନ, କ'ଣ ହୋଇଛି? ହଠାତ୍ ଏମିତି କାହିଁକି ତୁମର ବ୍ୟବହାର ବଦଳିଗଲା? ବିବେକ ନିରୁପାୟ, ନିରୁତ୍ତର। ଅନେକ ସମୟର ନିରବତା ପରେ ମୁହଁ ଖୋଲିଲେ, ଏତିକି କହିବାକୁ "ତୁମେ ସବୁକିଛି ଭୁଲି ଦୂରେଇ ଯାଅ। ତୁମେ ଚାଲିଯାଅ ଲିପିକା।"

ଲିପିକାର ବାକିଥିବା କୋହତକ ଚିପୁଡ଼ି ହୋଇପଡ଼ିଲା ଦୁଇ ଆଖିରୁ। ସେ ଆଉ କିଛି କହିବା ଅବସ୍ଥାରେ ନଥିଲା। ବିବେକ ତା' ଲୁହ ପୋଛିଦେଇ କହିଲେ " ସଂସାରଯାକର ବଗିଚା ତୁମର ହେଉ। ତୁମେ ଏମିତି ହିଁ ପ୍ରଜାପତି ପରି ଉଡୁଥାଅ। ତୁମେ ଯେଉଁଠି, ଯାହା ସହିତ ଖୁସିରେ ରହିଲେ, ମୋର ବି ସେଥିରେ ଖୁସି। ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ମୁଁ ତ ଏମିତି ହିଁ ରହିଥିବି !!!"

ଲିପିକା କିଛି କହିଲାନି। ତାକୁ ଲାଗିଲା, କିଛି ସମୟ ପାଇଁ ବନ୍ଦ ହୋଇଗଲା ହୃଦୟର ସ୍ପନ୍ଦନ ଆଉ ଏଇ ଚଳନ୍ତା ପୃଥିବୀ। ସେଇ କ୍ଷଣି ହିଁ ସେ ବିବେକଙ୍କ ହାତକୁ ଚାପି ଧରିଲା। ନୀରବରେ ଅନେକ କଥା କହିଗଲା ତା' ଲୁହ ଢଳ ଢଳ ଆଖି। ଚୁପଚାପ୍ ଫେରିଗଲା ସେ। ବିବେକ ଦେଖୁଥିଲେ, ଭସା ବାଦଲ ସବୁ ମନ୍ଦଗତିରେ ଆଗେଇ ଯାଉ ଯାଉ ଅପସରିଗଲେ; କିନ୍ତୁ ଲିପିକା ଥରୁଟିଏ ବି ପଛକୁ ଫେରି ଚାହିଁଲାନି। ବିବେକ ମନେ ମନେ ହସି ହସି କହୁଥିଲେ, ତୁମ ପରି ସ୍ୱାଭିମାନୀ ଝିଅଟିଏକୁ ପ୍ରଥମ ଥର ଜୀବନରେ ଭେଟିଥିଲି। ତୁମ ସହିତ ବିତିଥିବା ସମୟ ମନେରହିବ ଲିପିକା।

ଆଜି ବିବେକଙ୍କର ଫଟୋ ତଳେ ଆବିର୍ଭାବ ଏବଂ ତିରୋଧାନ ତାରିଖ ମଝିରେ ହିଁ ଅଟକି ଯାଇଛି ତାଙ୍କର ବୟସ। ହଁ, ସବୁଦିନ ପାଇଁ ସେ ଅନ୍ତିମ ବୟସ ପଇଁଚାଳିଶ ବର୍ଷରେ ହିଁ ଅଟକିଗଲେ। ଲିପିକା ହାତ ଯୋଡ଼ି ବିବେକଙ୍କର ଫଟୋକୁ ଚାହିଁ କହୁଥିଲା, "ଏତେ ଦୁରାସାଧ୍ୟ ବ୍ୟାଧିରେ ବି ତୁମେ ମୋତେ ଖୋଜିଲନି। ମୋତେ ନିଜର ବୋଲି ଥରୁଟିଏ ବି ଭାବିଲନି। ସବୁ କଷ୍ଟ ଏକା ଏକା ସହିଗଲ। ମୁଁ କ'ଣ କେବେ ବି ତୁମକୁ ମନେ ପଡ଼ିଲିନି ବିବେକ? ଚିରଦିନ ପାଇଁ ତୁମେ କେବଳ ସ୍ମୃତି ହୋଇ ନୁହେଁ, ବରଂ ମୋ ମନରେ ଗୋଟିଏ ଆକ୍ରାନ୍ତ ଛାଇ ହୋଇ ରହିବ ଯାହାକୁ ମୁଁ ବଞ୍ଚିଥିବା ଭିତରେ କେବେ ସୁଦ୍ଧା ମୋ ଠାରୁ ଦୂରେଇ ଦେଇ ପାରିବିନି।" ■

ଭବାନୀପାଟଣା

ପୁସ୍ତକ ପରିଚୟ

ଜହ୍ନର ଲୁଚକାଳି

ତୁଷାରକାନ୍ତ ମହାନ୍ତି

ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

କେତେବେଳେ ପ୍ରକୃତିର ସୌନ୍ଦର୍ଯ୍ୟରେ କବି ମୁଗ୍ଧ ହୋଇଛନ୍ତି, ପୁଣି କେବେ ସାମାଜିକ ବିଧି ବ୍ୟବସ୍ଥା ତାଙ୍କୁ ବ୍ୟଥିତ କରିଛି। ହୃଦୟର ଅସୁମାରୀ ଆବେଗ ଓ କ୍ଷୋଭ ପ୍ରତିଫଳିତ ହୋଇଛି ତୁଷାରକାନ୍ତ ମହାନ୍ତିଙ୍କ 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକର 'ଜହ୍ନର ଲୁଚକାଳି', 'ମା' ମାଟି ଓ ମମତା', 'ପହିଲି ବରଷା', 'ପ୍ରିୟା ତୁମେ ଅନନ୍ୟା', 'ମିଳନର ଅନୁଚିନ୍ତା', 'ପିତାମାତା ବଡ଼ ଦେବତା', 'ଅରାଜକତା', 'ଫୁଲେଇ ନାନୀ', 'ସ୍ମୃତିପଥେ', 'ଚାନ୍ଦିନୀ', 'ପ୍ରତାରଣା', 'ଜନମଭୂଇଁ', 'ଦେଶ ବନ୍ଦନା', 'ମିଛ ମାୟା ସଂସାର', 'ତମେ ମୋ ମନର', 'ଷୋଳଟି ବସନ୍ତ', 'ପ୍ରେମର ସମାଧି', 'ଜହ୍ନ ତୁ ଲାଜେ ଲାଜେ', 'ସାଧବ ବୋହୂ', 'ପ୍ରେମ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରକୃତିପ୍ରୀତି, ମାନବୀୟ ପ୍ରେମ, ମଣିଷର ଆଶା, ଆକାଂକ୍ଷା, ସାମାଜିକ ବିଧି ବ୍ୟବସ୍ଥା, ସାଂପ୍ରତିକ ଘଟଣାବଳୀର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ଅନେକ କବିତାରେ। କବି ନିଜ ହୃଦୟର ଆନନ୍ଦ, ବ୍ୟଥା ଓ ବେଦନାକୁ ପ୍ରକାଶ କରିଛନ୍ତି କବିତା ମାଧ୍ୟମରେ। ନିଆରା ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା କବିତାଗୁଡ଼ିକକୁ ଅଧିକ ସୁଖପାଠ୍ୟ କରିଛି। 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

ମାଆ

ସଂପାଦନା

ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁ



ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର-୭ ୬୦୦୧୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ମାଆ ହେଉଛି ସ୍ନେହମୟୀ, ମମତାମୟୀ, ବାତ୍ସଲ୍ୟମୟୀ। ମାତୃତ୍ୱ ଲାଭ କରିବା ଏକ ନିଆରା ଅନୁଭବ। ଜଗତରେ ମାଆର ବିକଳ୍ପ ନାହିଁ। ଓଡ଼ିଶାର ଅନେକ କବିଙ୍କ କଲମ ମୁନରୁ ମାଆକୁ ନେଇ ଝରି ପଡ଼ିଛି ଅଜସ୍ର କବିତା। ସେଭଳି କିଛି ମନଛୁଆଁ କବିତାକୁ ନେଇ ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁଙ୍କ ସଂପାଦନାରେ ପ୍ରକାଶ ପାଇଛି 'ମାଆ' ପୁସ୍ତକ। ଏହି ପୁସ୍ତକରେ ସଂକଳିତ ବିଦେଶୀ ନାୟକଙ୍କ 'ବୋଉ', ଭାଗୀରଥି ବେହେରାଙ୍କ 'ବୋଉ ମୋ ସଞ୍ଜିବତୀ', ଡ. ମମତାରାଣୀ ନାୟକଙ୍କ 'ବାତ୍ସଲ୍ୟମୟୀ ମାଆ', ନିରାକାର ଦାସଙ୍କ 'ବୋଉ', ଦେବେନ୍ଦ୍ର କୁମାର ବାଉରୀଙ୍କ 'ମାଆ–ମୋର ସ୍ରଷ୍ଟା', ଲିପ୍‌ସା ପଟେଲଙ୍କ 'ଫାଳେ ଜହ୍ନ, ଫାଳେ ଜୀବନ', ରୋହିତ କୁମାର ଦାଶଙ୍କ 'ମା'ର ଋଣ', ଡ. ସ୍ୱର୍ଣ୍ଣଲତା ଲେଙ୍କାଙ୍କ 'ମା', ଡକ୍ଟର ଶୁଭେନ୍ଦୁ ମେହେରଙ୍କ 'ମା', ନିରୁପମା ବେହେରାଙ୍କ 'ବୋଉ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକରେ ମା'ର ମହନୀୟତା, ତ୍ୟାଗ, ତିତିକ୍ଷା, ବାତ୍ସଲ୍ୟ ମମତା ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। 'ମାଆ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

ଦୃଶ୍ୟାନ୍ତର

ସଂଜିତ କୁମାର ବଳ

ସେ ଦେଖେ, ଦେଖିପାରେନା।
କାଲି ତା' ସକାଳ ପିନ୍ଧିଥିଲା
କୋଉ ରଙ୍ଗର ପୋଷାକ
ଆଜି ଆସିଚି କୋଉ ରଙ୍ଗରେ,
ପବନ ଯାହା ଲେଖିଥିଲା
ତା' ଭୋରବେଳାର ପିଠିରେ
ବଦଳାଇ ଦେଲାକି
ଆଲୁଅ ବଦଳିବା ପରେ !

ଯାହାସବୁ ସେ ଦେଖିବ ବୋଲି
ଭାବିଥିଲା, ଦିଶିଲାନି, ତା' କାଲିର
ମୁହଁ ଲାଗିଥିଲା ପାଳଭୂତ ପରି
ତା' ସମୟ ମୁଣ୍ଡରୁ ଶିଙ୍ଗ ବାହାରି
ତାକୁ ମାଗିଥିଲା ମାଟି, ଯାହାକୁ
ଖୋଳି ସେଥିରେ ତା' ଶୂନ୍ୟତାକୁ
ସାଇତିବା ପରି ଗଢ଼ାଇ ପାରିବ କଳସୀ।

ସେ ଫେରେଇ ଦେଇଥିଲା ସମୟକୁ
ଯେବେ ତା'ର ମନେ ହେଇଥିଲା
ଶୂନ୍ୟତା ହିଁ ତା' ଭାବନାକୁ
ମାଟି ଫଳାଇବା ଶିଖାଇଚି,
ଯୋଉ ମାଟିର ରଙ୍ଗ ପାଇଁ ଧାଉଁଥିବା
ହରିଣ ପୋଷା ମାନିବା ପରି
ସେ ଖରାକୁ କମନୀୟ କରିପାରୁଚି।

କେବେକେବେ ପଡ଼ିଯାଏ ଭାବନାରେ
ଯେବେ ତା' ଆଲୁଅ ଓ ଛାଇ
ପହଞ୍ଚିଯାନ୍ତି ଗୋଡ଼ାଗୋଡ଼ି ହେଇ,
ମୁଣ୍ଡ ଆଡ଼କୁ ତା' ଅଧା ଦେହ ଆଲୁଅକୁ
ସେ ଦେଇଦିଏ, ବାକି ଅଣ୍ଟାରୁ
ପାଦ ଯାଏ ଅଧିକାର କରିନିଏ ଛାଇ।

ସେଥିପାଇଁ ଯାହା ଦେଖି
ତା' ପାଖେ ପହଞ୍ଚିବାକୁ ଚାହିଁଲେ
ଯାଇପାରେନା ଛାଇର ପ୍ରତିବାଦରେ,
ଯାହା ନଦେଖିବ ବୋଲି ବାରମ୍ବାର
ବୁଜିଯାଏ ଆଖି, ସେଇଠିକି
ଟାଣିନିଏ ପାଦ ଛାଇର ଆଗ୍ରହରେ।

ସେ ଦେଖେ, ଦେଖିପାରେନା
ରଙ୍ଗସବୁ କେମିତି ଓହ୍ଲାଇ ଯାଏ
ତା' ହସରୁ, ଲୁହରୁ,
ତା' ଶୋଷ ଓ ପାଣି ଭିତରେ ଥିବା
ଦୂରତାରୁ, ସେ ଆଉଥରେ
ରଙ୍ଗକୁ ଚଢ଼ାଇ ପାରେନା
ଚଢ଼ାଇବା କୌଶଳ ଶିଖି ନଥିବାରୁ।

ସେ ନିଜ ବିଶ୍ୱସ୍ତତାର
ମୁଣ୍ଡ ନୁଆଇଁ ଠିଆ ହୁଏ ତା'
ରାତିର ସୁଧାର ଶୀତଳତା ସାମ୍ନାରେ
ହୁଁ ମାରେ ତା' ପ୍ରତିଟି କଥାରେ,
ଯେମିତି ରାତି ଗାଢ଼ ହେଲେ
ସେ ଶୁଣି ପାରିବ ତା' ସ୍ୱପ୍ନ
ଆଉ ଅନ୍ଧାରର କଥାବାର୍ତ୍ତା, କାହିଁକି
ଦରଆଉଜା ରହିଯାଏ ଦୃଶ୍ୟସବୁ
କାହା ଅନ୍ତରର ଅନ୍ତରଫଳରେ। ■

ସା: ମୂଷାଙ୍ଗ, ପୋଷ୍ଟ: କୋହ୍ଲ
ତିହିଡ଼ି, ଜିଲ୍ଲା -ଭଦ୍ରକ
ମୋ: ୮୨୪୯୦୮୧୯୨୭

ପ୍ରଶ୍ନକାଳ

ନୃସିଂହ ତରାଇ

ଢେର୍ ଦିନରୁ
ଖୋଜୁଛି ଶବ୍ଦ
ଓ ସଜେଇବାର କାଇଦା,
ସେମାନଙ୍କ ମୁହଁ।
ଯେଉଁମାନେ ଆଲୁଅ ସବୁକୁ
ଗର୍ଭସ୍ଥ କଲାପରେ
ଘୋଡ଼େଇ ହେଇଛନ୍ତି
ଆଉ ଗୋଟେ ଅନ୍ଧାର।
ସପ୍ତମ ଶ୍ରେଣୀ
ସୁନା ଝିଅର
କ'ଣ ନାହିଁ
ଦ୍ରୌପଦୀର ଭାଗ୍ୟ?
ଶୂନ୍ୟରେ ମିଳେଇ ଯାଉଥିବା
ଚିତ୍କାର ସବୁକୁ
କେଉଁ କବି
ସଜେଇ ପାରିବ ତ ଆସ !
କିଏ ସେ
ଭରଣା କରିବ
ନିଗିଡ଼ି ଯାଇଥିବା
ପୋଷ ପୋଷ କଅଁଳ ରକ୍ତ
ବିକଳ ଅନୁନୟ?
କିଏ ହେବ
ତା' ପକ୍ଷ ଧର,
କିଏ ହେବ
ତା' ଲୁହର ଅଂଶୀଦାର?? ■

ମୋ: ୭୯୭୮୩୮୧୨୧୩

ଡକ୍ଟର ଦିଗମ୍ବର ଗିରି

ଆଧୁନିକ ଓଡ଼ିଆ କବିତାରେ ମିଥ୍

ମିଥ୍ ଶବ୍ଦଟି ଗ୍ରୀକ୍ ଭାଷାର 'Mythos' ରୁ ଉତ୍ପନ୍ନ। ଏହାର ଅର୍ଥ ହେଉଛି 'କଥା' ପୌରାଣିକ ଗଳ୍ପ। ସାଧାରଣ ଅର୍ଥରେ ମିଥ୍ ହେଉଛି ଏମିତି ଗଳ୍ପ, ଯାହା ସମ୍ପୂର୍ଣ୍ଣ ଇତିହାସ ନୁହେଁ କିନ୍ତୁ ସମାଜର ବିଶ୍ୱାସ, ଧାର୍ମିକ ଭାବନା, ନୀତି ଓ ସଂସ୍କୃତିକୁ ବ୍ୟକ୍ତ କରେ। ପ୍ରକୃତିର ସୃଷ୍ଟି ରହସ୍ୟ ଦେବଦେବୀ କିପରି ମନୁଷ୍ୟଙ୍କ ସହିତ ସମ୍ପର୍କିତ, ବଜ୍ରପାତ, ଭୂମିକମ୍ପ ଆଦି ପ୍ରାକୃତିକ ଘଟଣାକୁ ଲୋକମାନେ ଦେବତାଙ୍କ କ୍ରୋଧ ବୋଲି ବିଶ୍ୱାସ କରୁଥିଲେ। ରାମାୟଣ, ମହାଭାରତରେ ଦେବତା ଓ ଅସୁରମାନଙ୍କ ଯୁଦ୍ଧ, ଅବତାର ପ୍ରସଙ୍ଗ ଭଳି ବହୁ ଗଳ୍ପ ରହିଛି। ଏହିସବୁ ଗଳ୍ପ ସହିତ ରୀତି, ନୀତି, ପରମ୍ପରା, ଧର୍ମ, ଜୀବନର ମୂଲ୍ୟବୋଧର କଥା ମଧ୍ୟ ରହିଛି। ମୋଟ ଉପରେ କହିବାକୁ ଗଲେ ମିଥ୍ ଗଳ୍ପଗୁଡ଼ିକରେ ସମାଜ ନିଜ ଆସ୍ଥା ଓ ଚେତନାକୁ ପ୍ରକାଶ କରିଥାଏ।

ଆଧୁନିକ କବିତାରେ 'ମିଥ୍' ପ୍ରୟୋଗ କେବଳ ପୌରାଣିକ କାହାଣୀର ପୁନରାବୃତ୍ତି ନୁହେଁ, ବରଂ ଏହା ଏକ ସୃଜନଶୀଳ ରୂପାନ୍ତରଣ। ବେଦ, ଉପନିଷଦ, ରାମାୟଣ, ମହାଭାରତର ବିଭିନ୍ନ ଚରିତ୍ରମାନଙ୍କ ସହିତ ସାମ୍ପ୍ରତିକ ସମାଜର ସଙ୍କଟ, ଯୁଦ୍ଧ ମନୋଭାବ, ନୈତିକ ଦ୍ୱନ୍ଦ୍ୱ, ଅସ୍ଥିରତା, ମାନବିକ ମୂଲ୍ୟବୋଧକୁ ବୁଝାଇବା ପାଇଁ ଆଧୁନିକ କବି ଦ୍ରୌପଦୀ, କର୍ଣ୍ଣ, ଅର୍ଜୁନ, ଗାନ୍ଧାରୀ, ଧୃତରାଷ୍ଟ୍ର, ଭୀମ, ବେଲାଳସେନ, ଅଭିମନ୍ୟୁ ପ୍ରଭୃତି ଚରିତ୍ରଙ୍କୁ ନେଇ ମନୋବୈଜ୍ଞାନିକ ଭାବନାରେ ଉପସ୍ଥାପନ କରି ମାନବର ଅନ୍ତଃଦ୍ୱନ୍ଦ୍ୱକୁ ସାର୍ବଜନୀନ ଅର୍ଥବୋଧରେ ପ୍ରକାଶ କରିଛନ୍ତି।

ମିଥ୍ ସାଂସ୍କୃତିକ ଆତ୍ମ ପରିଚୟର ଆଧାର। ସାରଳା ମହାଭାରତରେ ସାରଳା ଦାସ ପୌରାଣିକ ମିଥ୍ (କଥା) ମାଧ୍ୟମରେ ଲୋକ ଜୀବନରେ ଅପୂର୍ବ ସମନ୍ୱୟ କରିଛନ୍ତି। ସାରଳା ଦାସଙ୍କ ମହାଭାରତୀୟ ପରମ୍ପରା, ଆଧୁନିକ କବିତାରେ ଏହାର ପୁନଃ ସୃଷ୍ଟି ଦ୍ୱାରା ଜାତୀୟ ଐତିହ୍ୟକୁ ସ୍ମରଣ କରିବା ସହିତ ସମକାଳୀନ ସମସ୍ୟା ସହିତ ଅସ୍ମିତା, ରାଜନୈତିକ ବିକୃତି, ଅବକ୍ଷୟ ମୂଲ୍ୟବୋଧ, ସତ୍ୟ, ତ୍ୟାଗ, ଆଦର୍ଶ, ସାହିତ୍ୟିକ ଓ ସାମାଜିକ ଦୃଷ୍ଟିରେ ଗଭୀର ସୂଚନା ଦେଇଥାଏ। ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ରେ ମିଥ୍‌ର ସୃଜନାତ୍ମକ ଦିଗ ଆଉ ଏକ ନୂତନ ରୂପ। ଠିକ୍ ସେହିପରି ମଧ୍ୟଯୁଗୀୟ ପୌରାଣିକ କାବ୍ୟ ଓ ପରେ ପରେ ଆଧୁନିକ ସାହିତ୍ୟରେ ମିଥ୍ ନିତ୍ୟ ନୂତନ ଅର୍ଥ ଓ ପ୍ରତୀକରେ ବହୁଳ ଭାବେ ପ୍ରୟୋଗ ହୋଇଛି।

ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଆଧୁନିକ ଓଡ଼ିଆ କବିତାରେ ମିଥ୍ ପ୍ରୟୋଗର ଏକ ଅପୂର୍ବ ଦୃଷ୍ଟାନ୍ତ। ରାଧାକୃଷ୍ଣ ମିଥ୍‌କୁ ସେ ପୌରାଣିକ କାହାଣୀ ଭାବେ ନୁହେଁ, ବରଂ ଆଧୁନିକ ମନୋବୈଜ୍ଞାନିକ ଓ ଅସ୍ତିତ୍ୱବାଦୀ ପ୍ରସଙ୍ଗରେ ପୁନଃସୃଷ୍ଟି କରିଛନ୍ତି। ରମାକାନ୍ତଙ୍କ ଦୃଷ୍ଟି ଓ ସୃଷ୍ଟିରେ ରାଧା-କୃଷ୍ଣ ଦିବ୍ୟପ୍ରେମର ପ୍ରତୀକ। ତାଙ୍କ ମାଧ୍ୟମରେ ମାନବୀୟ ଆଶା, ଉଦ୍ଦୀପନା, ସନ୍ଦେହ, ବିଶ୍ୱାସ, ଅନିଶ୍ଚିତତା, ପ୍ରେମ ସହିତ ମନରେ ଅସୁମାରୀ ପ୍ରଶ୍ନ, ସଂଶୟ ଆଦି ରହିଛି। ପୌରାଣିକ ରାଧା ହୋଇଛନ୍ତି ଆତ୍ମ ସଚେତନ, କୃଷ୍ଣଙ୍କ ପ୍ରତି ଭଲପାଇବାରେ ରହିଛି ନିର୍ବାକ୍ ବେଦନା, ଅପୂର୍ଣ୍ଣତା ଓ ଅସ୍ତିତ୍ୱ ଜିଜ୍ଞାସା। ରାଧା କେବଳ ପ୍ରେମିକା ନୁହଁନ୍ତି ଜଣେ ସାଧାରଣ ନାରୀର ସ୍ୱର। ଠିକ୍ ସେହିପରି କୃଷ୍ଣ ଆଉ ଦେବତା ହୋଇ ନ ରହି ବରଂ ଚିରନ୍ତନ ଆକାଂକ୍ଷାର ପ୍ରତୀକ। 'ଶ୍ରୀରାଧା' ମିଥ୍ କାବ୍ୟଟି ହେଉଛି ଆଧୁନିକ ମନୋବୃତ୍ତି ନାରୀ ଚେତନା ଓ ଅସ୍ତିତ୍ୱ ଜିଜ୍ଞାସାର ଅଭିବ୍ୟକ୍ତି ସମକାଳୀନ ସମାଜର ସୃଜନଶୀଳ ନୂତନ ବ୍ୟାଖ୍ୟା।

ସୀତାକାନ୍ତଙ୍କ କବିତାରେ ପୌରାଣିକ ଓ ଲୋକକଥା, ଲୋକମିଥ୍ ଆଧୁନିକ ଜୀବନବୋଧ ସହିତ ଏକାତ୍ମ ହୋଇଛି। ଆଧୁନିକ ମଣିଷର ଅସ୍ତିତ୍ୱ ସଙ୍କଟ, ନିର୍ଜନତା ଓ ଆତ୍ମସନ୍ଧାନକୁ ପୌରାଣିକ ଚରିତ୍ର ମାଧ୍ୟମରେ ପୁନଃସୃଷ୍ଟି କରିଛନ୍ତି। ପାରମ୍ପରିକ ମିଥ୍‌କୁ ନୂତନ ପଦ ପ୍ରଦାନ କରିବାରେ ସୀତାକାନ୍ତଙ୍କ ସ୍ୱତନ୍ତ୍ରତା ବାରି ହୋଇପଡ଼େ। ତାଙ୍କ କବିତାଗୁଡ଼ିକରେ ଜୀବନର ସମସ୍ୟା ଓ ଅସ୍ତିତ୍ୱବାଦୀ ଚେତନାକୁ ମିଥ୍ ପ୍ରୟୋଗ ମାଧ୍ୟମରେ ଗଭୀର ପ୍ରତୀକାତ୍ମକ ଓ ଦାର୍ଶନିକ ଦୃଷ୍ଟିରେ ଆଧୁନିକ ଓଡ଼ିଆ କାବ୍ୟ ଧାରାରେ ସ୍ୱତନ୍ତ୍ର ଓ ମୌଳିକ ସ୍ଥାନକୁ ଉନ୍ନୀତ କରିପାରିଛନ୍ତି।

ହରପ୍ରସାଦ ଦାସଙ୍କ 'ବଂଶ' କେବଳ ମହାଭାରତର ପୌରାଣିକ ଆଶ୍ରୟ ନୁହେଁ। ଆଧୁନିକ ମାନବ ଅସ୍ତିତ୍ୱର ଗଭୀର ଚେତନାର ଅନୁସନ୍ଧାନ। 'ବଂଶ' ଶବ୍ଦଟି ପରିବାର କିମ୍ବା କୁଳର ଅର୍ଥରେ ନୁହେଁ। ମାନବ ସଭ୍ୟତାର ଉତ୍ସ, ସ୍ମୃତି ଓ ପାରମ୍ପରିକତାର ଏକ ସାଙ୍କେତିକ ମିଥ୍ ରୂପେ କାବ୍ୟରେ ବ୍ୟବହୃତ। ବଂଶ ହେଉଛି ରକ୍ତର ସ୍ମୃତି, ପୂର୍ବଜଙ୍କର ଅନୁଭବ, ଐତିହ୍ୟ ତଥା ମନୁଷ୍ୟର ମନୋବୃତ୍ତିର ଗୁପ୍ତଧାରା। ମିଥ୍ ଏଠାରେ କୌଣସି ଅଲୌକିକ କଥା ନୁହେଁ, ବରଂ ସାମୂହିକ ଚେତନାର ପ୍ରତୀକ।

ପ୍ରତିଭା ଶତପଥୀଙ୍କ କବିତାରେ ମିଥ୍ ପୌରାଣିକ ଗାଥା ନୁହେଁ, ସୀତା, ଦ୍ରୌପଦୀ, କୁନ୍ତି, ଶବରୀ ଚରିତ୍ରମାନେ ସାମ୍ପ୍ରତିକ କାଳର ନାରୀ ଅସ୍ତିତ୍ୱ, ମାନସିକ ଯନ୍ତ୍ରଣା ଓ ସାମାଜିକ ସଙ୍କଟର ପ୍ରତୀକ। ତାଙ୍କ କବିତାରେ ମିଥ୍ ଅତ୍ୟନ୍ତ ସୃଜନାତ୍ମକ ଓ ଚୈତନ୍ୟମୟ। ଭାଷା ସଂକ୍ଷିପ୍ତ, ସ୍ୱର୍ଶ ଓ ଅନ୍ତର୍ମୁଖୀ। ଏହି କାରଣରୁ ମିଥ୍ ମାଧ୍ୟମରେ ଅତୀତ ସହିତ ବର୍ତ୍ତମାନକୁ ସେତୁବନ୍ଧ ସଦୃଶ୍ୟ ଯୋଡ଼ା ଯାଇଛି।

ଉତ୍ତର ଆଧୁନିକ କବିତାରେ ମିଥ୍‌ର ପ୍ରୟୋଗ ଏକ ଗୁରୁତ୍ୱପୂର୍ଣ୍ଣ କବିତାତ୍ମକ ପ୍ରବୃତ୍ତି ଭାବେ ଦେଖାଯାଏ। ପୁରାଣ, ଇତିହାସ, ଲୋକକଥା, ବିଭିନ୍ନ ଘଟଣା ତଥା ଚରିତ୍ରମାନଙ୍କୁ ଆଧାର କରି ନୂତନ ମିଥ୍ ଓ ନୂତନ ଅର୍ଥ ସୃଷ୍ଟି ହୋଇଛି। ସାମାଜିକ, ଦାର୍ଶନିକ ଓ ମାନବୀୟ ପରିପ୍ରେକ୍ଷୀରେ ଜୀବନର ସତ୍ୟ ଓ ବାସ୍ତବତାକୁ ପ୍ରକାଶ କରିବାରେ ମିଥ୍ ଏକ ଶକ୍ତିଶାଳୀ କାବ୍ୟାଂଶ ରୂପେ ବ୍ୟବହାର ହେଉଛି। ପୁରାତନ ପରମ୍ପରାକୁ ଆଧୁନିକ ଚେତନା ସହିତ ସମନ୍ୱିତ ତଥା ଜୀବନର ପ୍ରତୀକ ରୂପେ ବ୍ୟବହୃତ। ଦ୍ରୌପଦୀ ପାଣ୍ଡବମାନଙ୍କ ପତ୍ନୀ କେବଳ ନୁହଁନ୍ତି, ବରଂ ସେ ଆଧୁନିକ ସମାଜରେ ନାରୀ ଅପମାନର ପ୍ରତୀକ। ପୁରାଣ ଓ ଇତିହାସ ମାଧ୍ୟମରେ ଜାତୀୟ ଓ ସାଂସ୍କୃତିକ ଚେତନାକୁ ସାମ୍ପ୍ରତିକ କବିତାରେ ଉଦ୍ଭାସିତ କରାଯାଉଛି। ଜୟନ୍ତ ମହାପାତ୍ରଙ୍କ କବିତାରେ ମିଥ୍ ଓ ଇତିହାସର ଗଭୀର ପ୍ରୟୋଗ ଇତିହାସ ଓ ପୁରାଣ, ଅର୍ନ୍ତମୁଖୀଚିନ୍ତା ଓ ସାମାଜିକ ବାସ୍ତବତାର ଚିତ୍ରଣ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପ୍ରାଣତାର ଆତ୍ମିକ ପରିପ୍ରକାଶ ରହିଛି। ସୌଭାଗ୍ୟ କୁମାର ମିଶ୍ର ପୁରାଣ ଚରିତ୍ର ମାଧ୍ୟମରେ ଆଧୁନିକ ସମାଜର ଅସମାନତା ଓ ଦୁର୍ନୀତିକୁ ଦର୍ଶାଇଛନ୍ତି। ମିଥ୍ ବ୍ୟବହାରର ପ୍ରତୀକାତ୍ମତା, ସାଂସ୍କୃତିକ ଚେତନା ମିଥ୍ ପ୍ରୟୋଗ ଦ୍ୱାରା ଏକ ଗଭୀର ସୃଜନଶୀଳ ପ୍ରବୃତ୍ତି ଯାହା ଜୀବନ ତଥା ଜାତୀୟ ସମସ୍ୟା ଓ ଅନୁଭୂତି ସହିତ ଯୋଡ଼ି ନୂତନ କାବ୍ୟ ଆନ୍ଦୋଳନ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

ଏକବିଂଶ ଶତାବ୍ଦୀର ମିଥ୍‌ଧର୍ମୀ କବିତାଗୁଡ଼ିକ ମଧ୍ୟରେ ଶରତ ପ୍ରଧାନଙ୍କ 'ଯଯାତି', ହୃଷିକେଶ ମଲ୍ଲିକଙ୍କ 'ବସୁଷେଣ', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ପୂତନା', ସୌରୀନ୍ଦ୍ର ବାରିକଙ୍କ 'ଉପଭାରତ', 'ଅନୁଭାରତ', ଦିଲିପ ଦାସଙ୍କ 'ନୀଳମାଧବ', ଶତ୍ରୁଘ୍ନ ପାଣ୍ଡବଙ୍କ 'ଶ୍ରାବସ୍ତୀରୁ ଶ୍ରାବସ୍ତୀ', 'ମିଶ୍ର ଧ୍ରୁପଦ', ଦେବଦାସ ଛୋଟରାୟଙ୍କ 'ରେବତୀ', ଫନୀ ମହାନ୍ତିଙ୍କ 'ପ୍ରିୟତମା' ପ୍ରଭୃତି କବିତା ସଙ୍କଳନଗୁଡ଼ିକରେ ମିଥ୍‌କୁ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଅତ୍ୟନ୍ତ ପ୍ରାସଙ୍ଗିକ ମନେ ହୁଏ। ତେବେ ଆଧୁନିକ କବିତାରେ ମିଥ୍ ପ୍ରୟୋଗ ଓ ପ୍ରାସଙ୍ଗିକତାକୁ ଭିତ୍ତି କରି ଯେଉଁ କବିମାନେ ଓଡ଼ିଆ କବିତାର ଶ୍ରୀ ଓ ସମୃଦ୍ଧି ବିକାଶ କରିଛନ୍ତି ସେମାନେ ହେଲେ ସଚ୍ଚି ରାଉତରାୟ, ବେଣୁଧର ରାଉତ, ଗୁରୁପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର, କମଳାକାନ୍ତ ଲେଙ୍କା, ସରୋଜ ରଞ୍ଜନ ମହାନ୍ତି, ଦୀପକ ମିଶ୍ର, ମନମୋହନ ମିଶ୍ର, ଶ୍ରୀନିବାସ ଉଦ୍‌ଗୀତା, ମନୋରମା ମହାପାତ୍ର, ପ୍ରତିଭା ଶତପଥୀ, ବିଭୂଦତ୍ତ ମିଶ୍ର, ବଂଶୀଧର ଷଡ଼ଙ୍ଗୀ, ଦେବଦାସ ଛୋଟରାୟ, ବସନ୍ତ ମୁଦୁଲି, ପ୍ରସନ୍ନ କୁମାର ମିଶ୍ର, ବିପିନ ନାୟକ ଏବଂ ସାମ୍ପ୍ରତିକ କାଳର ତରୁଣ ପିଢ଼ି କବିମାନଙ୍କ କବିତାରେ ମଧ୍ୟ ମିଥ୍ ପ୍ରୟୋଗର ପ୍ରବଣତା ଓ ନବ ମୂଲ୍ୟାୟନର ଦିଗ ନୂଆ ନୂଆ ସମ୍ଭାବନା ସୃଷ୍ଟି ପାରିପାରୁଛି।

ପୁରାଣ ଓ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଏକ ଅତ୍ୟନ୍ତ ପ୍ରାସଙ୍ଗିକ ଓ ସୃଜନଶୀଳ କବିତାତ୍ମକ ପ୍ରବୃତ୍ତି ଭାବେ ପରିଗଣିତ ହୋଇପାରୁଛି। ମିଥ୍ ପ୍ରୟୋଗ ଓଡ଼ିଆ କବିତାରେ ଗବେଷଣାର ଏକ ସମୃଦ୍ଧି କ୍ଷେତ୍ର ଭାବେ ଗ୍ରହଣୀୟ। ■

ରାଇରଙ୍ଗପୁର, ମୟୂରଭଞ୍ଜ
ମୋ: ୯୪୩୭୩୮୦୯୨୭

ଡ. ମାୟାଧର ମାନସିଂହଙ୍କ ଗାଁ ନନ୍ଦଳାକୁ ଉପେକ୍ଷା ସରକାରଙ୍କ ହୀନମନ୍ୟତା: ବିଜେଡି

ଭୁବନେଶ୍ୱର,୧୪।୩(ସମିସ): ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓଡ଼ିଶାର ୨୫ଜଣ ବରପୁତ୍ରଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମ ଭାବରେ ଘୋଷଣା କରିଛି। କିନ୍ତୁ ଏହି ତାଲିକାରେ କବି ପଦ୍ମଶ୍ରୀ ଡ. ମାୟାଧର ମାନସିଂହଙ୍କ ଗାଁ ନନ୍ଦଳା ସ୍ଥାନ ପାଇନାହିଁ। ସରକାରଙ୍କ ଏହି ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଛନ୍ତି ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା। ଏକ ପ୍ରେସ୍ ବିବୃତ୍ତିରେ ବିଜୁ ଜନତା ଦଳର ଉପସଭାପତି ଶ୍ରୀ ଦାସବର୍ମା କହିଛନ୍ତି ଯେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ନନ୍ଦଳା ଗ୍ରାମ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ଏକୁଡ଼ିଶାଳ। ନିଜ କବିତା ମାଧ୍ୟମରେ ଡ. ମାନସିଂହଙ୍କ ପ୍ରେମ, ଜୀବନବାଦ ଓ ସୌନ୍ଦର୍ଯ୍ୟର ଯେଉଁ ନୂଆ ସୃଜନ କୋଣାର୍କ ଗଢ଼ିଛନ୍ତି, ତାହାର ମୂକସାକ୍ଷୀ ନନ୍ଦଳା ଏକ ଆଧୁନିକ ତୀର୍ଥକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଧୂପ, ସାଧବଝିଅ, ହେମଶସ୍ୟ, ପଲ୍ଲୀସନ୍ଧ୍ୟା, ମହାନଦୀରେ ଜ୍ୟୋତ୍ସ୍ନା ବିହାର, ଦହନ ସୁଖ, ରୂପଦେବତା, କୋଣାର୍କ, ଉପେକ୍ଷିତା, ନିକ୍ୱଣ, ଶୁଭଦୃଷ୍ଟି, ଜେମା, କମଳାୟନ, 'ଦୂରେ ରହ' ଭଳି କାଳଜୟୀ କାବ୍ୟକୃତିର ସ୍ରଷ୍ଟା ତଥା ପ୍ରଥମ ପୂର୍ଣ୍ଣାଙ୍ଗ 'ଓଡ଼ିଆ ସାହିତ୍ୟ ଇତିହାସ'ର ରଚୟିତା ଡ. ମାନସିଂହଙ୍କ ପ୍ରତି ରାଜ୍ୟ ବିଜେପି ସରକାରର ବୈମାତୃକ ମନୋଭାବ କାହିଁକି ବୋଲି ଶ୍ରୀ ଦାସବର୍ମା ପ୍ରଶ୍ନ କରିଛନ୍ତି। ଏହାସହିତ ସାଂସ୍କୃତିକ ଓ ସାରସ୍ୱତ ବିବିଧତାରେ ସମୃଦ୍ଧ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀକୁ ବର୍ତ୍ତମାନର ସରକାର ଓ ଜନପ୍ରତିନିଧି ଜାଣିଶୁଣି ବାରମ୍ବାର ଅବହେଳା କରିଆସୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅସ୍ମିତାର ମିଥ୍ୟା ଆସ୍ଫାଳନ କରୁଥିବା ଡବଲ ଇଞ୍ଜିନ ସରକାର ଓଡିଆ ଅସ୍ମିତାର ଅନ୍ୟତମ ପରିଚାୟକ ଡ. ମାନସିଂହଙ୍କ ଗ୍ରାମକୁ ତୁରନ୍ତ ଏତିହ୍ୟ ଗ୍ରାମ ତାଲିକାଭୁକ୍ତ କରିବାକୁ ବିଜୁ ଜନତା ଦଳ ଦାବି କରୁଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ମହିଳାଙ୍କ ଏସିଡ୍ ମାଡ଼ରେ ଯୁବକ ଗୁରୁତର

କବିସୂର୍ଯ୍ୟନଗର, ୧୪।୩ (ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଦୁଆରସାହିର ଜଣେ ଯୁବକ ଏସିଡ୍ ମାଡ଼ରେ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ, ଦୁଆରସାହି ବାସିନ୍ଦା ସ୍ୱର୍ଗତ ସୁର ଦାସଙ୍କ ପୁଅ ବୁଡୁ ଦାସ (୩୪)। ଶନିବାର ଅପରାହ୍ଣରେ ଗୁଡୁ ପ୍ରଚୁର ମଦ ପିଇ ସାହିକୁ ଆସିଥିଲା। ରବି ନାୟକଙ୍କ ବାରଣ୍ଡାରେ ଶୋଇପଡ଼ିଥିଲା। ରବିଙ୍କ ପରିବାରଲୋକ ଯେତେ ଉଠାଇଲେ ବି ଉଠିନଥିଲା। ଓଲଟି ଗାଳିଗୁଲଜ କରିଥିଲା। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଶେଷରେ କଥା ଏପରି ବଢ଼ିଥିଲା ଯେ, ଘର ଭିତରୁ ଜଣେ ମହିଳା ଏସିଡ୍ ଆଣି ତାଙ୍କ ଉପରକୁ ଫିଙ୍ଗି ଦେଇଥିଲେ। ଏସିଡ୍ ଗୁଡୁଙ୍କ ବାମ ମୁହଁ, ବାମ ଆଖିରେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ୧୦୮ ଯୋଗେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଗୁଡୁଙ୍କ ପରିବାରଲୋକେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ମାତ୍ର ଖବର ଲେଖା ହେବା ସୁଦ୍ଧା ଥାନାରେ କେହି ଅଭିଯୋଗ କରି ନଥିବା ଆଇଆଇସି ନିରଞ୍ଜନ ଦାସ କହିଛନ୍ତି।

ରାଷ୍ଟ୍ରୀୟ କର୍ମଶାଳା ଉଦ୍‌ଯାପିତ

ଭାରତର ସବୁ ଭାଷା ମଧ୍ୟରେ ଅଦୃଶ୍ୟ ଭାବଗତ ସଂଯୋଗ ରହିଛି

ପୁରୀ, ୧୪।୩ (ସମିସ): ଶ୍ରୀସଦାଶିବ ପରିସରସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶିକ୍ଷାଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ଆୟୋଜିତ 'ଭାରତୀୟ ଭାଷା ପରିବାର' ଗ୍ରନ୍ଥ ଆଧାରିତ ଦୁଇଦିବସୀୟ ରାଷ୍ଟ୍ରୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ଭାରତୀୟ ଭାଷାଗୁଡ଼ିକର ସମନ୍ୱୟ, ସାଂସ୍କୃତିକ ଐକ୍ୟ ଏବଂ ଭାଷାଭିତ୍ତିକ ଗବେଷଣା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପରିସରର ନିର୍ଦ୍ଦେଶକ ପ୍ରଫେସର୍ ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରି କହିଥିଲେ ଯେ ଭାରତର ସମସ୍ତ ଭାଷା ମଧ୍ୟରେ ଏକ ଅଦୃଶ୍ୟ ଭାବଗତ ସଂଯୋଗ ରହିଛି ଏବଂ 'ଭାରତୀୟ ଭାଷା ପରିବାର' ଗ୍ରନ୍ଥ ଏହି ଏକତାକୁ ପ୍ରତିପାଦିତ କରେ। ମୁଖ୍ୟ ଅତିଥି ପ୍ରଫେସର୍ ଗୋପାଳକୃଷ୍ଣ ଦାଶ ଭାଷାଗୁଡ଼ିକର ଐତିହାସିକ ପୃଷ୍ଠଭୂମି ବର୍ଣ୍ଣନା କରିଥିଲେ। ଦୁଇ ଦିନ ଧରି ଚାଲିଥିବା ବିଭିନ୍ନ ବୈଷୟିକ ଅଧିବେଶନରେ ଜେଏନ୍‌ୟୁର ପ୍ରଫେସର୍ ଗିରୀଶନାଥ ଝା (ଅଫ୍‌ଲାଇନ୍), ପ୍ରଫେସର୍ ବରପ୍ରସାଦ କୋଲ୍ଲା ଏବଂ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡ. ଜୀ. ସୂର୍ଯ୍ୟପ୍ରସାଦ (ଆଭାସୀ ମାଧ୍ୟମ) ଯୋଗଦେଇ ଆର୍ଯ୍ୟ-ଦ୍ରାବିଡ଼ ସମନ୍ୱୟ ଓ ଭାଷାଗୁଡ଼ିକର ସାଧାରଣ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ।

ଶନିବାର ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ କିଶୋର ଚନ୍ଦ୍ର ପାଢ଼ୀ ଯୋଗଦେଇ ଭାଷା ସଂରକ୍ଷଣ ଓ ଗବେଷଣାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ଭାରତୀର ଅଲ୍ ଇଣ୍ଡିଆ ୟୁନିଭର୍ସିଟି କୋ-ଅର୍ଡିନେଟର୍ ଡ. କେ. ଏନ୍ ପଦ୍ମକୁମାର ଉଦ୍‌ବୋଧନ ଦେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଜ୍ଞାନେଶୋପାଧ୍ୟାୟ ବୈଦିକ ମଙ୍ଗଳାଚରଣ କରିଥିବା ବେଳେ ପ୍ରଫେସର୍ ନିର୍ମଳା ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ସୁଶାନ୍ତ କୁମାର ରାୟ କର୍ମଶାଳାର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ପରିଶେଷରେ ବ୍ୟାକରଣ ବିଭାଗର ଡ. ଯତିରାଜ ବରାଳ ଧନ୍ୟବାଦ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବ୍ୟାକରଣ ବିଭାଗର ସହକାରୀ ଆଚାର୍ଯ୍ୟ ଡ. ଅମିତ କୁମାର ଉପାଧ୍ୟାୟ ସଫଳତାର ସହ ସଂଚାଳନ କରିଥିଲେ।

VEHICLE FOR SALE

BHARAT BENZ 5528 T, MODEL 2024, Regn. No -OD-09-AB-3016, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916 MOB -9437560891 within 7 days

AFFIDAVIT

By virtue of an affidavit **no.572 before the Executive Magistrate, Umerkote on dtd. 09.03.2026. I, Namita Chakrabartti,** W/o Achinta Bala, Vill- DNK Umerkote, Po/Ps-Umerkote, Dist-Nabarangpur, Odisha, do hereby declare that I have changed my name from **Namita Chakrabartti to Namita Bala**. Henceforth, I shall be known and called as **Namita Bala** for all purposes.

Sd/- Namita Bala

AFFIDAVIT

By virtue of an Affidavit before Notary Public, Malkangiri, I **Smt. Sima Mandal,** aged about 22 Years, D/o: Bimal Sarkar, W/o: Late Ajit Mandal, resident of village: M.V-130, PO.: Ventkepalam, PS.: Kalimela, Dist.: Malkangiri, declare by this Affidavit No.: 209/26, Dated: 13.03.2026, that I have changed my name from Sima Sarkar to **Sima Mandal**. Henceforth I shall be known as **Sima Mandal** for all future purposes.

AFFIDAVIT

By virtue of an Affidavit Sworn in the Court of Executive Magistrate Khaira Balasore on 11.12.25.I HARIHAR SAHOO (40yrs), S/o-Mahendra Sahoo of Vill- Ratina, P.o.- Ratina, P.s.- Khaira, Dist.-Balasore, Odisha declare that my correct name is HARIHAR SAHOO which is recorded in Voter Identity Card but it is wrongly mentioned as HAREKRUSHNA SAHOO in my Aadhaar card, Ayushman card & Pan card. So, **HARIHAR SAHOO & HAREKRUSHNA SAHOO** is one and same person.

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଶା-ଆଶଙ୍କାରେ...

୮ ଜଣ ବିଧାୟକଙ୍କୁ ବେଙ୍ଗାଲୁରୁ ସ୍ଥାନାନ୍ତର କରିଥିବା ବେଳେ ନିଜେ ପିସିସି ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦଳ ଭୋଟ୍ ମଙ୍ଗ ଧରିଛନ୍ତି। କିପରି ଦଳର ସମସ୍ତ ୧୪ ବିଧାୟକଙ୍କ ଭୋଟ୍ ମିଳିତ ପ୍ରାର୍ଥୀଙ୍କୁ ଯିବ ସେନେଇ ସେମାନେ ଉଦ୍ୟମ କରୁଛନ୍ତି। ମାତ୍ର ଏହି ସମୟ ମଧ୍ୟରେ ଦଳର ମୋହନା ବିଧାୟକ ଦାଶରଥୀ ଗମାଙ୍ଗଙ୍କର କୌଣସି ପତ୍ତା ମିଳୁ ନଥିବା ଜଣାପଡୁଛି। ଏମିତିକି ପିସିସି କିମ୍ବା ଏଆଇସିସି ପକ୍ଷରୁ ତାଙ୍କ ସହ ଯୋଗାଯୋଗ କରାଯାଉଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବା ଶ୍ରୀ କାଡାମ କହିଛନ୍ତି। ଏସବୁ ସତ୍ତ୍ୱେ ତାଙ୍କ ଭୋଟ୍ ମିଳିତ ପ୍ରାର୍ଥୀଙ୍କୁ ଯିବ ବୋଲି ଶ୍ରୀ କାଡାମ ଆଶା ରଖିବା ସହ ଯଦି କୌଣସି ବିଧାୟକ ଦଳୀୟ ଶୃଙ୍ଖଳା ଭଙ୍ଗ କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ କହିଛନ୍ତି, ବିଜେପିର ସଂଖ୍ୟା ନ ଥାଇ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଏବଂ ନିଶ୍ଚିତ ଜିତିବାର ଆସ୍ଫାଳନ କରିବା ଅର୍ଥ ଘୋଡ଼ା ବେପାରକୁ ସ୍ପଷ୍ଟ ଇଙ୍ଗିତ କରୁଛି। ବିଜେପିର ଏହି ଆଚରଣ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ସାମ୍ବିଧାନିକ ବିଧିବ୍ୟବସ୍ଥାର ଘୋର ବିରୋଧ କରୁଛି ବୋଲି ଡ. ସାହୁ କହିଛନ୍ତି।

ସେହିପରି ଡ. ବ୍ୟୋମକେଶ ରାୟ ଏହି ଘୋଡ଼ା ବେପାରରେ ମୁଖ୍ୟମନ୍ତ୍ରୀଙ୍କୁ ଯୋଡ଼ିଛନ୍ତି। ସେ କହିଛନ୍ତି, ଦୁଃଖର କଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଘୋଡ଼ା ବେପାରରେ ସଂଶ୍ଳିଷ୍ଟ। ସେ ନିଜେ ବିଧାୟକମାନଙ୍କୁ ବାରି ବାରି କରି ଫୋନ୍ କରି ନିଜ ଘରେ ଅର୍ଥାତ୍ ସରକାରୀ ବାସଭବନରେ ଡିଲ୍ କରୁଛନ୍ତି। ଓଡ଼ିଶା ପାଇଁ ଏହା ଏକ ଲଜ୍ଜାର ବିଷୟ। ତାଙ୍କ ପାଖରେ ୨୨ଟି ଭୋଟ୍ ଥିବା ବେଳେ ଆମ ନିକଟରେ ୩୫ଟି ଭୋଟ୍ ଅଛି। ଏହାସତ୍ତ୍ୱେ ସେମାନେ ଘୋଡ଼ା ବେପାର କରି ଜିତିବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପଟେ ଓଡ଼ିଶାବାସୀ ଓ ବିଜେଡି କର୍ମୀମାନେ ସଚେତନ ଅଛନ୍ତି। ଯେଉଁ ବିଧାୟକମାନେ ଘୋଡ଼ା ବେପାରରେ ସାମିଲ ହେବେ ସେମାନଙ୍କୁ ନିଜ ଅଞ୍ଚଳରେ କର୍ମୀମାନେ ପୂରାଇ ଦେବେ ନାହିଁ। ତେଣୁ ସମ୍ପୃକ୍ତ ବିଧାୟକମାନଙ୍କ ରାଜନୈତିକ କ୍ୟାରିୟର ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହୁଛି। ଏ ଦୃଷ୍ଟିରୁ ବିଜେଡି ପ୍ରାର୍ଥୀ ଓ ମିଳିତ ପ୍ରାର୍ଥୀଙ୍କର ବିଜୟ ସୁନିଶ୍ଚିତ ବୋଲି ଡ. ରାୟ କହିଛନ୍ତି।

ବିଜେପି କରୁଛି...

ଅପରାଧ ସଦୃଶ ବୋଲି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ଶନିବାର ବିଧାନସଭା ପରିସରରେ ଆୟୋଜିତ ହୋଇଥିବା ମକ୍‌ପୋଲିଂରେ ସାମିଲ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ନବୀନ କହିଛନ୍ତି 'ଆମ ଦଳର ବିଧାୟକମାନଙ୍କ ସହ ରାଜ୍ୟସଭା ନିର୍ବାଚନରେ ଭୋଟିଂ ପ୍ରକ୍ରିୟାକୁ ନେଇ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ତେବେ ବିଜେପି ଦ୍ୱାରା ବର୍ତ୍ତମାନ 'ଘୋଡ଼ା ବେପାର' ଚାଲିଛି ବୋଲି ନବୀନ କହିଛନ୍ତି।

ଚାକିରି ଛାଡ଼ି...

ରହୁଥିବା ଭାରତୀୟଙ୍କ ଯୋଗଦାନ ସର୍ବାଧିକ ୨୭.୭ ପ୍ରତିଶତ ଥିଲା। ସେହିପରି ୧୯.୨ ପ୍ରତିଶତ ସହ ୟୁଏଇ ଦ୍ୱିତୀୟ ସ୍ଥାନରେ ରହିଛି। ସାଉଦି ଆରବରୁ ୬.୭ ପ୍ରତିଶତ ଅର୍ଥ ମଧ୍ୟ ଆସୁଛି। ଏହା ପଛକୁ କାତାର, କୁଏତ, ଓମାନ ଆଦି ଉପସାଗରୀୟ ଦେଶ ରହିଛନ୍ତି। ଏହି ସବୁ ଦେଶରେ ରହୁଥିବା ଭାରତୀୟମାନେ କେବଳ ଅର୍ଥ ପଠାଉନାହାନ୍ତି; ବରଂ ଭାରତୀୟ ମୁଦ୍ରାକୁ ଦୃଢ଼ କରିବାରେ ସହାୟକ ହେଉଛନ୍ତି। ନିଜ ପରିବାରର ଆୟକୁ ମଜବୁତ କରି ଦେଶର ଅର୍ଥନୀତିକୁ ବଳ ଯୋଗାଉଛନ୍ତି। ମାତ୍ର ଇରାନ ଯୁଦ୍ଧ ପାଇଁ ଉପସାଗରୀୟ ଦେଶରେ ରହୁଥିବା ଭାରତୀୟ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି। କେରଳ, ବିହାର, ପଶ୍ଚିମବଙ୍ଗ, ମହାରାଷ୍ଟ୍ରରୁ ଅଧିକାଂଶ ଲୋକ କର୍ମସଂସ୍ଥାନ ପାଇଁ ଏହି ଦେଶଗୁଡ଼ିକୁ ଯାଇଥାନ୍ତି। କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଶ୍ରମିକଙ୍କଠାରୁ ନେଇ ଡାକ୍ତର, ନର୍ସ ଆଦି ଅନେକ ଏହି ସବୁ ଦେଶରେ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ପାଇଁ ଟଙ୍କା ମୂଲ୍ୟ ମଧ୍ୟ ମଜବୁତ ହେଉଛି। ଯୁଦ୍ଧର ଏଭଳି ଭୟାବହ ସ୍ଥିତି ଦେଖି ଉପସାଗରୀୟ ଦେଶରୁ ଭାରତୀୟ ଫେରିବାରେ ଲାଗିଛନ୍ତି। ସାଉଦି ଆରବ, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), କାତାର, କୁଏତ ଆଦିରେ ଇରାନ ଆକ୍ରମଣ ଯୋଗୁଁ ଚାକିରି ଛାଡ଼ି ଭାରତକୁ ଫେରୁଛନ୍ତି। କାତାର, ୟୁଏଇ ଆଦିର କମ୍ପାନୀରେ କାର୍ଯ୍ୟ କରୁଥିବା ଭାରତୀୟ ସ୍ୱଦେଶ ଫେରିବାକୁ ନୂଆ ଚାକିରି ଖୋଜିବା ଆରମ୍ଭ କରିଦେଇଛନ୍ତି। ଏହି ସଂଖ୍ୟାର କ୍ରମାଗତ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଏହା ଭାରତୀୟ ଅର୍ଥ ନୀତି ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଯଦି ଶୀଘ୍ର ସ୍ଥିତି ନ ସୁଧୁରେ, ତେବେ ଆଗାମୀ ଦିନରେ ଭାରତୀୟ ଅର୍ଥବ୍ୟବସ୍ଥା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି।

ୟୁଏଇ, ବାହାରିନ, କାତାର ଆଦି ଦେଶରେ ଅନେକ ଭାରତୀୟ ରିୟଲ ଇଷ୍ଟେଟ, ଅଳଙ୍କାର, ଇଲେକ୍‌ଟ୍ରୋନିକ କାରବାରରେ ସମ୍ପୃକ୍ତ ଅଛନ୍ତି। ଯୁଦ୍ଧ ପାଇଁ ଏହି ସବୁ କ୍ଷେତ୍ର ମାନ୍ଦା ପଡ଼ି ଯାଇଛି। ନିବେଶକଙ୍କ ମନରେ ଛନକା ପଶି ଯାଇଛି। ୟୁଏଇର ୭ ରାଜ୍ୟଙ୍କୁ ଭାରତୀୟଙ୍କ କାରବାର ବ୍ୟାପିଛି। ମାତ୍ର ଇରାନ ଆକ୍ରମଣ ଯୋଗୁଁ ଏହି ସବୁ ଠପ ହୋଇଯାଇଛି। ସମସ୍ତେ ଜୀବନ ବଞ୍ଚାଇ ଦେଶକୁ ଆସିବାକୁ ଚାହୁଁଛନ୍ତି। ଯୁଦ୍ଧ ବନ୍ଦ ହେବାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ଭୟର ବାତାବରଣ ଲାଗି ରହିଛି।

ଅନ୍ୟପକ୍ଷରେ ହର୍ମୁଜ ପ୍ରଣାଳୀ ଦେଇ ପଣ୍ୟବାହୀ ଜାହାଜ ଆସି ପାରୁ ନ ଥିବାରୁ ଦେଶରେ ଏଲ୍‌ପିଜି ସଙ୍କଟ ଦେଖା ଦେଇଛି। ଅନେକ ରାଜ୍ୟରେ ପେଟ୍ରୋଲ, ଡିଜେଲ ବି ମିଳୁନାହିଁ। ଏହା ବେଢ଼ି ଉପରେ କୋରଡ଼ା ମାଡ଼ ହୋଇଛି। ତେଣେ ଉପସାଗରୀୟ ଦେଶରେ ଇରାନର ପ୍ରଚଣ୍ଡ ଆକ୍ରମଣକୁ ଦେଖି ଭାରତୀୟ ଆତଙ୍କିତ ହୋଇ ପଡ଼ିଛନ୍ତି। ଇରାନରେ ଫସିଥିବା ନାଗରିକ ସ୍ଥଳପଥ ଦେଇ ଆର୍ମେନିଆ ଫେରୁଛନ୍ତି। ଏ ପର୍ଯ୍ୟନ୍ତ ଯୁଦ୍ଧରେ ୫ ଭାରତୀୟ ନାଗରିକ ପ୍ରାଣ ହରାଇଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ୧୫ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି।

ଉତ୍କଟ ହେଉଛି...

ବୋଲି କହିଛନ୍ତି। ଏଭଳି ସ୍ଥିତିରେ ଗ୍ୟାସ ସିଲିଣ୍ଡର ପାଇଁ ଏଜେନ୍ସି ଆଗରେ ଧାଡ଼ିରେ ଛିଡ଼ା ହୋଇଥିବା ଦୁଇ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶ ଫରୁଖାବାଦର ୭୬ ବର୍ଷୀୟ ମହମ୍ମଦ ମୁଖତିଆର ଏବଂ ପଞ୍ଜାବ ବରନାଲା ଅନ୍ତର୍ଗତ ସେହନା ଗ୍ରାମର ଭୂଷଣ କୁମାର ମିତ୍ତଲ (୭୬) ଦୀର୍ଘ ସମୟ ପର୍ଯ୍ୟନ୍ତ ଗ୍ୟାସ ନେବାକୁ ଅପେକ୍ଷା କରି ରହିଥିଲେ। ଛିଡ଼ା ହୋଇଥିବା ସମୟରେ ଉଭୟେ ଟଳି ପଡ଼ିଥିଲେ। ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟେ ହୃଦ୍‌ଘାତରେ ପ୍ରାଣ ହରାଇ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସରକାର ୫ ଦିନ ପରେ କମର୍ସିଆଲ୍ (ବ୍ୟାବସାୟିକ) ଏଲପିଜି ସିଲିଣ୍ଡର ଉପରୁ କଟକଣା ହଟାଇ ଦେଇଛନ୍ତି। ଦେଶର ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କମର୍ସିଆଲ୍ ସିଲିଣ୍ଡର ବଣ୍ଟନ ଆରମ୍ଭ କରାଯାଇଛି ବୋଲି ପେଟ୍ରୋଲିୟମ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସରକାର ଗତ ୯ ତାରିଖରେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ଉପରେ ରୋକ୍ ଲଗାଇଥିଲେ।

ଏହାରି ମଧ୍ୟରେ ସିଲିଣ୍ଡରର କଳାବଜାରୀ ଏବଂ ବେଆଇନ ମହଜୁଦ ରୋକିବା ପାଇଁ ସାରା ଦେଶରେ ଚଢ଼ାଉ ଜୋରଦାର କରାଯାଇଛି। ଘରୋଇ ଗ୍ରାହକମାନେ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ସରକାର କହିଛନ୍ତି। ଭୟରେ ବୁକିଂ ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ପାଇପ୍ଡ ନ୍ୟାଚୁରାଲ ଗ୍ୟାସ (ପିଏନଜି) ସଂଯୋଗ ଥିବା ଗ୍ରାହକଙ୍କ ପାଇଁ ଏଲପିଜି ବୁକିଂ ଏବଂ ସିଲିଣ୍ଡର ରିଫିଲିଂ ଉପରେ ସରକାର କଟକଣା ଲଗାଇ ଦେଇଛନ୍ତି। ପିଏନଜି ଥାଇ ଏଲପିଜି ରଖିଥିବା ଲୋକଙ୍କୁ ତୁରନ୍ତ ସିଲିଣ୍ଡର ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସଙ୍କଟକୁ ଶାନ୍ତ କରିବାକୁ ଯାଇ ଗ୍ରାହକଙ୍କୁ ଏଲ୍‌ପିଜିରୁ ପିଏନଜିକୁ ଡେଇଁବାକୁ ସରକାର କହିଛନ୍ତି। ଅଧିକାରୀଙ୍କ ଅନୁଯାୟୀ, ପିଏନଜି ନେଟୱର୍କ ନିକଟରେ ପ୍ରାୟ ୬୦ ଲକ୍ଷ ପରିବାର ରହୁଛନ୍ତି। ସେମାନେ ସହଜରେ ପିଏନ୍‌ଜି ସଂଯୋଗ ନେଇପାରିବେ। ଏହା ଦ୍ୱାରା ଏଲ୍‌ପିଜି ଚାହିଦା ମଧ୍ୟ ହ୍ରାସ ପାଇବ। ଗ୍ୟାସ ସଙ୍କଟର ସମ୍ମୁଖୀନ ହେଉଥିବା ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡ଼ିକୁ ସିଟି ଗ୍ୟାସ ଯୋଗାଣ କମ୍ପାନୀ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ବର୍ତ୍ତମାନ ଦିଲ୍ଲୀ-ଏନ୍‌ସିଆରରେ ଶିଳ୍ପ, ହୋଟେଲ, ରେଷ୍ଟୋରାଁ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ମାସେ ପାଇଁ ପ୍ରାକୃତିକ ଗ୍ୟାସ ବଦଳରେ ଆବର୍ଜନାରୁ ପ୍ରସ୍ତୁତ ପେଲେଟ୍ସ, ବିଶେଷ କରି ରିଫ୍ୟୁଜ୍ ଡିରାଇଭଡ୍ ଫ୍ୟୁଏଲ୍ (ଆରଡିଏଫ) ପେଲେଟ୍ସର ଅସ୍ଥାୟୀ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ବିହାରରେ ଗ୍ୟାସ୍ ସିଲିଣ୍ଡରର ଅଭାବ ଯୋଗୁଁ କାଠ ଓ କୋଇଲାର ଚାହିଦା ବଢ଼ିଯାଇଛି। ରାଜସ୍ଥାନରେ ହୋଟେଲଗୁଡ଼ିକ କାଠ ଚୁଲିରେ ରୋଷେଇ କରୁଛନ୍ତି। ଅନେକ ସ୍ଥାନରେ ୨ ହଜାର ଟଙ୍କାର କମର୍ସିଆଲ୍ ସିଲିଣ୍ଡର ୪ ହଜାର ଟଙ୍କାରେ ବିକ୍ରି ହେଉଛି। ଏହା ସହିତ ସିଲିଣ୍ଡର ଜବତ କରିବା ପାଇଁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାକୁ ରୋକିବା ପାଇଁ ସରକାର ମଧ୍ୟପ୍ରଦେଶ-ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁର ଗୋଦାମଗୁଡ଼ିକରେ ଚଢ଼ାଉ କରୁଛନ୍ତି।

ଏଲ୍‌ପିଜି ପାଇଁ ଭାରତ ମୁଖ୍ୟତଃ ଆମଦାନୀ ଉପରେ ନିର୍ଭର କରୁଛି। ୬୦ ପ୍ରତିଶତ ଏଲପିଜି ବିଦେଶରୁ ଆସୁଛି। ମାତ୍ର ଏଥିରୁ ଅଧିକାଂଶ ଜାହାଜ ହର୍ମୁଜ ଷ୍ଟ୍ରେଟ ଦେଇ ଆସିଥାଏ। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଦେଖା ଦେଇଥିବାରୁ ଟ୍ୟାଙ୍କର ଆସିବା ମନ୍ଥର ହୋଇଯାଇଛି। ଏହାକୁ ସରକାରଙ୍କୁ ସତର୍କତାର ସହ ନିଷ୍ପତ୍ତି ନେବାକୁ ବାଧ କରିଦେଇଛି। ଯୋଗାଣରେ ସମସ୍ୟା ସତ୍ତ୍ୱେ ଘରୋଇ ଗ୍ରାହକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଆମଦାନୀରେ ବିଳମ୍ବ ଯୋଗୁଁ ଚଳିତ ମାସ ପ୍ରାରମ୍ଭରୁ ଏଲ୍‌ପିଜି ଉତ୍ପାଦନ ୩୦ ପ୍ରତିଶତ ବଢ଼ାଗଲାଣି।

୪୧% ବଢ଼ିଲାଣି...

ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୩ ଡଲାର ଥିଲା। ଶନିବାର ଏହା ୧୦୩ ଡଲାରରେ ପହଞ୍ଚି ଯାଇଛି। ମାତ୍ର ୧୫ ଦିନରେ ବ୍ୟାରେଲ ପିଛା ମୂଲ୍ୟ ୩୦ ଡଲାର ଅର୍ଥାତ ୪୧.୧ ପ୍ରତିଶତ ବୃଦ୍ଧି ପାଇଲାଣି। ଯୁଦ୍ଧ ବନ୍ଦ ନ ହେଲେ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବ। ଅଶୋଧିତ ତୈଳ ମୂଲ୍ୟ ୨୦୦ ଡଲାରରେ ପହଞ୍ଚିଯିବ ବୋଲି ଇରାନ ଚେତାବନୀ ଦେଇଛି। ସେହିପରି ଖୁବଶୀଘ୍ର ଏହା ୧୫୦ ଡଲାର ଛୁଇଁପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ବିଶେଷଜ୍ଞଙ୍କ ଅନୁଯାୟୀ, ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନାର ପ୍ରଭାବ ଆଗାମୀ ଦିନରେ ବିଶ୍ୱ ବଜାର ଉପରେ ସ୍ପଷ୍ଟ ଭାବେ ପ୍ରତୀତ ହେବ। ଆଗାମୀ ସପ୍ତାହ ଅତ୍ୟନ୍ତ ଅସ୍ଥିର ରହିପାରେ, କାରଣ ନିବେଶକମାନଙ୍କ ନଜର ସମ୍ପୂର୍ଣ୍ଣ ଭାବେ ଏହି ସଂଘର୍ଷ ସହ ଜଡ଼ିତ ଘଟଣାକ୍ରମ ଉପରେ ରହିଛି। ହର୍ମୁଜ ଷ୍ଟ୍ରେଟ ଉପରେ ବିଶେଷ ଧ୍ୟାନ ରହିବ, କାରଣ ଏହା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଯୋଗାଣ ମାର୍ଗ। ଯଦି ହର୍ମୁଜ ପ୍ରଣାଳୀ ଦେଇ ତୈଳ ଏବଂ ଗ୍ୟାସ ଚଳାଚଳ ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୁଏ, ତେବେ ଏହା ବିଶ୍ୱ ତୈଳ ଯୋଗାଣକୁ ଆହୁରି କଠିନ କରିପାରେ। ଏହାର ପ୍ରଭାବ ଏସିଆରେ ମୁଦ୍ରାସ୍ଫୀତି ବଢ଼ିବ। ବିଶ୍ୱ ବଜାରରେ ଅନିଶ୍ଚିତତା ଲାଗି ରହିବ।

୬ ମାସ ପରେ...

ଅଂଶୀଦାରଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏହା ଏକ ପଦକ୍ଷେପ। ମନ୍ତ୍ରଣାଳୟ ଦର୍ଶାଇଛି ଯେ ୱାଙ୍ଗଚୁକ୍ ତାଙ୍କ ଅଟକ ସମୟର ପ୍ରାୟ ଅଧା ଭାଗ ସମୟ ଅତିବାହିତ କରିସାରିଛନ୍ତି। ସରକାର ଲଦାଖରେ ଶାନ୍ତି, ସ୍ଥିରତା, ପାରସ୍ପରିକ ବିଶ୍ୱାସର ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ। ଏହି ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଏବଂ ସବୁ ଦିଗକୁ ବିଚାର କରି, ସରକାର ତୁରନ୍ତ ୱାଙ୍ଗଚୁକଙ୍କ ଅଟକାଦେଶକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଆହୁରି ମଧ୍ୟ କହିଛନ୍ତି ଯେ, ଲଦାଖରେ ବାରମ୍ବାର ହେଉଥିବା ବନ୍ଦ ଓ ବିକ୍ଷୋଭ ପ୍ରଦର୍ଶନ ସେଠାକାର ଶାନ୍ତିପ୍ରିୟ ଜନଜୀବନ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟନ ଶିଳ୍ପ ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ସରକାର ଆଶା ପ୍ରକାଶ କରିଛନ୍ତି ଯେ ଏହି ଅଞ୍ଚଳର ସମସ୍ୟାଗୁଡ଼ିକର ସମାଧାନ ଆଲୋଚନା ମାଧ୍ୟମରେ ହେବ।

ଉଲ୍ଲେଖଥାଉ କି ଗତ ବର୍ଷ ସେପ୍ଟେମ୍ବର ୨୬ରେ ୱାଙ୍ଗଚୁକ୍‌ଙ୍କୁ ଅଟକ ରଖାଯାଇଥିଲା। ଏହାର ଦୁଇଦିନ ପୂର୍ବରୁ ଲଦାଖର ରାଜ୍ୟ ପାହ୍ୟା ଓ ସାମ୍ବିଧାନିକ ସୁରକ୍ଷା ଦାବିରେ ହୋଇଥିବା ବିକ୍ଷୋଭ ହିଂସା ରୂପ ନେଇଥିଲା। ଏଥିରେ ୪ଜଣ ଲୋକ ମୃତ୍ୟୁ କରିଥିଲେ ଓ ୫୦ ଜଣ ଆହତ ହୋଇଥିଲେ। ପରେ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା 13001/641/2526

ବିଜ୍ଞପ୍ତି ନଂ: ୪୨୨ / ତାରିଖ: ୧୦.୦୩.୨୦୨୬

କ୍ର.ସଂ	ଟେଣ୍ଡର ବିବରଣୀ	
1	ଟେଣ୍ଡର ଆହ୍ୱାନ ଅଧିକାରୀ	ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, ତରଭା
2	ଟେଣ୍ଡର ପ୍ରକାର	ବିଜ୍ଞାପିତ ଅଂଚଳ ପରିଷଦ, ତରଭା ଅଧିନସ୍ଥ ସୈରାତଗୁଡ଼ିକର ଠିକା
3	କେଉଁ ବର୍ଷ ପାଇଁ	ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ
4	କେଉଁ ମାନେ ଭାଗ ନେଇପାରିବେ	କେବଳ ବିଜ୍ଞାପିତ ଅଂଚଳ ପରିଷଦ, ତରଭାର ବାସିନ୍ଦା
5	ସୈରାତ ଗୁଡ଼ିକର ନାମ	୧. ସାପ୍ତାହିକ ପଶୁ ବଜାର ୨. ସାପ୍ତାହିକ ପରିବା ବଜାର ୩. ଉଠା ଦୋକାନୀଙ୍କଠାରୁ ଦୈନିକ ମାସୁଲ ଆଦାୟ
6	ସଂପୂର୍ଣ୍ଣ ବିଜ୍ଞପ୍ତି ମିଳିବା ସ୍ଥାନ	ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା
7	ଆବେଦନ କରିବାର ଶେଷ ତାରିଖ	୨୪.୦୩.୨୦୨୬ ଅପରାହ୍ନ ଘ ୪.୦୦ ଟିକା
8	ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ	୨୫୪.୦୩.୨୦୨୬ ପୂର୍ବାହ୍ନ ଘ ୧୧.୩୦ ଟିକା

ସବିଶେଷ ବିବରଣୀ ପାଇଁ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା ସହିତ ଯୋଗାଯୋଗ କରନ୍ତୁ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ତରଭା

OIPR-13001/13199/1/25-26/0038

GOVERNMENT OF ODISHA 34001/194/2526
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION
BALLIGUDA
TELEPHONE & Fax 06846-243242, E-mail- eepwd.balliguda@gmail.com
e-procurement notice
Bid Identification No. S.E. BLG-15/2025-26 Dated:-11.03.2026

Sl. No	Name of the Work	Buildings Works as per DTCN available in the website www.tendersodisha.gov.in
1	Estimated Cost	Rs. 66.72 lakhs
2	No. of Works	1(One) Only
3	Period & time of completion	06(Six) Month
4	Date & time of availability of the bid document in the portal	18.03.2026 to 01.04.2026 (up to 5.00 PM) for Online Bidding
5	Last dale/Time for receipt of bids in the portal	Up to 5.00 PM of 01.04.2026
6	Date & Time of bid opening	11.30 hours on Dated. 02.04.2026
7	Name & Address of the officer inviting Bid	Superintending Engineer, Balliguda R&B Division, Balliguda, Dist:-Kandhamal, Pin-762103

Others can be seen from Detailed Notice inviting Tenders, available in website. www.tendersodisha.gov.in.
Corrigendum if any. shall only be published in the above website.

Superintending Engineer
Balliguda (R&B) Division

OIPR-34001/34162/1/25-26/0002

OFFICE OF THE MUNICIPAL COUNCIL: RAYAGADA
DIST – RAYAGADA
PIN CODE – 765001, ODISHA
E-mail ID – raygadam.hud@od.gov.in
Web – www.rayagadamunicipality.in
Phone – 06856-235052
13001/654/2526

Letter No.: 1110 Date: 12/03/2026

"e" – TENDER NOTICE
Bid Identification No.: RGDA-MUN-09/2025-26

Bid documents consisting of **02 (Two) nos of Civil Works** in double cover system with their Tendered amount (Work Value), Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

Sl. No	Particulars	Details
1	Name of the Work	Civil Works as mentioned in the website
2	No. of the Work	2 (Two) Nos
3	Estimated Costs	As mentioned in the DTCN
4	Period of Completion	As mentioned against the work in the NIT / DTCN
5	Date & Time of Availability of Bid Documents on the Portal	From Dated **16.03.2026, 12:00 Noon** to **30.03.2026, 05:30 P.M**
6	Bids received online to be opened on	**31.03.2026, 11:30 A.M**
7	Name and Address of the Officer inviting the Bid	**The Executive Officer, Rayagada Municipality, Rayagada**

Further details can be seen from the Procurement Portal: http://tendersorissa.gov.in

Executive Officer
Rayagada Municipality

OIPR-13001/13150/1/25-26/0004

ଶାସକ ଦଳକୁ...

ବିଧାୟକଙ୍କୁ ପାରାଦୀପ ସ୍ଥାନାନ୍ତର କରିଛି। ଶନିବାର ରାତି ପ୍ରାୟ ୯ଟାରେ ୩ଟି ବସ୍ ଯୋଗେ ୬୦ରୁ ଅଧିକ ବିଧାୟକ ପାରାଦୀପ ଗସ୍ତ କରିଛନ୍ତି। ସେଠାରେ ବିଧାୟକମାନଙ୍କ ପାଇଁ ରିସର୍ଟର ବ୍ୟବସ୍ଥା କରାଯାଇଛି। ଗୋଟିଏ ଦିନ ସେଠାରେ ଦଳର ସମସ୍ତ ବିଧାୟକଙ୍କୁ ବିଜେପି ପକ୍ଷରୁ ରଖିବାକୁ ଯୋଜନା ହୋଇଛି। ଏହାପରେ ସୋମବାର ଦିନ ବିଧାୟକମାନେ ସେଠାରୁ ଫେରି ରାଜ୍ୟସଭା ନିର୍ବାଚନ ପାଇଁ ଭୋଟ୍‌ଦାନ କରିବେ ବୋଲି ଜଣାପଡ଼ିଛି।

ଶନିବାର ଦିନ ପ୍ରାୟ ୨ଟା ବେଳେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରଥମେ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଜେପି ରାଜ୍ୟ ସଭାପତି, ୨ ଉପମୁଖ୍ୟମନ୍ତ୍ରୀଙ୍କ ସହ ସମସ୍ତ ମନ୍ତ୍ରୀ ବିଧାୟକ ଉପସ୍ଥିତ ରହିଥିଲେ। ରାଜ୍ୟସଭା ନିର୍ବାଚନ ପାଇଁ କେନ୍ଦ୍ର ବିଜେପି ପକ୍ଷରୁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମହାରାଷ୍ଟ୍ର ରାଜସ୍ୱ ମନ୍ତ୍ରୀ ଚନ୍ଦ୍ରଶେଖର ବାୱନକୁଲେ ସମସ୍ତଙ୍କ ସହ ବୈଠକ କରିଥିଲେ। ବୈଠକରେ ରାଜ୍ୟସଭା ନିର୍ବାଚନକୁ ନେଇ ବିଧାୟକମାନଙ୍କ ସହ ଆଲୋଚନା ହୋଇଥିଲା। ଦୁଇଦିନ ତଳେ ଦଳୀୟ ବିଧାୟକଙ୍କୁ ମୁଖ୍ୟ ସଚେତକ ଦୁଇ ଧାଡ଼ିଆ ହୁଇପ୍ ଜାରି କରିଥିବା ବେଳେ ବିଜେପି ବିଧାୟକମାନେ ଭୁବନେଶ୍ୱର ବ୍ୟତୀତ କାହିଁକି ପାରାଦୀପ ଗସ୍ତ କରିଛନ୍ତି, ତାକୁ ନେଇ ପ୍ରଶ୍ନ ଉଠିଛି। ଏଥିରୁ ଶାସକ ବିଜେପିରେ ବି ସବୁକିଛି ଠିକ୍ ଚାଲୁନାହିଁ ବୋଲି ଚର୍ଚ୍ଚା ଜୋର୍ ଧରିଛି। କାରଣ ବିଜେପିରେ ଅନେକ ସମୟରେ ଗୋଷ୍ଠୀବାଦକୁ ନେଇ ବିବାଦ ଉପୁଜୁଥିବା ବେଳେ ଦଳୀୟ ବିଧାୟକଙ୍କ ଭୋଟ୍‌କୁ ଏକତ୍ରିତ କରାଯାଇପାରିବ କି କ୍ରସ୍ ଭୋଟିଂ ହେବ, ସେନେଇ ମଧ୍ୟ ବିଜେପି ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ନ ଥିବା ଚର୍ଚ୍ଚା ହେଉଛି।

ସକାଳ THE SAKALA

www.sakalaepaper.com

ଜିଲ୍ଲାରେ ଗ୍ୟାସ୍ ସଙ୍କଟ; ଗୋଦାମରେ ଲମ୍ବା ଧାଡ଼ି

ଜଗତସିଂହପୁର,୧୪।୩(ସମିସ)

ଜଗତସିଂହପୁର ଜିଲ୍ଲାରେ ମଧ୍ୟ ରନ୍ଧନ ଗ୍ୟାସ ଆବଶ୍ୟକ ପରିମାଣରେ ମିଳୁ ନଥିବା କାରଣରୁ ଅନେକ ଘରେ ଚୁଲିରେ ରୋଷେଇ ଆରମ୍ଭ ହେଲାଣି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୩ ତାରିଖରେ ଗ୍ୟାସ୍ ମିଳୁନଥିବା ପ୍ରଚାର ଏକ ଗୁଜବ ବୋଲି ଏକ ଜରୁରୀ ବୈଠକରେ ଘୋଷଣା କରାଯାଇଥିଲା। ଓଡ଼ିଶାରେ ଯଥେଷ୍ଟ ପରିମାଣରେ ରନ୍ଧନ ଗ୍ୟାସ ମହଜୁଦ ଥିବାରୁ ଏଥିପାଇଁ ବ୍ୟତିବ୍ୟସ୍ତ ନ ହେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ହେଲେ ଆଜି ସକାଳ ଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଜଗତସିଂହପୁର ପୌରାଞ୍ଚଳରେ ଥିବା ଏକ ଗ୍ୟାସ ଗୋଦାମରେ ଶହ ଶହ ସଂଖ୍ୟାରେ ଗ୍ରାହକ ଭିଡ଼ ଜମାଇଥିବା ଦେଖାଯାଇଥିଲା। ଦୁଇଦିନ ବ୍ୟବଧାନରେ ଆସିଥିବା ଗ୍ୟାସ୍ ଗାଡିକୁ ଲୋକମାନେ ଘେରି ଯାଇଥିଲେ। ଘଣ୍ଟା ଘଣ୍ଟା ଧରି ଲୋକମାନେ ଖାଲି ସିଲିଣ୍ଡର ସହିତ ଧାଡ଼ରେ ଠିଆ ହୋଇଥିଲେ। କିଛି ଲୋକ ମଧ୍ୟ ନିରାଶ ହୋଇ ଫେରିଥିବା

ସୂଚନା ମିଳିଛି। ସେହିପରି ପ୍ରାୟ ସପ୍ତାହେ ଧରି ଗ୍ୟାସ ବୁକିଂ ସାଇଟ ବନ୍ଦ ଥିବାରୁ ଗ୍ରାହକ ମାନେ ଆଶା ଆଶଙ୍କା ମଧ୍ୟରେ ରହିଥିଲେ। ଏବେ ବୁକିଂ ସାଇଟ ଖୋଲିବା ପରେ କିଛିଟା ଆଶ୍ୱସ୍ତି ମିଳିଥିଲେ ମଧ୍ୟ ଯେତିକି ଗ୍ୟାସ ଜିଲ୍ଲାକୁ ଆସୁଛି ତାହା ଆବଶ୍ୟକତା ପୂରଣ କରିବା ସମ୍ଭବ ହେଉନାହିଁ ବୋଲି ସାଧାରଣରେ ଅଭିଯୋଗ କରାଯାଇଛି।

ହୋଟେଲରେ ବିଧାୟକଙ୍କ ଭୋଜିଭାତ

ଗ୍ୟାସ୍ ନା କାଠଚୁଲାରେ ହେଲା ରୋଷେଇ ?

ପାରାଦୀପ : ଗ୍ୟାସ୍ ଅଭାବ କାରଣରୁ ପାରାଦୀପରେ ଅଧିକାଂଶ ହୋଟେଲ ବନ୍ଦ ହୋଇଗଲାଣି। ଏପରିକି ବଡ଼ ବଡ଼ ହୋଟେଲରେ ମଧ୍ୟ କଟକଣା ଲାଗୁ ହୋଇଛି। ତେବେ ଅଚାନକ ଶନିବାର ରାତିରେ ଦିଲ୍ଲୀପ ରାୟଙ୍କ ମେ'ଫେୟାର ହୋଟେଲରେ ବିଜେପି ବିଧାୟକଙ୍କ ମେଳି ବଢ଼ିବା ପରେ ଲୋକଙ୍କ ଭିତରେ ଉତ୍କଣ୍ଠା ବୃଦ୍ଧି ପାଇଛି। ରାତି ୧୨ଟା ସୁଦ୍ଧା ଶାସନ ଦଳର ବହୁ ବିଧାୟକ, ମନ୍ତ୍ରୀ ପାରାଦୀପରେ ପହଞ୍ଚିଥିଲେ। ରାଜ୍ୟସଭା ନିର୍ବାଚନ ପାଇଁ ଭୟଭୀତ ଥିବା ଶାସକ ଦଳ ନିଜର ସବୁ ବିଧାୟକଙ୍କୁ ପାରାଦୀପର ମେ' ଫେୟାର ହୋଟେଲରେ ମଉଜମସ୍ତି କରିବାକୁ ଆଣିଛି। ତେବେ ସେମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରିବାକୁ ଗ୍ୟାସ୍ କେଉଁଠୁ ଆସିଲା ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ସାଧାରଣ ଲୋକ ଗ୍ୟାସ୍ ପାଇଁ ହନ୍ତସନ୍ତ ହେଉଥିବା ବେଳେ ବିଧାୟକମାନଙ୍କ ମଉଜମସ୍ତି ପାଇଁ ଏତେ ଗ୍ୟାସ୍ କେଉଁଠୁ ଆସିଲା। ସେମାନଙ୍କୁ ଗ୍ୟାସ୍‌ରେ ରୋଷେଇ କରି ଦିଆଗଲା ନା କାଠଚୁଲାରେ ବୋଲି ସାଧାରଣ ଲୋକ କୌତୁହଳରେ ପ୍ରଶ୍ନ କରିଛନ୍ତି।

ପାରାଦୀପରେ ଗ୍ୟାସ୍ କଳାବଜାର ବୃଦ୍ଧି

ପାରାଦୀପ, ୧୪।୩ (ସମିସ): ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ ସାରା ଦେଶ ଓ ରାଜ୍ୟରେ ପଡିଛି। ସେହିପରି ପାରାଦୀପ ଭଳି ଶିଳ୍ପ ସହରରେ ମଧ୍ୟ ଏହି ପ୍ରଭାବ ଦେଖିବାକୁ ମିଳିଛି। ପାରାଦୀପରେ ଗ୍ୟାସ୍‌ର କଳା ବଜାରୀ ବଢ଼ିବାରେ ଲାଗିଛି। ଯେହେତୁ ଏଠାରେ ବିଭିନ୍ନ ଶିଳ୍ପ କଳ କାରଖାନାରେ ହଜାର ହଜାର ଶ୍ରମିକ କର୍ମଚାରୀ କାମ କରୁଛନ୍ତି। ସେମାନେ ବିଭିନ୍ନ ଗେଷ୍ଟହାଉସ, ହଷ୍ଟେଲ, ମେସ୍ କରି ରହୁଛନ୍ତି। ସେମାନଙ୍କ ପାଇଁ ଏହି ରନ୍ଧନ ଗ୍ୟାସର ଆବଶ୍ୟକତା ରହିଛି। ଏବେ ରନ୍ଧନ ଗ୍ୟାସ୍ ଆବଶ୍ୟକ ଅନୁଶାରେ ମିଳୁ ନ ଥିବାରୁ ଗ୍ୟାସ୍ ଅଫିସ, ଗୋଦାମରେ ଭିଡ଼ ଦେଖିବାକୁ ମିଳିଛି। ଗାଡ଼ି ଆସିବାକୁ ନେଇ ଗ୍ୟାସ୍ ଗୋଦାମ ନିକଟରେ ଭିଡ଼ ମଧ୍ୟ ଜମିଛି। ଲୋକମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖାଯାଇଛି। ଗ୍ୟାସ ଗୋଦାମ ସମ୍ମୁଖରେ ଆଜି ସକାଳୁ ସକାଳୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଶତାଧିକ ଲୋକ ଗ୍ୟାସ ବୁକିଂ କରିଥିଲେ ମଧ୍ୟ ଗ୍ୟାସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ରନ୍ଧନ ଗ୍ୟାସ ଅଭାବରୁ ଖାଉଟି ହନ୍ତସନ୍ତ ହେଉଛନ୍ତି। ଗ୍ୟାସ୍ ବୁକିଂ କରିଥିବା ସତ୍ତ୍ୱେ ଗ୍ୟାସ୍ ନେବା ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନ ରେ ଛିଡା ହୋଇଛନ୍ତି। ତେବେ କେତେକ ସ୍ଥାନରେ କଳାବଜାରୀ ହେଉଥିବାର ମଧ୍ୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏନେଇ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଜଗତସିଂହପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଗ୍ୟାସ୍ କମ୍ପାନୀ ସହିତ ଆଲୋଚନା କରିବା ସହିତ ଗ୍ୟାସ କଳା ବଜାରୀ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରାଯାଇଛି। କଳା ବଜାରୀ ନ ହେବା ପାଇଁ ଜିଲାରେ ୧୧ଟି ଫ୍ଲାଇଂ ସ୍କ୍ୱାର୍ଡ ଗଠିତ କରାଯିବା ସହିତ କଳା ବଜାରୀ କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ ବୋଲି ଜିଲ୍ଲାପାଳ କହିଛନ୍ତି। ଏହା ସହିତ ସାଧାରଣ ଲୋକ ମାନେ ଭୟଭୀତ ନହେବାକୁ ଲୋକଙ୍କୁ ଜିଲାପାଳଙ୍କ ଅପିଲ କରିଛନ୍ତି।

କୁଜଙ୍ଗ ଏନ୍ଏସି ପ୍ରସଙ୍ଗ; ବନ୍ଦ ସ୍ଥଗିତ

କୁଜଙ୍ଗ,୧୪।୩(ସମିସ): କୁଜଙ୍ଗକୁ ଏନଏସି ଦାବିକରି କୁଜଙ୍ଗ ସଚେତନତା ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୧୭ ତାରିଖ ମଙ୍ଗଳବାର ଦିନକୁ ଘୋଷଣା କରାଯାଇଥିବା କୁଜଙ୍ଗ ବନ୍ଦ ପାଳନକୁ ସ୍ଥଗିତ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଜଗତସିଂହପୁର ଜିଲ୍ଲା ପ୍ରଶାସନ ସମସ୍ତ ଆନୁଷଙ୍ଗିକ କାଗଜପତ୍ର ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ପଠାଇ ଦିଆଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ମଞ୍ଚ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ବନ୍ଦ ପାଳନକୁ ସ୍ଥଗିତ ରଖାଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ମଞ୍ଚର ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରାଯାଇ ଏନ୍ଏସି ଦାବି ସମ୍ପର୍କରେ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିବା ମଞ୍ଚର ଆବାହକ ରଘୁନାଥ ସାହୁ ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ମଞ୍ଚର ଉପଦେଷ୍ଟା କବି ପୀତାମ୍ବର ତରାଇ ଓ ବାବୁରାମ ଚୌଧୁରୀ ସୂଚନା ପ୍ରଦାନ କରିଥିଲେ ଯେ ଗତ ୨୭ ତାରିଖରେ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକ୍ଷୋଭ କରାଯାଇ ଦାବି ପ୍ରଦାନ କରାଯାଇଥିଲା। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କାଗଜପତ୍ର ସମ୍ପୃକ୍ତ ବିଭାଗକୁ ପଠାଇ ଦିଆଯାଇଥିବା ଜଣାପଡିବା ପରେ ମଞ୍ଚ ଆଶ୍ୱସ୍ଥ ହୋଇଛି। ସୂଚନାଯୋଗ୍ୟ ୨୦୨୪ ମସିହା ମାର୍ଚ୍ଚ ମାସରେ ତତ୍କାଳୀନ ସରକାର କୁଜଙ୍ଗକୁ ଏନ୍ଏସି ଘୋଷଣା କରିଥିଲେ। ମାତ୍ର ଏବେର ସରକାର ଏହାକୁ ଅଣଦେଖା କରିଥିବାରୁ କୁଜଙ୍ଗବାସୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଜନସାଧାରଣ ସରକାରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ନେଇ ଆନ୍ଦୋଳନ ଚଳାଇ ଆସୁଛନ୍ତି। ମଞ୍ଚ ପ୍ରତିନିଧି ମଣ୍ଡଳୀ ସରକାରଙ୍କ ସହିତ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଆଜି ନିଷ୍ପତି ହୋଇଛି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କୁଳମଣୀ ସାମଲ, ରାମଦାସ ମହାନ୍ତି, ଦୁଷ୍ମନ୍ତ ମାଝୀ, ରଞ୍ଜିତ ବିଶ୍ୱାଳ, ରଶ୍ମୀରଞ୍ଜନ ଦାଶ, ସୁଶାନ୍ତ କୁମାର ଦାସ, ବିବେକାନନ୍ଦ ଦାସ, ରଞ୍ଜିତ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦାନ କରିଥିଲେ।

ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ପାରାଦୀପ,୧୪।୩(ସମିସ): ପାରାଦୀପ ଲକ୍ ଥାନା ଅଧୀନ ଫୁଲବେଲାରୀ ଗ୍ରାମର ବସନ୍ତ ପୃଷ୍ଟିଙ୍କ ପୁଅ ଶିଶିର ପୃଷ୍ଟି (୩୯) ଆଜି ସନ୍ଧ୍ୟାରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ପାରାଦୀପରେ ଚଣ୍ଡିଖୋଲ-ପାରାଦୀପ ରାସ୍ତା ସମ୍ପ୍ରସାରଣ କାମ କରୁଥିବା ଏଆର୍ଏସ୍ଏସ୍ କମ୍ପାନୀରେ ସିକ୍ୟୁରିଟି ଭାବେ କାର୍ଯ୍ୟ କରୁଥିଲେ। ହଠାତ ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେବାରୁ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବକୁ ପୋର୍ଟ ମେଡିକାଲ ସିଜରରେ ରଖାଯାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

■ ଜଳ ନିଷ୍କାସନ ସମସ୍ୟା

ଏନ୍ଏଚ୍ଏଆଇକୁ ଚିଠି ଲେଖିଲେ ସରପଞ୍ଚ

ବାଲିକୁଦା,୧୪।୩(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଅଳାଭର ପଞ୍ଚାୟତର ଅନେକ ଗ୍ରାମର ଚାଷ ଜମି ମଧ୍ୟ ଦେଇ ବହୁ ପ୍ରତିକ୍ଷିତ ଜାତୀୟ ରାଜପଥ ୫୫ ବହୁ ବିଳମ୍ବରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପଞ୍ଚାୟତର କଣିଆ, ଅଳାଭର, ରଣପୁର, ଅଲିକଣା, ମଝିଖୋରା ଆଦି ରାଜସ୍ୱ ଗ୍ରାମର କୃଷି କ୍ଷେତ୍ରରୁ ଜାତୀୟ ରାଜପଥ ନିର୍ମାଣ ପରେ ବର୍ଷା ଦିନରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହେବା ସହ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ଚାଷୀଙ୍କ ଫସଲ ଉଜୁଡିଯିବା ଆଶଙ୍କା କରି ଏହି ଗ୍ରାମର ସମସ୍ତ ଗ୍ରାମବାସୀ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ଏହି ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ଜାତୀୟ ରାଜପଥ ନିର୍ମାଣ ସମୟରେ ବିଭାଗ ପକ୍ଷରୁ ସି ଏଚ୍ ୩୨୧/୭୦୫ରେ ଯେଉଁ ଜଳ ନିଷ୍କାସନ ପାଇଁ ଶୋଠ ବସାଇବାର ପ୍ରସ୍ତାବ ରହିଛି ସେଥିରେ ଜଳ ନିଷ୍କାସନ ହୋଇପାରିବ ନାହିଁ। ଏଣୁ ବିଭାଗ ପକ୍ଷରୁ ସିଏଚ୍ ୩୨୧/୫୮୦ରେ ଶୋଠ ନିର୍ମାଣ କଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ। ଜାତୀୟ ରାଜପଥ ନିର୍ମାଣକୁ ସମସ୍ତ ପଞ୍ଚାୟତବାସୀ ଖୁସିର ସହ ସ୍ୱାଗତ କରିଥିବା ବେଳେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରବା ସହ ଜାତୀୟ ରାଜପଥ ନିର୍ମାଣ ରାସ୍ତା ଠାରୁ ଅଳାଭର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜାତୀୟ ରାଜପଥ ସଂଯୋଗ, ଥାଇଲ ଠାରେ ଜାତୀୟ ରାଜପଥ ନିର୍ମାଣ ସ୍ଥାନରେ ଭିୟୁପି ନିର୍ମାଣ ପାଇଁ ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ ହେଲେ ସମସ୍ତ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ସରପଞ୍ଚ ଆଶା କରିଛନ୍ତି।

ପ୍ରଦୂଷଣ ବଢ଼ାଉଛି ଜିପ୍‌ସମ୍

ରାସ୍ତାରେ ଉଡ଼ି ଲୋକଙ୍କୁ କରୁଛି କଲବଲ

ପାରାଦୀପ,୧୪।୩(ସମିସ): ରାସ୍ତାରେ ଉଡୁଛି ଜିପ୍‌ସମ୍। ରାସ୍ତା କାମରେ ବ୍ୟବହୃତ ଜିପସମ୍ ଏବେ ପାରାଦୀପ ବାସୀଙ୍କ ପାଇଁ କାଳ ପାଲଟିଛି। ଏହି ଗୁଣ୍ଡ ଉଡ଼ିବା ଦ୍ୱାରା ସାଧାରଣ ଜନତା ଅସ୍ତବ୍ୟସ୍ତ ହୋଇ ପଡିଲେଣି। ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ବହୁଳ ପରିମାଣରେ ବ୍ୟବହୃତ ଜିପସମକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢିଯାଇଛି। ଯିଏ ପାରାଦୀପରୁ ଚଣ୍ଡିଖୋଲ ରାସ୍ତାରେ ଯାଇଛି ସେ ଜାଣିଛି ଜିପ୍‌ସମ୍ କିଭଳି କଲବଲ କରୁଛି। ଜିପସମ ରାସ୍ତାରେ ଉଡିବା ଦ୍ୱାରା ରାସ୍ତା ଦେଖାଯାଉନାହିଁ। ଆଖି, କାନ ଓ ନାକ ଭିତରେ ଏହି ଜିପସମ୍ ଗୁଣ୍ଡ ପଶି ଶରୀରରେ ରୋଗ ସୃଷ୍ଟି କରିବା ଏକ ପ୍ରକାର ନିଶ୍ଚିତ।

ଏହା ବ୍ୟତୀତ ପାଖ ନଦୀ, ନାଳ ଓ ପୋଖରୀରେ ମାଛ ମଡ଼କ ମଧ୍ୟ ଦେଖାଦେଲାଣି। କାର୍ଯ୍ୟ ଚାଲିଥିବା ବେଳେ ନା କୌଣସି ପାଣି ବ୍ୟବହାର କରାଯାଉଛି ନା ଜିପସମ୍ ନ ଉଡ଼ିବା ପାଇଁ କୌଣସି ପଦକ୍ଷେପ ନିଆଯାଉଛି। କେତେକ ଜାଗାରେ ଜିପସମ୍ ବ୍ୟବହାର ନିୟମକୁ ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ଉଠିଛି। ବିଶେଷ କରି ଯେଉଁସବୁ ଜାଗାରେ ଓଭରବ୍ରିଜ ନିର୍ମାଣ ଚାଲିଛି ସେଠାରେ ଟନ୍ ଟନ୍ ଜିପସମ୍ ପାହାଡ଼ ଭଳି ଠୁଳ କରାଯାଇଛି। ଯାହା ଖରାରେ ଟିକେ ହାଲକା ପବନ ଦେଲେ ଉଡ଼ି ଯାତାୟାତ କରୁଥିବା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଯାହା ଫଳରେ ସେଠାରେ ପ୍ରଦୂଷଣ ମାତ୍ରା ବଢ଼ି ବଢ଼ି ଚାଲିଛି। ଏବେ ପାରାଦୀପ-ଚଣ୍ଡିଖୋଲ ରାସ୍ତାର ୮ ଲେନ୍ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ପାରାଦୀପ ଅଠରବାଙ୍କୀ ନିକଟରୁ ହିଁ ଆରମ୍ଭ ହୋଇ ଆସୁଛି। କାମ ଆରମ୍ଭ ହେବା ଦିନ ଠାରୁ ହିଁ ଏହି ଜିପସମ୍ ବ୍ୟବହାରକୁ ନେଇ 'ସକାଳ'ରେ ବାରମ୍ବାର ଖବର ପ୍ରସାରଣ ହେବା ପରେ ମଧ୍ୟ ପ୍ରଶାସନ ହେଉ କିମ୍ବା କାମ ନେଇଥିବା କମ୍ପାନୀ କର୍ତ୍ତୃପକ୍ଷ କୌଣସି ନିୟମ ନ ମାନି ଖୁଲମ ଖୋଲା ଦିନ ରାତି କାମ କରିଚାଲିଛନ୍ତି। ରାତିଦିନ ଲାଗି ଗୋଟିଏ ସ୍ଥାନରେ ଶହ ଶହ ଟ୍ରିପ ଜିପସମ୍ ପାହାଡ଼ ଭଳି ଗଦା କରି ସେଠାରୁ ପୁଣି ଗାଡ଼ି ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ତେବେ ଏହି ଲୋଡ୍ ଅନଲୋଡିଂ ବେଳେ ମଧ୍ୟ ଜିପସମ୍ ଗୁଣ୍ଡ ରାସ୍ତା ସାରା ଉଡୁଛି। ଯାହା ଯାତାୟାତରେ ଘୋର ସମସ୍ୟା ସୃଷ୍ଟି କରୁଛି।

ଏହି କାର୍ଯ୍ୟ ଚାଲିବା ଯାହା ନିୟମକୁ ଉଲ୍ଲଙ୍ଘନ କରୁଥିବା କୁହାଯାଉଛି। ଡାକ୍ତରଙ୍କ କହିବା ଅନୁଯାୟୀ ନିଃଶ୍ୱାସ ପ୍ରଶ୍ୱାସରେ ସିଧା ସିଧା ଜିପସମ୍ ଗଲେ ଶ୍ୱାସ ସମସ୍ୟା ସହିତ ଚର୍ମ ଓ ଆଖିରୋଗ ଖୁବ ଶୀଘ୍ର ବାହାରିଯାଇଥାଏ। ତେବେ ଏଠାରେ ପ୍ରଶ୍ନ ଉଠୁଛି ପାରାଦୀପରେ ପ୍ରଦୂଷଣ ବିଭାଗ ଥାଇ ମଧ୍ୟ ଯଦି ଏଭଳି ନିୟମ ବାହାରର କାର୍ଯ୍ୟ କରାଯାଉଛି, ତେବେ ବିଭାଗ କରୁଛି କ'ଣ। ପ୍ରଦୂଷଣ ବିଭାଗର ଅଧିକାରୀ ମାନେ ଦେଖି ନ ଦେଖିଲା ଭଳି ସେହି ପଟେ ଯାତାୟାତ କରୁଛନ୍ତି; ହେଲେ କୌଣସି ପଦକ୍ଷେପ ନେଉ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ମହୁ ଉତ୍ପାଦନ ସମ୍ପର୍କୀତ ତାଲିମ ଶିବିର

ଜଗତସିଂହପୁର,୧୪।୩(ସମିସ): ସର୍ବଭାରତୀୟ ସଂଯୋଜିତ ମହୁମାଛି ଓ ପରାଗ ସଂଗମକାରି କୀଟ ପ୍ରକଳ୍ପ, ଓୟୁଏଟି ଏବଂ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର ମିଳିତ ପ୍ରୟାସରେ ଦୁଇଦିନିଆ ଫେଣା ମହୁର ଉତ୍ପାଦନ କୌଶଳ ଏବଂ ଚାଷୀ ମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏକ ତାଲିମ ଶିବିର କୃଷି ବିଜ୍ଞାନ କେନ୍ଦ୍ର, ପରିସରରେରେ ମାର୍ଚ୍ଚ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲ୍ଲାର ୨୦ ଜଣ ଅଗ୍ରଣୀ ମହୁ ଚାଷୀ ଅଂଶଗ୍ରହଣ କରିଥିଲେ। 'ଫେଣା ମହୁ ପ୍ରକଳ୍ପ' ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟରେ ଶୁଦ୍ଧ ମହୁର ଗୁଣବତ୍ତା ଯଥା -ଏହାର ଔଷଧୀୟ ଗୁଣ, ଉତ୍ତମ ପ୍ୟାକେଜିଂ ଓ ବଜାର ଚାହିଦା ସମ୍ବନ୍ଧରେ ପୂର୍ବତନ ଏମେରିଟସ୍ ବୈଜ୍ଞାନିକ ଡ. ସିଆର୍ ଶତପଥୀ ଆଲୋକପାତ କରିଥିଲେ। ଫେଣା ମହୁର ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ଅଧିକ ଚାହିଦା ଥିବାରୁ ଚାଷୀମାନଙ୍କ ଆର୍ଥିକ ବୃଦ୍ଧି ପାଇଁ ଏହାର ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ୍ ଚାଷୀ ଓ ଲୋକଙ୍କ ମଧ୍ୟରେ ଫେଣା ମହୁର ପ୍ରସାର, ଆଦୃତ ବୃଦ୍ଧି ଓ ଆୟ ବୃଦ୍ଧି ନିମନ୍ତେ ଆହ୍ୱାନ କରିଥିଲେ। ପ୍ରକଳ୍ପର ମୁଖ୍ୟ ଗବେଷିକା ଡ. ପ୍ରଭାସିନୀ ବେହେରା ସ୍ୱାଗତ ଭାଷଣ ଦେବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଧାରଣା ଦେଇଥିଲେ। ପ୍ରକଳ୍ପର ବୈଜ୍ଞାନିକ ଡ. ଉତ୍ତମ କୁମାର ବେହେରା ଫେଣା ମହୁର ପରିଚାଳନା ବିଷୟରେ ବୈଜ୍ଞାନିକ ବକ୍ତବ୍ୟ ଦେଇଥିଲେ। ପରିଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମ ଶିବିର ପରିଚାଳନାରେ ମହୁମାଛି ବୈଷୟିକ ସହାୟକ ଯୁଧିଷ୍ଠିର ସ୍ୱାଇଁ ଓ ପୀତବାସ ଗଡ଼ଡ଼ ପ୍ରମୁଖ ସହଯୋଗ କରିଥିଲେ।

ସଚ୍ଚିଦାନନ୍ଦ ପତିଙ୍କ ପରଲୋକ

ଏରସମା,୧୪।୩(ସମିସ): ଏରସମା ବ୍ଲକ ଅଧୀନ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନଇଗୁଆଁ ଗ୍ରାମର ସଚ୍ଚିଦାନନ୍ଦ ପତି (ଶରତ ଭାଇନା)

ଙ୍କ ଅକାଳ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମ ପରାୟଣ ସହିତ ପରୋପକାରୀ ମଣିଷ ଥିଲେ। ତାଙ୍କର ଶେଷ ସମୟରେ ନିକଟରେ ଧର୍ମପତ୍ନୀ, ଝିଅ ଜ୍ୱାଇଁ, ପୁତୁରା ପୁତୁରା ବୋହୂ, ଶଳା, ଶଙ୍କୁ ଓ ଆତ୍ମୀୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

ତିନି ମାସ ଧରି ଏଟିଏମ୍ ଅଚଳ

ଜଗତସିଂହପୁର,୧୪।୩(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ କାଦୁଅପଡା ପଞ୍ଚାୟତର ମୁଖ୍ୟ ବଜାର ଡିଅସାହି ବଜାରରେ ଥିବା ଏକମାତ୍ର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍ ଦୀର୍ଘ ତିନି ମାସ ଧରି ଅଚଳ ହୋଇପଡିଛି। ଏହି ଏଟିଏମ୍ ଉପରେ ଆଖପାଖ ଅଞ୍ଚଳର ପାଖାପାଖି କୋଡିଏରୁ ଅଧିକ ଗ୍ରାମର ହଜାର ହଜାର ଲୋକ ନିର୍ଭରଶୀଳ ହେଉଥିବା ବେଳେ ଦୀର୍ଘ ଦିନ ଧରି ଏହି ଏଟିଏମ୍ ଅଚଳ ହୋଇପଡ଼ିବାରୁ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧ, ମହିଳା ଓ ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସାମ୍ନା କରୁଛନ୍ତି। ଏ ସଂକ୍ରାନ୍ତରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଆଇନଜୀବୀ ନରେଶ ଦାସଙ୍କ ସମେତ ବହୁ ସଚେତନ ନାଗରିକ ଅନୁରୋଧ କରିଛନ୍ତି।

ବିବାହିତା ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ,୧୪।୩(ସମିସ): ପାରାଦୀପ ଲକ୍‌ଥାନା ଅଧୀନ କତକୁଳା ଗ୍ରାମରେ ଜଣେ ବିବାହିତା ମହିଳା ଘରେ କେହି ନଥିବା ବେଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। କତକୁଳା ଗ୍ରାମର କ୍ଷେତ୍ରବାସୀ ସ୍ୱାଇଁଙ୍କ ବୋହୂ ପିଙ୍କି ରାଉତ (୨୮) ଆଜି ସକାଳୁ ସକାଳୁ ଘରେ ବେକରେ ରଶି ଲଗାଇଦେଇଥିଲେ। ତାଙ୍କ ସ୍ୱାମୀ ସୁରେଶ ସ୍ୱାଇଁ ଇଲେକ୍ଟ୍ରିକ ଅଫିସରେ ଡିୟୁଟି କରିବା ପାଇଁ ରାତିରେ ଯାଇଥିଲେ। ଘରେ ଏକମାତ୍ର ଝିଅ ଶୋଇଥିବା ବେଳେ ଭିତର ପଟୁ ପିଙ୍କି କବାଟ ଦେଇ ଫ୍ୟାନରେ ଝୁଲି ପଡ଼ିଥିଲେ। ପଡ଼ିଶା ଘର ଲୋକେ କବାଟ ବାଡ଼େଇବାରୁ ଝିଅ ନିଦରୁ ଉଠି କବାଟ ଖୋଲି ଦେଖିବା ବେଳେ ପିଙ୍କି ବେକରେ ରଶି ଲଗାଇଦେଇଥିଲେ। ତେବେ ଏ ସମ୍ପର୍କରେ ପଡ଼ୋଶୀ ଲୋକେ ସଙ୍ଗେ ପିଙ୍କିଙ୍କ ସ୍ୱାମୀଙ୍କୁ ଜଣାଇବା ସହିତ ଲକ୍‌ଥାନାକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁ ଜଣାପଡିବ ବୋଲି ପୁଲିସ ସୂଚନା ଦେଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଦେହ ଅସୁସ୍ଥ ଥିବା ନେଇ ମହିଳାଙ୍କ ମୃତ ହୋଇଥିବା ନେଇ ମହିଳାଙ୍କ ବାପା ଘର ପକ୍ଷରୁ ଅଭିଯୋଗ କରାଯାଇଛି।

ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

୧୩୮୧ ମାମଲା ଫଇସଲା; ୪.୧୩ କୋଟି ଟଙ୍କା ଆଦାୟ

ଜଗତସିଂହପୁର,୧୪।୩(ସମିସ)

ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଚର୍ଚ୍ଚିକା ବଜାରସ୍ଥିତ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ତଥା ସଚିବ ବିଡିଡି ଚନ୍ଦନାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜଙ୍କ ସହିତ ପରିବାର ଅଦାଲତ ଜଜ୍ ରଶ୍ମିତା ଦଲେଇ, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ସବ ଜଜ୍ ରାକେଶ କୁମାର ମୁଦୁଲି, ସବ ଜଜ୍ (ଏଲଆର) ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ମୁନସିଫ ଅନନ୍ୟା ଦାସ, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ଜେଏମ୍ଏଫସି ଅଙ୍କିତ ଦେଓାଙ୍ଗନ ପ୍ରମୁଖ ଯୋଗଦେଇ ମାମଲା

ଗୁଡିକର ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ସବଜଜ୍ ଅବକାଶ ଚୌଧୁରୀ, ଜେଏମଏଫସି ପାରସ ପାଢ଼ୀ, ରାଜେଶ ମିଶ୍ର, ସସ୍ମିତା ସେଠୀ ଓ ରୋଶ୍ନିବାଲା ସେନାପତିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର ପାଇଁ ଉଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରୋସେକ୍ୟୁଟର ତପନ କୁମାର ପାଲ ଓ ଡ. ସିଦ୍ଧାର୍ଥ ଶଙ୍କର ମହାନ୍ତି ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ସାଲିସ୍‌ଯୋଗ୍ୟ ଟ୍ରାଫିକ ଚାଲାଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିଓାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି। ଜିଲ୍ଲାରୁ ମୋଟ ୧୮୮୫ ମାମଲାରୁ ୧୩୮୧ଟି ସଫଳତାର ସହ ଫଇସଲା ହେବା ସହିତ ୪ କୋଟି ୧୩ ଲକ୍ଷ ୫ ହଜାର ୮୯୩ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ ମୋକଦ୍ଦମାରେ ୫୧୫୩ ଟି ମାମଲା ମଧ୍ୟରୁ ୧୮୪ ଟି ସଫଳତାର ସହ ଫଇସଲା ହେବା ସହିତ ୭୫ ଲକ୍ଷ ୮ ହଜାର ୩ ଟଙ୍କା ଋଣ ଆଦାୟ କରାଯାଇଛି। ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ଏରସମା ଅଦାଲତ ଏବଂ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ମକଦ୍ଦମା ଗୁଡିକର ଫଇସଲା କରାଯାଇ ଟଙ୍କା ଆଦାୟ କରାଯାଇଛି।

ମାଙ୍କଡ଼ା ପଥର ଚାଲାଣର ପେଣ୍ଠ ପାଲଟିଛି ଗଁଦିଆ

ଗଁଦିଆ,୧୪ ।୩(ସମିସ):

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ବିଭିନ୍ନ ସ୍ଥାନରୁ ଚାଲାଣ ହେଉଛି ମାଙ୍କଡ଼ା ପଥର । ସନ୍ଧ୍ୟା ହେଲେ ଶହଶହ ମାଙ୍କଡ଼ା ପଥର ଭୁବନ ବ୍ଲକ, କଙ୍କଡ଼ାହାଡ଼, ଯାଜପୁର ଜିଲ୍ଲା ସୁକିନ୍ଦା, ଦାନଗଦି, କୋରେଇ, କାଳିଆପାଣି ଖଣି ଅଞ୍ଚଳ, କଳିଙ୍ଗ ନଗର ଶିଳ୍ପାଞ୍ଚଳ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର, ଘସିପୁରା ଅଞ୍ଚଳକୁ ଚାଲାଣ ହେଉଛି । ଏତେ ମାତ୍ରାରେ ଚାଲାଣ ହେଉଛି ଯେ ଗଁଦିଆ ବ୍ଲକ ଗଁଦିଆ ଥାନା ନେଉଳପୋଇ, ଯୋରନ୍ଦା, ମଠ ତେନ୍ତୁଳିଆ, ନିହଳପ୍ରସାଦ ଥାନା ଅଞ୍ଚଳରୁ ଷଡ଼ଙ୍ଗୀ ରାସ୍ତା ପାଲଟିଛି ମରଣଯନ୍ତା । ସେହିପରି ଗଁଦିଆ ଥାନାରୁ ଭୁବନ ବାଜିରାଉତ ସେତୁଠାରୁ ସୁକିନ୍ଦା ଅଞ୍ଚଳକୁ ଲମ୍ବିଥିବା ରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ଜନଜୀବନ ନଷ୍ଟ ହେଉଛି । ନିହଳପ୍ରସାଦ ଥାନା ଅନ୍ତର୍ଗତ କପିଳାସ ଅଭୟାରଣ୍ୟ, ଷଡ଼ଙ୍ଗୀ ରେଞ୍ଜ ଅଞ୍ଚଳରୁ ଟ୍ରକରେ ମାଙ୍କଡ଼ା ପଥର ଚାଲାଣ ହେଉଥିବାବେଳେ ଗଁଦିଆ ତହସିଲଦାର, ଥାନା ଓ ନିହଳପ୍ରସାଦ ଥାନା, ଭୁବନ ଥାନା ପୁଲିସ ନିରବଦ୍ରଷ୍ଟା ପାଲଟିଛି । ମନ୍ଦାର ଗ୍ରାମ ବାଜିରାଉତ ସେତୁ ଦେଇ ଶହଶହ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଭୁବନ ଅଞ୍ଚଳକୁ ଆସୁଥିବାବେଳେ ଭୁବନ ବନବିଭାଗ କିପରି ଏହାର ଟେର୍ ପାଉନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ମାଫିଆମାନଙ୍କ ସହ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଥିବା ସହର ସାରା ଚର୍ଚ୍ଚା ହେଉଛି । ଭୁବନର ଅଁଳାଝରି ପଥର କଟାଳିଙ୍କ ରୋଜଗାର ପନ୍ଥା ପାଲଟିଥିଲା । ଗତ ସରକାରରେ ବନାଞ୍ଚଳ ଅଧିକାରୀ ଅନିତା ସେଠୀ ଏହାକୁ ବନ୍ଦ କରାଇଥିଲେ । ଏବେ ପୁଣି ଆରମ୍ଭ ହେଲାଣି । ବିଧାରପୁରଠାରୁ ଭୁବନ ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଅନାୟାସରେ ଚାଲୁଛି । ଗାଡ଼ି ଉପରେ ବସି ଶ୍ରମିକ ଯାତାୟାତ କରୁଛନ୍ତି । ବିଭିନ୍ନ ସ୍ଥାନରେ ମନ୍ଦିର ନାମରେ ଖଣ୍ଡିଏ ପଥର ପକାଉଛନ୍ତି । ଏହି ପଥର କେତେବେଳେ ରାସ୍ତାରେ ଯାଉଥିବା ବ୍ୟକ୍ତିଙ୍କ ଉପରେ ନ ପଡ଼ିବ କିଏ କହିବ । ଗାଡ଼ି ଉପରେ ବସୁଥିବା ଶ୍ରମିକଙ୍କ ଜୀବନ ବି ବିପଦରେ । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ମଠକୁ ଅର୍ଥରାଶି ପ୍ରଦାନ

ଢେଙ୍କାନାଳ,୧୪ ।୩(ସମିସ): ସ୍ଥାନୀୟ ଯାଉଁଳିପୋଖରୀ ମଞ୍ଚ ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ ଜିଲ୍ଲା ଶାଖା ପକ୍ଷରୁ ଜାନୁଆରୀ ୨୫ରେ ଆୟୋଜିତ ପାଞ୍ଚ ମହାଯଜ୍ଞ ଓ ବୌଦ୍ଧିକ କାର୍ଯ୍ୟକ୍ରମ ବାବଦରେ ସଂଗୃହୀତ ରାଶିରୁ ବଳକା ରାଶି ୧୦,୪୬୦ ଟଙ୍କାକୁ ଗୁରୁବାର ପୂର୍ବାହ୍ନରେ

ଯାଉଁଳିପୋଖରୀ ମଠ ମହନ୍ତ ମହାରାଜ ବ୍ରହ୍ମାନନ୍ଦ ଦାସଜୀଙ୍କୁ ଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଇଛି । ମହନ୍ତ ମହାରାଜ ଏପରି ସାଧୁ ଉଦ୍ୟମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସମ୍ମିଳନୀର ସଭାପତି ସୁକାନ୍ତ ମିଶ୍ର, ଶିଶୁ ମନ୍ଦିର ସଭାପତି ଇଞ୍ଜିନିୟର ବାବୁଚାନ୍ଦ ମହାଳିକ, ବ୍ୟବସ୍ଥା ପ୍ରମୁଖ ବସନ୍ତ ରଥ, ସହ ବିଭାଗ ପ୍ରମୁଖ ଇଞ୍ଜିନିୟର ହୃଦାନନ୍ଦ ଶତପଥୀ, ସମ୍ପର୍କ ପ୍ରମୁଖ ନିରାକାର ସାମନ୍ତରାୟ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ପ୍ରମୋଦ ଲେଙ୍କା, ଜିଲ୍ଲା ପ୍ରଚାରକ ଅଶୋକ ଭଞ୍ଜ, ଅବସରପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ବେହେରା, ନାରାୟଣ ସାହୁ, କାର୍ଯ୍ୟକ୍ରମ ପ୍ରମୁଖ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ବିଭାଗ ସମ୍ପର୍କ ପ୍ରମୁଖ ପ୍ରଶାନ୍ତ ମିଶ୍ର ଓ କୋଷାଧକ୍ଷ ସନ୍ତୋଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

କମ୍ପ୍ୟୁଟର ସାଇନ୍ସ ଛାତ୍ରଛାତ୍ରୀଙ୍କ ଶିକ୍ଷାନୁଷ୍ଠାନ ପରିଭ୍ରମଣ

ଢେଙ୍କାନାଳ,୧୪ ।୩(ସମିସ): ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମବିଏ ଏବଂ ଏମଏସି କମ୍ପ୍ୟୁଟର ସାଇନ୍ସ ବିଭାଗ ଛାତ୍ରଛାତ୍ରୀମାନେ ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ପରିଭ୍ରମଣରେ କୋଲକାତା ଗସ୍ତ କରିଛନ୍ତି । ମହାବିଦ୍ୟାଳୟ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ବିଭାଗର ସଂଯୋଜକ ଡ. ଦେବରାଜ ପରିଡ଼ା ଏବଂ ବିଭାଗ ମୁଖ୍ୟ ଡ. ପ୍ରଦ୍ୟୁମ୍ନ କୁମାର ଦାଶ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି । ବିଭାଗର ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ ନନ୍ଦ ଓ ଅଧ୍ୟାପିକା ରୋଜାଲିନ ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ କୋଲକାତାର କେଭେଣ୍ଡର ଆଗ୍ରୋ, ମେଟ୍ରୋ ଡାଏରି ଇତ୍ୟାଦି ଶିକ୍ଷାନୁଷ୍ଠାନ ପରିଭ୍ରମଣ କରି ଜ୍ଞାନ ଲାଭ କରିବେ । ଛାତ୍ରଛାତ୍ରୀମାନେ କୋଲକାତାର ପ୍ରମୁଖ ସ୍ଥାନ ଯେପରିକି ଭିକ୍ଟୋରିଆଙ୍କ ବିରଳା ଟେମ୍ପୁଲ, କାଳିମନ୍ଦିର ଇତ୍ୟାଦି ପରିଭ୍ରମଣ କରିବେ । ବିଭାଗର ଅଧ୍ୟାପିକା ମାନସୀ ରଥ, ସୁଶାନ୍ତ କୁମାର ପାଲ ଓ ସମସ୍ତ କର୍ମଚାରୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନ ପରିଭ୍ରମଣ କରିବା ପାଇଁ ଉତ୍ସାହିତ କରିଥିଲେ ।

ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

ହିନ୍ଦୋଳ,୧୪ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ତେଲିଭୂଇଁ ବିଷ୍ଣୁବଜାରସ୍ଥିତ ଫାଷ୍ଟ ଫୁଡ୍ ଦୋକାନ ମାଲିକ ବାପି ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି ।

- ଜୀବନରେ ମାରିବାକୁ ଉଦ୍ୟମ
- ପୁଲିସର ତଦନ୍ତ ଜାରି

ବାପି ଦୋକାନରେ ବେପାରରେ ବ୍ୟସ୍ତ ଥିବା ବେଳେ ତେଲିଭୂଇଁ ଗ୍ରାମର ପଦି ସାହୁ, ଦେବରାଜ ସାହୁ, ପରେଶ ସାହୁଙ୍କ ସମେତ ୮ ଜଣ ବ୍ୟକ୍ତି ଦୋକାନ ଭିତରେ ପଶି ସିସିଟିଭି କ୍ୟାମେରାକୁ ତଳମୁହାଁ କରି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ଦୋକାନ ସରଞ୍ଜାମ ତଙ୍କି, ପରିବା କଟା ଯନ୍ତ୍ର ସାହାଯ୍ୟରେ ମୁଣ୍ଡ ଓ ମୁହଁକୁ ଆକ୍ରମଣ କରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି । ଏପରିକି ବାପି ଜୀବନ ବିକଳରେ ଦୋକାନ ବାହାରକୁ ଦୌଡ଼ି ଆସିଥିଲେ ମଧ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ବାପି ସଂଜ୍ଞାହୀନ ଅବସ୍ଥାରେ ରାସ୍ତାରେ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ସ୍ଥାନ ଛାଡ଼ି ଚାଲିଯାଇଥିଲେ । ଗୁରୁତର ଅବସ୍ଥାରେ ବାପିଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏ ନେଇ ରାସୋଳ ଥାନାରେ ଅଭିଯୋଗେ ପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ଫେବୃଆରୀ ୧୭ ତାରିଖ ବାପି ବେହେରା ଓ ନିକଟସ୍ଥ ମୁଣ୍ଡିଆସାହିର ପଞ୍ଚୁ ବେହେରାଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା । ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ରାସୋଳ ଥାନାରେ ଅଭିଯୋଗ ହୋଇଥିଲା । ସେହିଦିନଠାରୁ ଉଭୟ ଗୋଷ୍ଠୀ ମଧ୍ୟରେ ତିକ୍ତତା ଲାଗିରହିଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଆଜି ବାପିଙ୍କୁ ଆକ୍ରମଣ କରାଯାଇଥିବା କୁହାଯାଉଛି । ଏ ନେଇ ରାସୋଳ ଥାନାଧିକାରୀ ବିଭୁ ଭୂଷଣ ମିଶ୍ରଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଘଟଣାର ତଦନ୍ତ ଚାଲିଛି । ଘଟଣାରେ ସମ୍ପୃକ୍ତ ୮ ଜଣଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି । ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ମିଶ୍ର କହିଛନ୍ତି ।

କାମାକ୍ଷାନଗରରେ ରାଷ୍ଟ୍ରୀୟ ଲୋକଅଦାଲତ

କାମାକ୍ଷାନଗର,୧୪ ।୩(ସମିସ): କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ତରଫରୁ ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ ଇତିଶ୍ରୀ ମାଳବିକା ଭୂୟାଁ ଏବଂ ସବ୍‌ଜଜ ମାମି ବେହେରା ଉପସ୍ଥିତ ରହି ବିଭିନ୍ନ ମାମଲାର ଶୁଣାଣି କରିବା ସହ ଅନେକ ମାମଲାର ସମାଧାନ କରିଥିଲେ । ଏହି ଲୋକଅଦାଲତରେ ୯ଟି ଦୁର୍ଘଟଣା ଜନିତ ମାମଲାର ସମାଧାନ କରାଯାଇ ୫୧ ଲକ୍ଷ ୧୦ହଜାର ଟଙ୍କାର ସେବାରାଶି ପ୍ରଦାନ କରାଯାଇଥିଲା । ଗୋଟିଏ ଅର୍ଥଜନିତ ଓ ଦୁଇଟି ବିଭାଜନ ମାମଲାର ସମାଧାନ କରାଯାଇଥିଲା । ଏସଡିଜେଏମ ନିଲୋଫର ଉପସ୍ଥିତ ରହି ୬ଟି ମାମଲାର ସମାଧାନ କରିଥିଲେ । କାର୍ଯ୍ୟକ୍ରମରେ କାମାକ୍ଷାନଗର କୋର୍ଟର ବହୁ ଓକିଲ, କର୍ମଚାରୀ ଉପସ୍ଥିତ ଥିଲେ । ତାଲୁକ ଆଇନ ସେବା କମିଟି ସଦସ୍ୟମାନେ ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ ।

ଅନୁମତି ନ ଥାଇ ସରକାରୀ ଜାଗାରୁ ମୋରମ ଚାଲାଣ

ପରଜଙ୍ଗ,୧୪ ।୩(ସମିସ): ପରଜଙ୍ଗ ତହସିଲ ଅଧିନ ଭାଲିଆ ତଇଲା ମୌଜାରୁ ଶନିବାର ଦିବାଲୋକରେ ବେଆଇନ ଭାବେ

ସହ ସହ ଟ୍ରିପ ଚୋରା ମୋରମ ଚାଲାଣ ହେଉଥିଲେ ବି ଅଭିଯୋଗ ପରେ ମଧ ନିରବଦ୍ରଷ୍ଟା ସାଜିଛନ୍ତି ଖଣି ବିଭାଗ ଏବଂ ତହସିଲ ପ୍ରଶାସନ । ଅଭିଯୋଗ ମୁତାବକ ପିକେଡି କନଷ୍ଟ୍ରକ୍ସନ୍ ଲିମିଟେଡ ସଂସ୍ଥା ପକ୍ଷରୁ ଭାଲୁମୁଣ୍ଡାଠାରୁ ସରଙ୍ଗ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ଜାରି ରହିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଟି ଜେସିବି ମେସିନ୍ ସହ ୧୦ରୁ ଉର୍ଦ୍ଧ୍ୱ ହାଇୱା ଗାଡ଼ିରେ ଶହ ଶହ ଟ୍ରିପ ଚୋରା ମରମ ଚାଲାଣ ହେଉଛି । ମୋରମ ପାଇଁ ଖଣି ବିଭାଗ ପକ୍ଷରୁ ଅନୁମତି ପ୍ରଦାନ ଦରକାର ପଡୁଥିଲେ ସୁଦ୍ଧା କୌଣସି ଅନୁମତି ନିଆଯାଇନହିଁ । ଏପଟେ ସରକାରୀ ଜାଗା ହୋଇଥିବାବେଳେ କମ୍ପାନୀ ପକ୍ଷରୁ ସରକାରଙ୍କ ସର୍ତ୍ତାବଳୀଗୁଡ଼ିକ ଅନୁପାଳନ ନ କରି ମୋରମ ଖନନ କରି ପରିବହନ ହେଉଛି । ଫଳରେ ରାଜସ୍ୱ ହାନି ହେଉଛି । ଏ ବିଷୟରେ ପିକେଡି କନଷ୍ଟ୍ରକ୍ସନ୍ ଲିମିଟେଡର ସାଇଟ୍ ଇନିଚାର୍ଜ୍ ଦିଲୀପ ପ୍ରଧାନ କୁହନ୍ତି, ଆମେ ମୋରମ ପାଇଁ କୌଣସି ଅନୁମତି ଆଣିନାହୁଁ । ତହସିଲଦାରଙ୍କ ସହ କଥାହୋଇ ମୋରମ ଉଠାଉଛୁ । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ତହସିଲଦାର ସୁଦେବ କୁମାର ପୃଷ୍ଟିଙ୍କ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇନାହିଁ । ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ଖଣି ବିଭାଗକୁ ଜଣାଇବାକୁ କହିଥିଲେ । ମାତ୍ର ମୋରମ ଉଠାଇବା ବିଷୟରେ ତହସିଲକୁ କେହି ଜଣାଇ ନ ଥିବା ସେ କହିଥିଲେ । ଏଥିପ୍ରତି ଜିଲ୍ଲାପାଳ ଏବଂ ଜିଲ୍ଲା ଖଣିଜ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ପ୍ରଶାସନ ନିରବଦ୍ରଷ୍ଟା

ମିଳୁନି ଜାଳେଣି ଗ୍ୟାସ୍; ସ୍ଥିତି ପରଖିଲେ ବିଡିଓ

ଭୁବନ,୧୪ ।୩(ସମିସ): ବଜାରରେ ଦରବୃଦ୍ଧି ସାଙ୍ଗକୁ ଜାଳେଣି ଗ୍ୟାସ ସଙ୍କଟ ଦେଖାଦେଇଛି । ଏହାର ସୁଯୋଗରେ ଅସାଧୁ ବ୍ୟବସାୟୀ ଚୋରାରେ ଅଧିକ ଦାମରେ ଗ୍ୟାସ ବିକ୍ରି କରୁଛନ୍ତି । ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଫଳରେ ଗ୍ୟାସ ଦର ବଢ଼ିଛି । ଆଗକୁ ଗ୍ୟାସର ଅଭାବ ସମସ୍ୟା ଆହୁରି ଉତ୍କଟ ହୋଇପାରେ ବୋଲି ସାଧାରଣରେ ଆଶଙ୍କା ଦେଖାଦେଇଛି । ଏନେଇ ଭୟରେ ଲୋକମାନଙ୍କ ମଧ୍ୟରେ ଯଥା ସମ୍ଭବ ଆଗୁଆ ଗ୍ୟାସ ମହଜୁଦ ରଖିବାକୁ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ କିଛନ୍ତି । ଫଳରେ ବଜାରରେ ରନ୍ଧନ ଗ୍ୟାସ କଳାବଜାରୀ ମଧ ଆରମ୍ଭ ହୋଇଛି । ଭୁବନ ଅଞ୍ଚଳର ଜିରାଳ, ମଠକରଗୋଳା, ସୁରପ୍ରତାପପୁର ଓ ଭୁବନ ଏନଏସିରେ ଗ୍ୟାସ ବିତରଣର ୪ଟି କେନ୍ଦ୍ର ରହିଛି । ଜିରାଳ କେନ୍ଦ୍ରର ଯୋଗାଣ ସାମୟିକ ବନ୍ଦ ରହିଛି । ତିନିଟି କେନ୍ଦ୍ରକୁ ବିଡିଓ ଆୟୁଷୀ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଯୋଗାଣ ନିରୀକ୍ଷକ ଉତ୍କଳମଣି ମହାପାତ୍ର ଯାଇ ସ୍ଥିତି ନିରୀକ୍ଷଣ କରିଛନ୍ତି । ଆବଶ୍ୟକ ଅନୁଯାୟୀ ଗ୍ୟାସ ମହଜୁଦ ଥିବା କହିଛନ୍ତି ବିଡିଓ ମହାପାତ୍ର ।

ହାଟ ସମସ୍ୟା ନେଇ ଜନତା-ପୁଲିସ ବୈଠକ

ଖଜୁରିଆକଟା,୧୪ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସିର ବହୁ ପୁରାତନ ହାଟ ସମସ୍ୟାରେ ସୁଧାର ଆଣିବା ପାଇଁ ଅତିରିକ୍ତ ଏସପିଙ୍କ ଉଦ୍ୟମରେ ପୁଲିସ-ଜନତା ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଛି । ହିନ୍ଦୋଳ ଏନଏସି ୱାର୍ଡନଂ-୮ ଗୁଣ୍ଡିଚାମଣ୍ଡପ ହାଟପଡ଼ିଆରେ ବହୁବର୍ଷ ଧରି ସପ୍ତାହରେ ଦୁଇଦିନ (ବୁଧବାର, ଶନିବାର) ଦେବତ୍ତର ବିଭାଗ ପକ୍ଷରୁ ଚାଲି ଆସୁଥିବା ଏହି ହାଟରେ ବିଭିନ୍ନ ସୁଧାର ଆଣିବାକୁ ଜନସାଧାରଣ ଦାବି କରି ଆସୁଥିଲେ ହେଁ ସମାଧାନ ହୋଇପାରୁ ନ ଥିଲା । ଶନିବାର ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ଓ ଥାନା ଅଧିକାରିଣୀ ମମତା ସାମନ୍ତରାୟ ଗୁଣ୍ଡିଚାମନ୍ଦିର ପରିସରରେ ଲୋକଙ୍କ ସହ ବୈଠକ କରି ସମାଧାନ ରାସ୍ତା ବାହାର କରାଯାଇଥିଲା । ରାସ୍ତା ଉପରେ ବସୁଥିବା ହାଟକୁ ଟ୍ରାଫିକ ସମସ୍ୟା ଦୂରପାଇଁ ଭିତରକୁ ଘୁଞ୍ଚାଯିବା, ହାଟ ମଧ୍ୟରେ ଯାନବାହାନ ହଟାଯିବା, ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ପୁଲିସ ମୁତୟନ, ଆଗକୁ ଭେଣ୍ଡିଂ ଜୋନ, ଡେଲିମାର୍କେଟ ସ୍ଥାପନ ସହ ଏକ କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଛି । ଜନତାଙ୍କ ସହଯୋଗରେ ହାଟର ଉନ୍ନତୀକରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିରେ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ଏସଆଇ ଖଗେଶ୍ୱର ସେଠୀ, ଏଏସଆଇ ଯଶୋବନ୍ତ ପ୍ରଧାନ, ବରିଷ୍ଠ ନାଗରିକ ଶ୍ରୀକାନ୍ତ ବେହେରା, ଶତ୍ରୁଘନ ନନ୍ଦ, ଦଣ୍ଡଧର ବେହେରା, ଭୋଇ ସାମନ୍ତ, ପ୍ରହ୍ଲାଦ ମହାରଣା, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଶ୍ୟାମଘନ ବେହେରା, ପ୍ରତାପ ଦାସଙ୍କ ସହ ସନ୍ତୋଷ ମହାପାତ୍ର, ମନୋରଞ୍ଜନ ସାହୁ ଓ ବହୁ ବ୍ୟବସାୟୀ ଯୋଗଦେଇଥିଲେ ।

ଓଷ୍ଟାର ମହିଳା ଶିକ୍ଷକ ସମ୍ମିଳନୀ

ଢେଙ୍କାନାଳ,୧୪ ।୩(ସମିସ): ସ୍ଥାନୀୟ ଓଷ୍ଟା ଶିକ୍ଷକ ଭବନ ପରିସରରେ ଜିଲ୍ଲା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ମହିଳା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା ସଂଘ କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ସଂଘ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ଉପସଭାପତି ରାଜଲକ୍ଷ୍ମୀ ବେହେରା ଓ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ମହିଳା ଶିକ୍ଷକ ଏବଂ କର୍ମଚାରୀଙ୍କ ସଶକ୍ତୀକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସମ୍ପାଦକ ଶଶୀକାନ୍ତ ଦାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପୂର୍ବ ସଭାପତି ଓ ସମ୍ପାଦକ ସନ୍ତୋଷ କୁମାର ପାଣିଗ୍ରାହୀ ଏବଂ ବିଭୂତି ସାମଲ, ଉପଦେଷ୍ଟା ସରୋଜକାନ୍ତ ଦାଶ ଏବଂ ପ୍ରଶାନ୍ତ କୁମାର ଧଳ ମହିଳା ସଂଗଠନକୁ ମଜଭୁତ କରିବା ନିମନ୍ତେ ପ୍ରେରଣା ଦେଇଥିଲେ । ଏହି ଅବସରରେ ଏକ ମହିଳା ସାମ୍ମୁଖ୍ୟ ଗଠନ କରାଯାଇଥିଲା । ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ସାମ୍ମୁଖ୍ୟର ମୁଖ୍ୟ ଭାବେ କାମ କରିବେ ବୋଲି ଧାର୍ଯ୍ୟ ହୋଇଛି । ଜିଲ୍ଲା ଉପସଭାପତି ଶୁଭସ୍ମିତା ବେଉରା ସଂଯୋଜନା କରିଥିଲେ । କାମାକ୍ଷାନଗର ସମ୍ପାଦକ ଗଜେନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

■ ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟ ତ୍ୱରାନ୍ୱିତ

ମଧ୍ୟସ୍ଥଳ ସାତମାଇଲ ନିକଟରେ ପ୍ରତିଷ୍ଠା ନେଇ ଆଶା ସଞ୍ଚାର

ହିନ୍ଦୋଳ,୧୪ ।୩(ସମିସ): ବହୁ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି । ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ହିନ୍ଦୋଳର ମଧ୍ୟସ୍ଥଳରେ ଉକ୍ତ ବିଦ୍ୟାଳୟ ସ୍ଥାପନ କରାଯିବାକୁ ବହୁ ସରପଞ୍ଚ ସମିତି ସଭ୍ୟ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ କର୍ମୀ ଦାବୀ କରିଆସୁଥିବା ସହ ଏନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପର୍ଯ୍ୟନ୍ତ ଲିଖିତଭାବେ ଜଣାଇବାରେ ଏହି ଦାବି ପୂରଣ ହେବାର ଆଭାସ ମିଳିଛି । ଅସ୍ଥାୟୀ କ୍ୟାମ୍ପସ ପାଇଁ ସର୍ଭେ କାର୍ଯ୍ୟ ଆପାତତଃ ସରିଥିବା ବେଳେ ସମସ୍ତ ଦିଗକୁ ପ୍ରଶାସନ ପକ୍ଷରୁ ବିଚାରକୁ ନେଇ ଏହା ଜନତା ମହାବିଦ୍ୟାଳୟରେ ଆରମ୍ଭ ହେବାର ସୂଚନା ମିଳୁଛି ।

ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଲହରୀ

କିଛିଦିନ ପୂର୍ବରୁ ଢେଙ୍କାନାଳ ଜିଲ୍ଲାପାଳ, ହିନ୍ଦୋଳ ଉପଜିଲ୍ଲାପାଳ, ବିଡିଓ, ତହସିଦାର ସମେତ ଗୋଟିଏ ଟିମ ସାତମାଇଲସ୍ଥିତ ଜନତା କଲେଜ ବୁଲି ପ୍ରାରମ୍ଭିକ ଭାବେ ବିଦ୍ୟାଳୟ ହେବା ପାଇଁ ସ୍ଥିର କରିଥିବାବେଳେ ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ସରକାରୀ ଜାଗା ବୁଲି ଦେଖିଥିଲେ । ଏନେଇ ଅଞ୍ଚଳବାସୀଙ୍କ ଖୁସିର ଲହରି ଖେଳିଯାଇଛି । ସାତମାଇଲ ହିନ୍ଦୋଳ ଉପଖଣ୍ଡର ମଧ୍ୟସ୍ଥଳରେ ଅବସ୍ଥିତ ହୋଇଥିବା ବେଳେ ଏଠାକୁ ପର୍ଯ୍ୟାପ୍ତ ଗମନାଗମନ ସୁବିଧା ମଧ ରହିଛି । ନିକଟରେ, ସରକାରୀ ଡାକ୍ତରଖାନା, ପୁଲିସ ଫାଣ୍ଡି, ଦମକଳ କେନ୍ଦ୍ର ମଧ ଥିବା ବେଳେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ସବୁ ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏହି ସ୍ଥାନ ସୁବିଧା ହେବ । ଏହାକୁ ବିଭିନ୍ନ ମହାଲରୁ ସ୍ୱାଗତ କରାଯାଇଛି ।

ହାତୀ ସୁରକ୍ଷା ଓ ବନାଗ୍ନି ନିବାରଣ ସଚେତନତା

ପଣ୍ଡୁଆ,୧୪ ।୩(ସମିସ): କାମାକ୍ଷାନଗର ଉପଖଣ୍ଡ ପଶ୍ଚିମ ବନାଞ୍ଚଳ ଅଁଳାବେରେଣି ଫରେଷ୍ଟ ସେକ୍ସନ ଅଧୀନ



ଅଁଳାବେରେଣି ଓ ଆଲୁଅଝରଣ ବନସୁରକ୍ଷା ସମିତିରେ ହାତୀ ସୁରକ୍ଷା ଓ ବନାଗ୍ନି ନିବାରଣ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଙ୍ଗୀତ ବାହିନୀ କଲଚରାଲ ଟିମ ପକ୍ଷରୁ ଗୀତ ଓ ମଞ୍ଚ ନାଟକ ମାଧ୍ୟମରେ ସଚେତନ କରାଯାଉଥିଲା । ଅଁଳାବେରେଣି ଫରେଷ୍ଟ ରେଞ୍ଜ ଅଧିକାରୀ ରମେଶ ଚନ୍ଦ୍ର ପାଣି, ଫରେଷ୍ଟ ଗାର୍ଡ ମାନସ୍ମିତା ବରାଳ, ଶୁଭ୍ରଜ୍ୟୋତି ବେହେରା, ରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ ।

ଜିଲ୍ଲା ବନ୍ଧୁକଧାରୀ କଲ୍ୟାଣ ସଂଘର ବୈଠକ

ଢେଙ୍କାନାଳ,୧୪ ।୩(ସମିସ): ଜିଲ୍ଲା ବନ୍ଧୁକଧାରୀ କଲ୍ୟାଣ ସଙ୍ଘର ସାଧାରଣ ସଭା ଯାଉଁଳୀପୋଖରୀ ପାରାୟଣ ମଣ୍ଡପରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ବରଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଭାପତି କମଳ କୁମାର ମିଶ୍ର ଓଡ଼ିଶା ରାଜ୍ୟ ମହାସଂଘ ସଭାପତି ଚୟନହୋଇ ଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସଂଘରେ ନୂତନ ଭାବେ ଯୋଗ ଦେଇଥିବା ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲେ । ଜିଲ୍ଲା ଓ ଜିଲ୍ଲା ବାହାରେ କାର୍ଯ୍ୟ କରୁଥିବା ବନ୍ଧୁକଧାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ସମାଧାନ ପାଇଁ ପ୍ରଶାସନକୁ ଅନୁରୋଧ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି ।

ଲବଣ ସତ୍ୟାଗ୍ରହର ପୃଷ୍ଠଭୂମି ଶୀର୍ଷକ ଆଲୋଚନା

ଢେଙ୍କାନାଳ,୧୪ ।୩(ସମିସ):

ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ଓ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଲବଣ ସତ୍ୟାଗ୍ରହର ୯୬ତମ ବାର୍ଷିକୀ ଅବସରରେ ଏହାର ଐତିହାସିକ ପୃଷ୍ଠଭୂମି ଓ ସାମ୍ପ୍ରତିକ ପରିସ୍ଥିତି ତଥା ଭବିଷ୍ୟତରେ ଏହାର ମହତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ବୁଦ୍ଧିଜୀବୀ ସଂଗଠନ ସଭାପତି ପ୍ରଫେସର ଡ. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ରପ୍ରକାଶ ଶରଣ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସମ୍ପାଦକ ସରୋଜ ଶତପଥୀ, ଜିଲ୍ଲା କୃଷକ ସଂଗଠନ ସଭାପତି ବିନୟ କୁମାର ସାହୁ, ବାମପନ୍ଥୀ ନେତା ସର୍ବଜ୍ଞ ସାହୁ, ଯୋଗଗୁରୁ ଅଜେନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଲବଣ ସତ୍ୟାଗ୍ରହ ବ୍ରିଟିଶ ଶାସନ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସ୍ୱାଧୀନତା ସଂଗ୍ରାମର ଏକ ଅଂଶବିଶେଷ । ଏହା ଅସହଯୋଗ ଆନ୍ଦୋଳନର ସୂତ୍ରପାତ କରିଥିଲା । ଲବଣ ଆଇନକୁ ବିରୋଧ କରି ଗାନ୍ଧୀ ୭୮ ଜଣ ଅନୁଗାମୀଙ୍କୁ ସଙ୍ଗରେ ନେଇ ୧୯୩୦ ମାର୍ଚ୍ଚ ୧୨ରେ ସାବରମତୀ ଆଶ୍ରମରୁ ୩୯୦ କିମି ପଦଯାତ୍ରାରେ ଯାଇ ଏପ୍ରିଲ ୩୦ ତାରିଖ ଦାଣ୍ଡିଠାରେ ସମୁଦ୍ର କୂଳରେ ପହଞ୍ଚି ଲୁଣ ସଂଗ୍ରହ କରିଥିଲେ । ଗାନ୍ଧିଜୀଙ୍କ ଶାନ୍ତିପୂର୍ଣ୍ଣ ଏବଂ ଅହିଂସା ମାର୍ଗରେ ପରିଚାଳିତ ଏହି ଅଭୂତପୂର୍ବ ପ୍ରତିବାଦର ଶୈଳୀକୁ ମିଳିତ ଜାତିସଂଘ ତରଫରୁ ସ୍ମରଣ କରାଯାଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇ ଏହା ମାନବ ସମାଜକୁ ସ୍ୱାଧୀନତା, ସମ୍ମାନ, ମାନବ ଅଧିକାର ହାସଲ ନିମନ୍ତେ ଅହିଂସା ମାର୍ଗରେ ପରିଚାଳିତ ହେବା ନିମନ୍ତେ ଏକ ଯୁଗାନ୍ତକାରୀ ସନ୍ଦେଶ ଭାବେ ଦର୍ଶାଯାଇଛି ବୋଲି ଡା. ତୁଷାରକାନ୍ତି ନାୟକ କହିଥିଲେ । ଅତିଥିମାନେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ବିଭୀଷିକାକୁ ନେଇ ଉଦବେଗ ପ୍ରକାଶ କରିବା ସହ ମିଳିତ ଜାତିସଂଘ ମଧ୍ୟସ୍ଥତାରେ ତୁରନ୍ତ ଶାନ୍ତି ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ଦାବି କରିଥିଲେ । ଅଜେନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ସିପିଆଇ(ଏମ୍) କାର୍ଯ୍ୟାଳୟରେ ଦଣ୍ଡେଶ୍ୱର

ଦିଲ୍ଲୀପ ଭୋଟ୍ ପାଇଁ ଫୋନ୍ କରିଥିଲେ, ମନା କଲି: ଲକ୍ଷ୍ମଣ ମୁଣ୍ଡା

ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭାର ଚତୁର୍ଥ ଆସନ ପାଇଁ ମିଳିତ ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତା ଶନିବାର ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ସିପିଆଇ(ଏମ୍) ରାଜ୍ୟ ଅଫିସରେ ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ରାଜ୍ୟସଭା ନିର୍ବାଚନ ସମ୍ବନ୍ଧୀୟ ଆଲୋଚନା ସହ ପାର୍ଟିର ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ପାର୍ଟି କେନ୍ଦ୍ରୀୟ ସମ୍ପାଦକମଣ୍ଡଳୀ ସଦସ୍ୟା କମ୍ରେଡ୍ ଡାକ୍ତର କେ. ହେମଲତା ଓ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଲୋକତନ୍ତ୍ରର ସୁରକ୍ଷା, ସାମ୍ବିଧାନିକ ମୂଲ୍ୟବୋଧ, ଧର୍ମନିରପେକ୍ଷତା ଏବଂ ସଂସଦୀୟ ଗଣତନ୍ତ୍ରର ବିଧି ବ୍ୟବସ୍ଥାକୁ ରକ୍ଷା କରିବା ପାଇଁ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଆସନ୍ତା ରାଜ୍ୟସଭା ନିର୍ବାଚନରେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପକ୍ଷରେ ମତଦାନ କରିବେ ବୋଲି ପୂର୍ବରୁ ପାର୍ଟି ଘୋଷଣା କରିଛି।

ଏହି ଅବସରରେ ଆବଶ୍ୟକ ବିଧାୟକ ସଂଖ୍ୟା ନଥିବା ସତ୍ତ୍ୱେ ବିଜେପି ପ୍ରାୟୋଜିତ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଞ୍ଚକୁ ଆଣିବାକୁ ଦଳ ସମାଲୋଚନା କରିଛି। ପାର୍ଟି ପକ୍ଷରୁ କୁହାଯାଇଛି, ଏହି ଗଣତାନ୍ତ୍ରିକ ବ୍ୟବସ୍ଥାକୁ କଳୁଷିତ କରୁଛି। ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ଅତୁଟ ରଖିବା ପାଇଁ ସମସ୍ତ ଧର୍ମନିରପେକ୍ଷ ଦଳର ବିଧାୟକମାନେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପକ୍ଷରେ ମତଦାନ କରିବାକୁ ସିପିଆଇ(ଏମ୍) ଆହ୍ୱାନ ଦେଇଛି।

ଅନ୍ୟପଟେ ରାଜ୍ୟସଭା ନିର୍ବାଚନ ପାଇଁ ମକ୍ ପୋଲିଂରେ ସାମିଲ ହେବା ଅବସରରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା କହିଛନ୍ତି, ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମୋତ ଫୋନ୍ କରିଥିଲେ। ମୁଁ ସିଧାସିଧା ମନା କରିଛି। ଆମର ପାର୍ଟି ଯାହା ନିଷ୍ପତ୍ତି ନେଇଛି, ତାଙ୍କୁ ଭୋଟ୍ ଦେବି। ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ମିଳିତ ପ୍ରାର୍ଥୀ କରାଯାଇଛି। ଆମ ଦଳ ତାଙ୍କୁ ସମର୍ଥନ ଦେଇଛି। ସେଥିପାଇଁ ତାଙ୍କୁ ଭୋଟ୍ ଦେବି ବୋଲି ସେ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ପାର୍ଟିର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ କୁମାର ଦାସ, ପ୍ରମୋଦ କୁମାର ସାମଲ, ପୁଷ୍ପା ଦାସ, ବଦ୍ରି ନାରାୟଣ ଦାସ ଓ ଜମେଶ୍ୱର ସାମନ୍ତରାୟ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

୧୯ ଦିନ ଜେଲରେ ରହିଲେ; ଦୋଷ କ'ଣ ଜାଣିଲେନି

ଭୁବନ, ୧୪।୩ (ସମିସ): ଢେଙ୍କାନାଳ ଜିଲ୍ଲାରେ ନ୍ୟାୟ ବ୍ୟବସ୍ଥାକୁ ନେଇ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ୧୯ ଦିନ ଜେଲ୍‌ରେ ରହିବା ପରେ ମଧ୍ୟ ତାଙ୍କ ଦୋଷ କ'ଣ ତାହା ଜାଣିପାରିଲେନି ବୋଲି ଅଭିଯୋଗ କରିଛନ୍ତି। ସେ ଏବେ ନ୍ୟାୟ ପାଇଁ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତ ହେଉଥିବା ବେଳେ ମାନବାଧିକାର ପ୍ରତିରକ୍ଷା କାଉନସିଲ

ସଦସ୍ୟ ଭଜମନ ବିଶ୍ୱାଳ ଏକ ମାମଲା ଦାୟର କରିଛନ୍ତି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଭୂଷଳ ପଞ୍ଚାୟତ ସାଇରାମପୁର ଗ୍ରାମରେ ଏଭଳି ଘଟଣା ଆଲୋଚନାର ବିଷୟ ହୋଇଛି।

ଗ୍ରାମର ସ୍ୱର୍ଗତ ବିଶ୍ୱନାଥ ମଲ୍ଲିକଙ୍କ ଝିଅ ସୁମିତ୍ରା ବେହେରା କଟକ ଜିଲ୍ଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ବିବାହ କରିଥିଲେ। ପାରିବାରିକ ସମସ୍ୟା କାରଣରୁ ସେ ଗତ ୩ ବର୍ଷ ଧରି ନିଜ ୧୪ ବର୍ଷର ପୁଅକୁ ନେଇ ବାପଘରେ ରହୁଥିଲେ। ୨୦୨୬ ଜାନୁଆରୀ ୧୯ରେ ଭୁବନ ଥାନା ପୁଲିସ ସୁମିତ୍ରାଙ୍କ ନାମରେ ଆରେଷ୍ଟ ୱାରେଣ୍ଟ ଥିବା କହି ତାଙ୍କୁ ଥାନାକୁ ନେଇଥିଲା। ଦିନସାରା ଥାନାରେ ବସାଇ ରଖିବା ପରେ କୌଣସି ସ୍ପଷ୍ଟ କାରଣ ନଦର୍ଶାଇ ତାଙ୍କୁ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ତଥା ଭୁବନ ତହସିଲଦାରଙ୍କ ନିକଟରେ ହାଜର କରାଯାଇଥିଲା। ସେଠାରେ ମାମଲା ଖାରଜ ହୋଇଥିଲେ ମଧ୍ୟ ସନ୍ଧ୍ୟାରେ ତାଙ୍କୁ କାମାକ୍ଷାନଗର କୋର୍ଟ ଚାଲାଣ କରାଯାଇଥିଲା। ପରେ କାମାକ୍ଷାନଗର ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ସେ ୧୯ ଦିନ ଜେଲରେ ରହିବା ପରେ ଜାମିନ ପାଇଥିଲେ। ତଥାପି ସେ ନିଜ ବିରୋଧରେ ଥିବା ଅଭିଯୋଗ କିମ୍ବା ୱାରେଣ୍ଟର କାରଣ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ପାଇ ନ ଥିବା କହିଛନ୍ତି।

ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହେବେ ମହିଳା

ପରେ ଓକିଲଙ୍କ ପରାମର୍ଶ ଅନୁସାରେ ଦୌରାଜଜ୍ କୋର୍ଟରେ ସେ ଭୁବନେଶ୍ୱରରେ ହାଜର ହୋଇଥିଲେ। ସେଠାରେ ମଧ୍ୟ କୋର୍ଟ ତାଙ୍କ ବିରୋଧରେ କୌଣସି ଅଭିଯୋଗ ସଂକ୍ରାନ୍ତ ତଥ୍ୟ ନ ଥିବା କହି ତାଙ୍କୁ ଯିବାକୁ କହିଥିବା ସୁମିତ୍ରା ଦାବି କରିଛନ୍ତି। କୌଣସି ସ୍ପଷ୍ଟ କାରଣ ନ ଥାଇ ୧୯ ଦିନ ଜେଲ୍‌ରେ ରଖାଯିବାକୁ ନେଇ ସୁମିତ୍ରା ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ନେବା ସହ ନ୍ୟାୟ ପାଇଁ ସେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଥାନା ଆଇଆଇସିଙ୍କୁ ପଚାରିବାରେ ୱାରେଣ୍ଟ ଥିବାରୁ ଗିରଫ କରାଯାଇଥିଲା ବୋଲି କହିଛନ୍ତି। ତେବେ କେଉଁ ଘଟଣାରେ ୱାରେଣ୍ଟ ଥିଲା, ତାହା ସ୍ପଷ୍ଟ କରିପାରିନାହାନ୍ତି।

ଷଷ୍ଠ ଛାତ୍ରୀଙ୍କୁ ଅସଦାଚରଣ

ମଦ୍ୟପ ଶିକ୍ଷକଙ୍କୁ ନିର୍ଘୁମ୍ ଛେଚିଲେ ଗ୍ରାମବାସୀ

କଟକ/କଣ୍ଟାପଡ଼ା, ୧୪।୩ (ସମିସ): ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରାଡ ପଞ୍ଚାୟତସ୍ଥିତ ମଣିକୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଗୋଟିଏ ରୁମକୁ ଏକାକୀ ଡାକି ସେହି ସ୍କୁଲର ଶିକ୍ଷକ ଜ୍ୟୋତିରଞ୍ଜନ ଭୋଇ ଅସଦାଚରଣ କରିଥିଲେ। ଏହି କଥା କାହାକୁ ଜଣାଇଲେ ଜୀବନରୁ ମାରିବାକୁ ଧମକ ଦେଇଥିଲେ। ତେବେ ଛାତ୍ରୀଙ୍କ ଚୁପ୍ ନ ରହି ଜୋରରେ ଚିତ୍କାର କରିବାରୁ ସ୍କୁଲର ଅନ୍ୟ ଛାତ୍ରଛାତ୍ରୀ ଉକ୍ତ ରୁମ୍ ପାଖରେ ପହଞ୍ଚି ଯାଇଥିଲେ। ଘଟଣା ସମ୍ପର୍କରେ ସେମାନେ ଗ୍ରାମବାସୀଙ୍କୁ ଜଣାଇବା ପରେ ସ୍କୁଲ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ଉତ୍ତ୍ୟକ୍ତ ହୋଇ ମଦ୍ୟପ ଶିକ୍ଷକଙ୍କୁ ଏକ ଚେୟାର୍‌ରେ ବାନ୍ଧି ମାଡ଼ ମାରିଥିଲେ। ଅନ୍ୟ

■ ସ୍ଥାନୀୟ ଲୋକଙ୍କ ଦ୍ୱାରା ପୀଡ଼ିତା ଉଦ୍ଧାର
■ ଘଟଣାସ୍ଥଳରୁ ଅଭିଯୁକ୍ତକୁ ଉଠାଇ ନେଲା ପୁଲିସ

ମାରିବାକୁ ଧମକ ଦେଇଥିଲେ। ତେବେ ଛାତ୍ରୀଙ୍କ ଚିତ୍କାର ଶୁଣି ସ୍କୁଲର କିଛି ଛାତ୍ରଛାତ୍ରୀ ଗ୍ରାମବାସୀଙ୍କୁ ଡାକିଥିଲେ। ଏହାପରେ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିର୍ଘାତ ମାଡ଼ ମାରି ଚେୟାର୍‌ରେ ବାନ୍ଧି ପକାଇଥିଲେ। ପୁଲିସକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ କାବୁ କରି ଥାନାକୁ ନେଇଥିଲା। ଶିକ୍ଷକ ଜ୍ୟୋତି ପ୍ରଚୁର ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ତା'ର ବୟାନ୍ ରେକର୍ଡ କରାଯାଇଛି।

ପୀଡ଼ିତା ଛାତ୍ରୀଙ୍କ ବାପା ଏନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ସେହି ସ୍କୁଲର ଶିକ୍ଷକ ଶ୍ରୀ ଭୋଇ ପୀଡ଼ିତା ଛାତ୍ରୀଙ୍କୁ ଗୋଟିଏ ରୁମକୁ ଡାକି ଅସଦାଚରଣ କରିଥିଲେ। ଛାତ୍ରୀଜଣଙ୍କ ଚିତ୍କାର କରି ଘରେ କହିଦେବି ବୋଲି କହିବାରୁ, ତାଙ୍କୁ ଶିକ୍ଷକ ଜଣଙ୍କ ମାରିଦେବାର ଧମକ ଦେଇଥିଲେ। ଛାତ୍ରୀଜଣଙ୍କ ଶିକ୍ଷକ ପୁଲିସକୁ ଘଟଣା ସମ୍ପର୍କରେ ଜଣାଇବା ପରେ ପୁଲିସ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ କାବୁ କରି ଥାନାକୁ ନେଇଥିଲା। ତେବେ ଶିକ୍ଷକଜଣଙ୍କ ପ୍ରତ୍ୟେକ ଦିନ ମଦ ପିଇ ସ୍କୁଲ ଆସୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

ପୂର୍ବରୁ ସ୍କୁଲରେ ଅନେକ ଛାତ୍ରୀଙ୍କୁ ସେ ଅଶ୍ଳୀଳ ଇଙ୍ଗିତ କରିବା ସହିତ ବିଭିନ୍ନ ପ୍ରକାର ଅପରାଧମୂଳକ କାଣ୍ଡ କରୁଥିବା ଅଭିଯୋଗ ଉଠିଛି। ମଦ୍ୟପାନ କରି ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରୁଥିଲେ। କେହି ତାଙ୍କ ବିରୋଧରେ ମୁହଁ ଖୋଲୁ ନଥିଲେ। ଆଜି ଏହି ଘଟଣା ସାମ୍ନାକୁ ଆସିବା ପରେ ଅଭିଯୁକ୍ତ ଶିକ୍ଷକଙ୍କ କଳା କାରନାମା ପଦାରେ ପଡ଼ିଛି। ପୁଲିସ ତଦନ୍ତ ଜାରି ରହିଛି। ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଘଟଣାସ୍ଥଳରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ବୟାନ୍ ରେକର୍ଡ କରାଯିବ ବୋଲି ପୁଲିସ କହିଛି।

ନାବାଳିକା ଅସଦାଚରଣରୁ ପୁଲିସକୁ ମାଡ଼ ଘଟଣା

୫୯ ଜଣଙ୍କ ନାଁରେ ମାମଲା; ୩୪ ଗିରଫ

ରାଇରଙ୍ଗପୁର, ୧୪।୩ (ସମିସ): ଜଣେ ନାବାଳିକାକୁ ଅସଦାଚରଣ ଘଟଣାକୁ ନେଇ ପୁଲିସକୁ ଗୋଡ଼ାଇ ଆକ୍ରମଣ ଓ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ବହଳଦା ଥାନା ପୁଲିସ ଆଜି ୩୪ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଥିମଧ୍ୟରେ ୨୮ ଜଣ ମହିଳା ଥିବା ବେଳେ ୬ଜଣ ପୁରୁଷ ରହିଛନ୍ତି। ଏହି ଘଟଣାରେ ପୁଲିସ ୫୯ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବାରୁ ଆଗାମୀ ଦିନରେ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି କୁହାଯାଉଛି। ଗିରଫଦାରୀ ଭୟରେ କିଛି ଗ୍ରାମବାସୀ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଆଜି ଗିରଫ ସମସ୍ତ ଅଭିଯୁକ୍ତମାନଙ୍କୁ ରାଇରଙ୍ଗପୁରସ୍ଥିତ ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ କାରାଗାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

■ ବଢ଼ିବ ଗିରଫଦାରୀ ସଂଖ୍ୟା
■ ଆହତ ପୁଲିସଙ୍କ ଚିକିତ୍ସା ଜାରି

ସୂଚନାଯୋଗ୍ୟ, ଗତ ଗୁରୁବାର ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାକୁ ସଂଖ୍ୟାଲଘୁ ସଂପ୍ରଦାୟର ଜଣେ ଯୁବକ ଅସଦାଚରଣ କରିଥିଲା। ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ତୁମୁଳକାଣ୍ଡ ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ବହଳଦା ବାଇପାସ୍‌ରେ ୨୨୦ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରିସ୍ଥିତି କ୍ରମଶଃ ଜଟିଳ ହେବାରୁ ପୁଲିସ ଓ ତହସିଲଦାର ଘଟଣାସ୍ଥଳକୁ ଆସି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କୌଣସି କଥାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପୁଲିସ ଲାଠିଚାର୍ଜ କରିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ଓ ପୁଲିସକୁ ଇଟା, ପଥର ଫିଙ୍ଗିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି, ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ପୁଲିସକୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିରେ ୧୦ରୁ ଉର୍ଦ୍ଧ୍ୱ ପୁଲିସ ଆହତ ହୋଇଥିଲେ। ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଜାରି ରହିଛି। ଫଟୋ ଓ ଭିଡିଓ ଆଧାରରେ ପୁଲିସ ୫୯ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଆଜି ୩୪ଜଣଙ୍କୁ ଗିରଫ କରିଛି। ଆଗକୁ ଗିରଫଦାରୀ ବୃଦ୍ଧି ପାଇ ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି କହିଛନ୍ତି। ଅପରପକ୍ଷେ, ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ପୁଲିସ ଫୋର୍ସ ମୁତୟନ ରହିଛନ୍ତି।

ରାଜ୍ୟର ୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

୩୧୧୬୯୦ ମାମଲା ଫଇସଲା

କଟକ, ୧୪।୩ (ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକସ୍ତରରେ ଆଜି ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩,୧୧,୬୯୦ଟି ମାମଲା ଫଇସଲା ହୋଇଛି ଓ ମୋଟ ୧୬୬କୋଟି ୨୩ଲକ୍ଷ ୧୩ହଜାର ୯୨୫ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ସମାଧାନ ହୋଇଥିବା ମାମଲାଗୁଡ଼ିକ ମଧ୍ୟରେ ପ୍ରାକ୍ ମକଦ୍ଦମାସ୍ତରୀୟ ୧୦୨୬୭ଟି ମାମଲା ଓ ବିଚାରାଧୀନ କୋର୍ଟ ମାମଲା ୩୦୧୪୧୩ଟି ଫଇସଲା କରାଯାଇଛି। ଫଇସଲା ହୋଇଥିବା ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ୩୦୬ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନ୍ଆଇ ଆକ୍ଟ ମାମଲା ୧୭୯୯ଟି, ଟଙ୍କାଅସୁଲି ମାମଲା ୪୭୧ଟି ଓ ୯୨୮ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇଛି। ସେହିଭଳି ୪୬୭ଟି ପାରିବାରିକ ଓ ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ୨ଟି ଜମି ଅଧିଗ୍ରହଣ ବିବାଦ, ୬ଟି ବିଦ୍ୟୁତ୍, ଜଳ ବିଲ୍ ସଂପର୍କିତ, ୪୮ଟି ଶ୍ରମ ଓ ନିୟୋଜନ ସଂପର୍କିତ, ୨୮୧୬୧୨ଟି ରାଜସ୍ୱ ମାମଲା, ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୩୧୬୭ଟି, ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୧୭ଟି, ୧୫୬୬ଟି ଅନ୍ୟାନ୍ୟ ଦେୱାନୀ ମାମଲା, ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ମାମଲା ୬ଟି, ଡିଆରଟି ମାମଲା ୭ଟି, ଭୁବନେଶ୍ୱର ଶ୍ରମ ଅଦାଲତ ମାମଲା ୩ଟି, ପେନସନ୍ ମାମଲା ୮ଟି, ଶିଳ୍ପ ଟ୍ରିବ୍ୟୁନାଲ ମାମଲା ୧୨ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ହରୀଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ ଓ ଟ୍ରିବ୍ୟୁନାଲସ୍ତରରେ ଅନୁଷ୍ଠିତ ହୋଇଥିଲା।

ଶଶୁର ଘର ଗାଁ ନିକଟ କୂଅରୁ ଜ୍ୱାଇଁଙ୍କ ମୃତଦେହ ଉଦ୍ଧାର

କଣ୍ଟାବାଞ୍ଜି,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାହାଜୋଟ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ଚାଷ ଜମିରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ରାୟପୁର ରାଜେନ୍ଦ୍ରନଗର ଥାନା ତେଲିବନ୍ଧା ପୁରେନା ଗାଁର ପରମାନନ୍ଦ ଯାଦବ। ସାହାଜୋଟ ନିକଟ ପାତଲପଡ଼ାରେ ତାଙ୍କ ଶଶୂର ଘର। ପୁଲିସ ଉପସ୍ଥିତିରେ ଅଗ୍ନିଶମବିଭାଗକର୍ମଚାରୀ କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ସେ କାମ କରିବା ପାଇଁ ଗତ ୭ତାରିଖ ଦିନ ଶଶୂର ଘର ଗାଁ ପାତଲପଡ଼ା ଆସିଥିଲେ। ବୁଧବାର ଶଶୂରଘରୁ ବାହାରି ଥିଲେ ମଧ୍ୟ ଘରେ ପହଞ୍ଚିନଥିଲେ। ଏନେଇ ତାଙ୍କ ଶଶୂର ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

ଧରା ହେଲା ଗରିଆପାଲି ଟ୍ରିପଲ ମର୍ଡର୍ ମୁଖ୍ୟ ଅଭିଯୁକ୍ତ

ପାଣି ଟାଙ୍କି ଉପରେ ଆତ୍ମହତ୍ୟା ଉଦ୍ୟମ

ଦେବଗଡ଼, ୧୪।୩(ସମିସ): କୁଣ୍ଢେଇଗୋଲା ଥାନା ଗରିଆପାଲି ଗାଁରେ ଗତ ଗୁରୁବାର ଘଟିଥିବା ଟ୍ରିପଲ୍-ମର୍ଡର୍ ଘଟଣାର ଏକମାତ୍ର ଅଭିଯୁକ୍ତ ରମେଶ ଗରିଆକୁ ତିନି ଦିନ ପରେ ଶନିବାର ପୁଲିସ କାବୁ କରିଛି। ଆଜି ସକାଳେ ଗ୍ରାମବାସୀ ତାକୁ ଗାଁ ପାଣିଟାଙ୍କି ଉପରେ ଠାବ କରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରିରେ ସେ ନିଜ ସ୍ତ୍ରୀ ଗୁଲ ଗରିଆ, ବୋହୂ ଲିପି ମହାକୁଳ ଓ ୪ବର୍ଷୀୟ ନାତୁଣୀ ଈଶାନୀକୁ ହାତୁଡ଼ିରେ ପିଟି ହତ୍ୟା କରିବା ପରଠାରୁ ଫେରାର୍ ହୋଇଯାଇଥିଲା। ଆଜି ଗାଁ ପାଣିଟାଙ୍କିର ୫୦ଫୁଟ୍ ଉପରେ ରମେଶ ଏକ କୁରାଢ଼ୀ ଧରି ଚଢ଼ିଥିବା କିଛି ଗ୍ରାମବାସୀ ଦେଖିଥିଲେ।

ସୂଚନା ପାଇ କୁଣ୍ଢେଇଗୋଲା ପୁଲିସ ପାଣିଟାଙ୍କି ତଳେ ଜଗିରହି ଅଭିଯୁକ୍ତକୁ ତଳକୁ ଓହ୍ଲାଇବାକୁ ଅନୁରୋଧ କରିଥିଲା। ହେଲେ ରମେଶ କାହାରି କଥା ଶୁଣି ନଥିଲା ଏବଂ ଉପରେ ସେ

କିଛି ଖାଇ ଦେଇଥିବା ଗ୍ରାମବାସୀ କହିଥିଲେ। ପରେ ପୁଲିସ ଦମକଳବାହିନୀର ସହାୟତା ଲୋଡ଼ିଥିଲା। ଦୀର୍ଘ ୨ ଘଣ୍ଟା ଧରି ପରିଶ୍ରମ କରିବା ପରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ମିଶି ପାଣିଟାଙ୍କି ଉପରୁ ରମେଶକୁ ଟେକି ଆଣିଥିଲେ।

ପାଣିଟାଙ୍କି ନିକଟରେ ଅଭିଯୁକ୍ତର ହାଇଡ୍ରାମା ଖବର ଶୁଣି ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର, ଏସ୍‌ଡିପିଓ ରମେଶ ମାହାନା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ।

■ ୨ ଘଣ୍ଟାର ହାଇଡ୍ରାମା ପରେ କାବୁ କଲେ ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ
■ ବିଷପାନ କରି ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ

ରମେଶକୁ ପାଣିଟାଙ୍କି ଉପରୁ ଆଣି ଥାନାକୁ ନେବା ପରେ ସେ ବିଷ ପିଇଥିବା ଜଣାପଡ଼ିଥିଲା। ପୁଲିସ ତାକୁ କୁଣ୍ଢେଇଗୋଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିଲା। ତା' ଅବସ୍ଥା ଗୁରୁତର ରହିଛି। ସେ ସୁସ୍ଥ ହେବା ପରେ ଗଣହତ୍ୟାକାଣ୍ଡର ରହସ୍ୟ ଉପରୁ ପର୍ଦ୍ଦା ଉଠିବ ବୋଲି ପୁଲିସ କହିଛି।

ଦିବ୍ୟାଙ୍ଗ ନାବାଳିକା ୬ ମାସର ଗର୍ଭବତୀ

ସମ୍ପର୍କୀୟ ଦାଦା ସହ ୨ ଥାନାରେ ଅଟକ

କୋରାପୁଟ/ବନ୍ଧୁଗାଁ,୧୪।୩(ସମିସ): ବନ୍ଧୁଗାଁ ବ୍ଲକ କେ. ଜାଗୁଗୁଡା ପଞ୍ଚାୟତ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକା ୬ମାସର ଗର୍ଭବତୀ ହେବା ଘଟଣା ପଦାକୁ ଆସିବା ପରେ ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ଦିବ୍ୟାଙ୍ଗ ନାବାଳିକାଙ୍କ ସମ୍ପର୍କୀୟ ଦାଦା ଓ ଅନ୍ୟ ଜଣକୁ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି। ଘଟଣା ପ୍ରଘଟ ହେବା ପରେ ପାଞ୍ଚ ଦିନ ଧରି ଗ୍ରାମରେ ଭଦ୍ର ବ୍ୟକ୍ତିଙ୍କୁ ନେଇ ସତ୍ୟତା ଜାଣିବାକୁ ବିଚାରବିମର୍ଶ ଚାଲିଥିଲା। ସେଠାରେ ନାବାଳିକାଜଣକ ଦୁଇ ଯୁବକଙ୍କ ଫଟୋ ଦେଖାଇ ଚିହ୍ନଟ କରିଥିଲେ। ଚିହ୍ନଟ ଦୁଇଜଣ ସେମାନଙ୍କ ନା କହିଲେ ବେକ କାଟି ହତ୍ୟା କରିବାକୁ ଧମକ ଦେଇଥିବା ନାବାଳିକାଜଣଙ୍କ ହାତ ଠାରି ସାଂକେତିକ ଭାଷାରେ ଜଣାଇଥିଲେ। ନାବାଳିକାଙ୍କ ପିତାମାତା ଓ ଗ୍ରାମବାସୀ ଆଜି ବନ୍ଧୁଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଉକ୍ତ ଦୁଇ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଲକ୍ଷ୍ମୀପୁର ଏସଡିପିଓ ଏବଂ ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ଜଣେ ବରିଷ୍ଠ ଅଧିକାରୀ ବନ୍ଧୁଗାଁ ଗସ୍ତ କରି ଘଟଣାର ତଦନ୍ତ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

ଗହୀରମଥାରେ ୫ ଶହରୁ ଉର୍ଦ୍ଧ୍ୱ ଅଲିଭ୍-ରିଡ୍‌ଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ

ରାଜନଗର, ୧୪।୩ (ସମିସ): ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଏନ୍ଡୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ସାତଭାୟା, ନାସୀ-୨, ପେଣ୍ଠ, ଯଉଡିଆ, ଚିଞ୍ଚିରି ମୁହାଣ ଆଦି ସ୍ଥାନରେ ଅଲିଭ୍‌ରିଡ୍‌ଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ୫୦୦ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇସାରିଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେତେକ ଅଣ୍ଡାକୁ ସଂଗ୍ରହ କରାଯାଇ ବନବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଥିବା ବେଳେ ଆଉ କେତେକ ଅଣ୍ଡାକୁ ବିଲୁଆ, କୁକୁର ଓ ପକ୍ଷୀ ନଷ୍ଟ କରିଦେଉଥିବା ଦେଖିବାକୁ ମିଳିଛି।

ଯେଉଁ ଆକୃତିର ଗାତ ଖୋଳି ଓ ଯେତିକି ଗଭୀର ଗାତ ଖୋଳି କଇଁଛମାନେ ଅଣ୍ଡା ଦେଇଥା'ନ୍ତି, ବନ ବିଭାଗ ପକ୍ଷରୁ ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ଘୋଡ଼ାଇ ଦେଇ ଯତ୍ନ ନେଇଥା'ନ୍ତି। ଯେପରି ମା' କଇଁଛ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡ଼ାଇଥିଲା, ଠିକ୍ ସେହିପରି ଭାବେ ବନ ବିଭାଗ କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ଗାତ ଖୋଳି ରଖୁଛନ୍ତି ଓ ମାର୍ଚ୍ଚ ୧୪ ତାରିଖ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭ-ରିଡଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳଠାରୁ ୫୦୦ ମିଟର ମଧ୍ୟରେ ସାତଭାୟାରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି ଓ ପାଗ ଅନୁକୂଳ ସହ କୂଳକୁ ଅଲିଭରିଡଲେ କଇଁଛ ଆସୁଥିବାରୁ ଗଣଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବଡ଼ କଥା ହେଲା, କଇଁଛମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗହୀରମଥାର ସାତଭାୟା ଓ ଅନ୍ୟ କେତେକ ସ୍ଥାନରେ ଶହଶହ କଇଁଛ ମରିବା ଘଟଣା ବନ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଓବିସିସି କାମର ସମୀକ୍ଷା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିର କାମ

ପୁରୀ, ୧୪।୩ (ସମିସ): ଆଗକୁ ରଥଯାତ୍ରା। ଏହା ପୂର୍ବରୁ ପୁରୀରେ ଚାଲିଥିବା କେତେକ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଓବିସିସି ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଉଛି। ସମୀକ୍ଷା ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଥିବା ବିଭିନ୍ନ କାର୍ଯ୍ୟ, ଯଥା ବଲ୍ଲଭ ଘର, ତୁଣିଆ ମହଲ ଏବଂ ରୋଷଘର ଆନେକ୍ସି ନିର୍ମାଣ କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଘୋଷଯାତ୍ରା ପୂର୍ବରୁ ଏହି ସମସ୍ତ କାର୍ଯ୍ୟ ସମାପ୍ତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସମସ୍ତ ନୂତନ ନିର୍ମାଣ କାର୍ଯ୍ୟ ପାରମ୍ପରିକ କଳିଙ୍ଗଶୈଳୀର ସ୍ଥାପତ୍ୟକଳା ଅନୁସାରେ କରାଯିବାକୁ ଉଲ୍ଲେଖ କରାଯାଇଥିଲା।

ବୈଠକରେ ଜଗନ୍ନାଥ ବଲ୍ଲଭ ପିଲଗ୍ରିମ ସେଣ୍ଟର (ଜେବିପିସି) ଏବଂ ବାସେଳି ସାହି ଧର୍ମଶାଳାର ବକେୟା କାର୍ଯ୍ୟମାନଙ୍କ ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା। ଓବିସିସି ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରାଯିବ ବୋଲି କୁହାଯାଇଛି। ଏଥିସହ ଜଗନ୍ନାଥବଲ୍ଲଭ ପ୍ରମୋଦ ଉଦ୍ୟାନ ଓ ମାଟିତୋଟାରେ ଆଦର୍ଶ ଗୁରୁକୁଳ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳଗୁଡ଼ିକରେ ଶୀଘ୍ର ବାଉଣ୍ଡାରୀ ବାଡ଼ ଲଗାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପମାନଙ୍କ ସମୟୋପଯୋଗୀ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ। ଆସନ୍ତା ସପ୍ତାହରେ ଗଜପତି ମହାରାଜା ଏବଂ ଅନ୍ୟାନ୍ୟ ବୈଷୟିକ କମିଟି ସଦସ୍ୟମାନେ ଏହି କାର୍ଯ୍ୟମାନଙ୍କର ଅଗ୍ରଗତି ସମୀକ୍ଷା କରିବେ। ଏହି ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

'ଶିକାର'ର ଫାଷ୍ଟ ଲୁକ୍ ରିଲିଜ୍

ଅଭିନେତା ଅମ୍ଳାନ ପୁଣି ଥରେ ଫେରିଛନ୍ତି ବଡ଼ ପରଦାକୁ । ଏଥର ରଜରେ ମୁକ୍ତିଲାଭ କରିବ ତାଙ୍କ ଅଭିନୀତ ଓଡ଼ିଆ ସିନେମା 'ଶିକାର' । ନିକଟରେ ତାଙ୍କ ଜନ୍ମଦିନ ଅବସରରେ ଦର୍ଶକଙ୍କ ସାମ୍ନାକୁ ଆସିଛି ଏହାର ଫାଷ୍ଟ ଲୁକ୍ । ଯେଉଁଥିରେ ତାଙ୍କର ଲୁକ୍ ଆଉ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । ଦମଦାର ପ୍ରଚ୍ଛଦ ସଙ୍ଗୀତ ସାଙ୍ଗକୁ ଶବକୁ ଟାଣି ନେଉଥିବାର ଦୃଶ୍ୟ ଓ ତା' ସହିତ ଅମ୍ଳାନଙ୍କ ଭଏସ୍ ଯେମିତି ଶିହରଣ ସୃଷ୍ଟି କରିଛି । ନୂଆ ପିଢ଼ିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିବା ଏହି ସିନେମା ରଜ ବଜାରରେ ସଫଳ ହେବ ବୋଲି ଆଶା ରଖିଛି ପ୍ରଯୋଜନା ସଂସ୍ଥା । ଏହି ସିନେମାର ପ୍ରଯୋଜକ ସଚ୍ଚିକାନ୍ତ ଜେନା ରହିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ, କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ଗୀତଗୁଡ଼ିକକୁ କୋରିଓଗ୍ରାଫି କରିଛନ୍ତି ଅମିତ୍ ନାୟକ । ଅମ୍ଳାନଙ୍କ ସହ ପ୍ରମୁଖ ଭୂମିକାରେ ଏଲିନା, ସୁପ୍ରିୟା ଓ ଅଙ୍କିତ୍ ଅଭିନୟ କରିଛନ୍ତି । ■

ଓଡ଼ିଆ ସିନେମା

ମୋନଷ୍ଟର: ଦ ଅଲଟିମେଟ୍

ବଲିଉଡ୍ ଓ ଟଲିଉଡ୍ ଭଳି ବଡ଼ ବଜେଟ୍ ସିନେମାର ଆକର୍ଷଣକୁ ନଜରରେ ରଖି ଏବେ ଓଲିଉଡ୍ ମଧ୍ୟ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବା ପାଇଁ ପ୍ରସ୍ତୁତ ହେଉଛି । ଆକ୍ସନ୍ ଓ ନବୀନ ଟେକ୍ନୋଲୋଜିର ସମ୍ମିଶ୍ରଣରେ ୩ କୋଟି ଟଙ୍କାରୁ ଅଧିକ ବଜେଟ୍‌ରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ମୋନଷ୍ଟର: ଦ ଅଲଟିମେଟ୍' । ଏହି ସିନେମାର ବିଶେଷତା ହେଉଛି ଏଥିରେ ଆଧୁନିକ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମଥର ପାଇଁ ଓଡ଼ିଆ ସିନେମାରେ ଦର୍ଶକମାନେ ଦେଖିବେ ରୋବଟିକ୍ ଆର୍ମ ମେସିନ୍‌ର ବ୍ୟବହାର । ଯାହା ଓଲିଉଡ୍‌ରେ ଏକ ନୂଆ ପ୍ରୟୋଗ ଭାବେ ଦେଖାଯିବ । 'ଗୋପୀନାଥ ମୋସନ୍ ପିକଚର୍ସ' ନିବେଦିତ ଏହି ଆକ୍ସନ୍ ଫିଲ୍ମ ଦଶହରା ଅବସରରେ ଦର୍ଶକଙ୍କୁ ଏକ ନୂତନ ଚମତ୍କାରୀ ଅନୁଭବ ଦେବାକୁ ଯାଉଛି । ଓଡ଼ିଆ ସିନେମା "ଆଇ ଲଭ୍ ୟୁ-୨" ସଫଳତା ପରେ ଅଭିନେତା ଆଦିତ୍ୟ ଏହି ସିନେମା ମାଧ୍ୟମରେ ପୁଣିଥରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି । ଆଧୁନିକ ଟେକ୍ନୋଲୋଜି, ରୋମାଞ୍ଚକର ଆକ୍ସନ୍ ଏବଂ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମ ସିନେମାପ୍ରେମୀଙ୍କୁ ଏକ ନୂଆ ଅନୁଭବ ଦେବ ବୋଲି ଆଶା କରାଯାଉଛି । ■



ପ୍ରେକ୍ଷାଳୟରେ 'ଚରକ'

'ଦ କେରଳ ଷ୍ଟୋରୀ'ର ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ ତାଙ୍କ ଆଗାମୀ ଲୋକକଥା ଆଧାରିତ ଥ୍ରିଲର୍ ସିନେମା 'ଚରକ: ଫେଥ୍ ଅଫ୍ ଫେଥ୍'ର ଟ୍ରେଲର୍ ଉନ୍ମୋଚନ କରିଛନ୍ତି । ଏହି ଚଳଚ୍ଚିତ୍ରରେ ସେ ପ୍ରଯୋଜକ ଭାବେ ଜଡ଼ିତ । ଏହି ଚଳଚ୍ଚିତ୍ରରେ ଅଞ୍ଜଳି ପାଟିଲ୍, ସାହିଦୁର ରହମାନ, ସୁବ୍ରତ ଦତ୍ତ, ଶଶି ଭୂଷଣ, ନଲନୀଶ ନୀଳ, ଶଂଖଦୀପ ଓ ଶୌନକ ଶ୍ୟାମଲ ଅଭିନୟ କରିଛନ୍ତି । ଗ୍ରାମୀଣ ଭାରତରେ ଅନ୍ଧବିଶ୍ୱାସ ଓ ତାନ୍ତ୍ରିକ ପ୍ରଥାକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏହି କାହାଣୀ ଯଥାର୍ଥ ଘଟଣାରୁ ଅନୁପ୍ରାଣିତ ଏହି ନିର୍ମାଣ କରାଯାଇଛି । ଟ୍ରେଲର୍ ମୁକ୍ତି ଅବସରରେ ସେ 'ଚରକ' ଓ 'ଦ କେରଳ ଷ୍ଟୋରୀ' ସମ୍ପର୍କିତ ବିବାଦ ନେଇ ନିର୍ଦ୍ଦେଶକ ସେନ୍ ପ୍ରକାଶ କରିଥିଲେ । ତେବେ ଏହି ସିନେମାଟି ଚଳିତ ମାର୍ଚ୍ଚ ୬ ତାରିଖରେ ପ୍ରେକ୍ଷାଳୟରେ ରିଲିଜ ହୋଇଯାଇଛି । ଚଳଚ୍ଚିତ୍ରଟିକୁ ପେନ୍ ଷ୍ଟୁଡିଓଜ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଶିଳାଦିତ୍ୟ ମୌଳିକ ଏହାର ନିର୍ଦ୍ଦେଶନାରେ ଅଛନ୍ତି । ସେହିପରି 'ଚରକ'କୁ ସିଫି ଟି ସିନେମାସ୍ ଓ ସୁଦୀପ୍ତୋ ସେନ୍ ପ୍ରଡକ୍ସନ ସଂଯୁକ୍ତ ଭାବେ ପ୍ରଯୋଜନା କରିଛନ୍ତି । ଏଥିରେ ରାଜେଶ ଭଟ୍ ସହ-ପ୍ରଯୋଜକ ଭାବେ ସାମିଲ ଅଛନ୍ତି । ■

ଏପ୍ରିଲ୍‌ରେ ଲାଇନ୍‌ବାଲା

ଏକ ସତ ଅନୁଭୂତିକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଲାଇନ୍‌ବାଲା' । ଜୀବନର ଖଟାମିଠା ଘଟଣାକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି । ସୁଶାନ୍ତ କୁମାର ମହାନ୍ତି ଏହାର କାହାଣୀ ରଚନା କରିବା ସହିତ ପ୍ରଯୋଜନା ମଧ୍ୟ କରିଛନ୍ତି । ଫିଲ୍ମଟିର ଟାଇଟଲ୍ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ । ସିନେମାର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ଏହାର ସଂଳାପ ରଚନା ଏବଂ ନିର୍ଦ୍ଦେଶନା ସମୟରେ କାହାଣୀକୁ କିପରି ଠିକ୍ ଭାବରେ ଦୃଶ୍ୟାୟିତ କରାଯାଇପାରିବ, ସେନେଇ ଯଥେଷ୍ଟ ଧ୍ୟାନ ଦେଇଛି ବୋଲି କହନ୍ତି ନିର୍ଦ୍ଦେଶକ । ଗୋଟିଏ ଗାଁର ଜଣେ ଖଳପ୍ରକୃତିର ଲୋକ ଲାଇନ୍‌ବାଲାଙ୍କୁ ସମସ୍ୟା ମୁହଁକୁ ଠେଲି ଦେଉଛି । ଏଭଳି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଶ୍ରୁମୋଚନ ମହାନ୍ତି । 'ଶ୍ରୀହରି ମୋସନ ପିକ୍ଚର୍ସ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ସୁଟିଂ ନିକଟରେ ଶେଷ ହୋଇଛି । ଏଥିରେ ସମ୍ବିତଙ୍କ ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ । ସିନେମାଟିରେ ଅନେକ ସାମାଜିକ ବାର୍ତ୍ତା ରହିଛି । ■

ପରଦା ପଛର କାହାଣୀ

ଟ୍ରକ୍ ପଛରେ ଲେଖା ଧାଡ଼ିରୁ ଗୀତ ରଚନା

ଅଶି ନବେ ଦଶକରେ ବଲିଉଡ୍‌ର ଅନେକ ଗୀତ ସୁପରହିଟ୍ ହୋଇଥିଲା । ସେଭଳି ଗୀତକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି । ଦିନ ଥିଲା ଗୀତିକାରମାନେ ଗୋଟିଏ ଗୀତ ଲେଖିବା ପାଇଁ ଖୁବ୍ କଷ୍ଟ କରୁଥିଲେ । ଏହି କ୍ରମରେ ଏକ ଫିଲ୍ମ ଗୀତ ଥିଲା ଯାହା ଟ୍ରକ୍ ପଛରେ ଲେଖାଥିବା ଧାଡ଼ିରୁ ରଚନା କରାଯାଇଥିଲା । ଗୀତଟି ମଧ୍ୟ ସୁପରହିଟ୍ ହୋଇଥିଲା । ୧୯୮୯ ମସିହାରେ ମୁକ୍ତିଲାଭ କରିଥିଲା ରୋମାଣ୍ଟିକ ଚଳଚ୍ଚିତ୍ର 'ମୈନେ ପ୍ୟାର୍‌କିୟା' । ଏଥିରେ ମୁଖ୍ୟ ଅଭିନେତା ଭାବେ ସଲ୍‌ମାନ୍ ଖାନ ଚମତ୍କାର ଅଭିନୟ କରିଥିଲେ । ଏହି ଫିଲ୍ମର ପ୍ରତିଟି ଗୀତ ଲୋକପ୍ରିୟ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା 'ଆଜ ଶାମ୍ ହୋନେ ଆୟି' । ପ୍ରସିଦ୍ଧ ସଙ୍ଗୀତକାର ରାମଲକ୍ଷ୍ମଣ ଥରେ ଗାଡ଼ିରେ କୌଣସି ସ୍ଥାନକୁ ଯାଉଥିଲେ । ସେହି ସମୟରେ ତାଙ୍କ ନଜର ଏକ ଟ୍ରକ୍ ଉପରେ ପଡ଼ିଥିଲା । ଏହି ଟ୍ରକ୍ ପଛରେ ଲେଖା ଥିଲା "ତୁ ଚଲ୍ ଆଇ, ମୈ ଆଇ..." । ଏହି ଧାଡ଼ିଟି ତାଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଏ ସଂପର୍କରେ ସେ ସିଧାସଳଖ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ସୁରଜ ବଡ଼ଜାତ୍ୟାଙ୍କୁ ଆଉ ଏକ ଗୀତ କରିବା ପାଇଁ କହିଥିଲେ । ଅବଶ୍ୟ ଏହା ପୂର୍ବରୁ ଫିଲ୍ମରେ ୯ - ୧୦ ଟି ଗୀତ ତିଆରି ହୋଇସାରିଥିଲା । ଏପରି ସ୍ଥଳେ ଆଉ ଏକ ଗୀତ ପାଇଁ ସ୍ଥାନ ନଥିଲା । ଏହାସତ୍ତ୍ୱେ ସେ ଆଉ ଏକ ଗୀତ ସେଟିଂ କରିବାକୁ କହିଥିଲେ । ଟ୍ରକ୍ ପଛରେ ଲେଖାଥିବା ଧାଡ଼ି ଅନୁସାରେ ସେ ଧୁନ୍ ତିଆରି କଲେ । ଏହାପରେ ଜୟଦେବ କୋହଲିଙ୍କ ପାଖକୁ ଯାଇଥିଲେ । ସେ ଏହା ଉପରେ ଗୀତ କରିଥିଲେ । ଅବଶ୍ୟ ପ୍ରଥମେ ଏହି ଗୀତରେ "ଆଜ୍ ରାତ୍ ହୋନେ ଆୟି ଥା..." ରହିଥିଲା । ପରବର୍ତ୍ତୀ ସମୟରେ ସୁରଜ ବଡ଼ଜାତ୍ୟାଙ୍କ ବାପା ଏହାକୁ "ଆଜ୍ ଶ୍ୟାମ୍ ହୋନେ ଆୟି..." କରିଥିଲେ । ଏହାପରେ ଏହି ଗୀତ ପ୍ରସ୍ତୁତ କରାଯାଇଥିଲା । ଏକ ସାକ୍ଷାତକାରରେ ସୁରଜ ଏ ସଂପର୍କରେ କହିଥିଲେ । "ଆଜ୍ ଶ୍ୟାମ୍ ହୋନେ ଆୟି..." ଗୀତରେ ଏସ୍.ପି. ବାଲାସୁବ୍ରମଣ୍ୟମ୍ ଏବଂ ଲତା ମଙ୍ଗେସ୍‌କର୍ କଣ୍ଠଦାନ କରିଥିଲେ । ଗୀତଟିରେ ସଲମାନ୍ ଖାନ୍ ଏବଂ ଭାଗ୍ୟଶ୍ରୀଙ୍କୁ ଦେଖିବାକୁ ମିଳିଥିଲା । ଫିଲ୍ମରେ ଏହି ଗୀତଟି ସୁପରହିଟ୍ ହୋଇଥିଲା । ■

ସାକ୍ଷାତକାର

"ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା କଳାକାରର ଧର୍ମ"

ଚିନ୍ମୟ କୁମାର ପଣ୍ଡା, ଅଭିନେତା

ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକରେ ଅଭିନୟ କରୁଥିଲେ । ରାଜ୍ୟ ବାହାରେ ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେଉଥିଲେ । ଏହା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । 'ଅପରାଜିତା' ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏହା ପରେ ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ପ୍ରତିଭାବାନ କଳାକାର ହେଉଛନ୍ତି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗରର ଚିନ୍ମୟ କୁମାର ପଣ୍ଡା । 'ଆଶା', 'ସିନ୍ଦୂରର ଅଧିକାର' ଆଦି ଧାରାବାହିକରେ ସେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜୟ କରି ପାରିଛନ୍ତି । ଏବେ ସେ 'କେଦାର ଗୌରୀ' ଧାରାବାହିକରେ 'କେଦାର' ଭୂମିକାରେ ଅଭିନୟ କରୁଛନ୍ତି । ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ।

ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ ?

● ୨୦୧୩-୧୪ ମସିହାରେ ନାଚ ଶିଖିବା ଆଶାରେ ଭୁବନେଶ୍ୱର ଆସିଥିଲି । ଏଠାକୁ ଆସି ସଙ୍ଗୀତ ମହାବିଦ୍ୟାଳୟ ବିଷୟରେ ଜାଣିଲି । ତେଣୁ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଥିଲି । ଯୁକ୍ତ ଦୁଇ, ସ୍ନାତକ ଏବଂ ସ୍ନାତକୋତ୍ତର ପଢ଼ା ସରିଲା । ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ମଞ୍ଚନାଟକରେ ଅଭିନୟ କରିଛି । ସୌଭାଗ୍ୟବଶତଃ ସୀତାରାମ ଅଗ୍ରୱାଲ ସାର୍ 'ସିଦ୍ଧାର୍ଥ ଟିଭି'ର 'ଅପରାଜିତା' ଧାରାବାହିକରେ 'ବିଷ୍ଣୁ' ଚରିତ୍ରରେ ଅଭିନୟ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ । ଏହା ପରେ ଧାରାବାହିକ 'ଆଶା'ରେ କାମ କଲି । ପରେ 'ସିନ୍ଦୂରର ଅଧିକାର'ରେ ନେଗେଟିଭ୍ ଚରିତ୍ରରେ ଅଭିନୟ କଲି ।

ନାୟକରୁ ଖଳନାୟକ ଯାତ୍ରା କଠିନ ଥିଲା କି ?

● ଆଦୌ ନୁହେଁ । ନାୟକ ହେବାକୁ ଯେବେ ସୁଯୋଗ ମିଳିଥିଲା ନିଜକୁ ପ୍ରମାଣିତ କରିବାକୁ ଚାହିଁଥିଲି । 'ସିନ୍ଦୂରର ଅଧିକାର'ରେ ଖଳନାୟକ 'ରକି' ଭୂମିକାରେ ଅଭିନୟ କରିବା ବେଳେ ମୁଁ ମୋ ନିଜ ଚରିତ୍ରରୁ ବାହାରିଥିଲି । ନକାରାତ୍ମକ ଚରିତ୍ରରେ ଅଭିନୟ କରିବା ନିମନ୍ତେ ଖଳପ୍ରକୃତି ପାଇଁ କ'ଣ କ'ଣ ଆବଶ୍ୟକ ତାହାକୁ ମୁଣ୍ଡରେ ପୂରାଇଲି । ମୋ ମତରେ ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା ଜଣେ କଳାକାରର ଧର୍ମ ।

କ୍ୟାମେରା ସାମ୍ନାରେ ପ୍ରଥମେ ଝୁଣ୍ଟି ଥିଲେ ?

● ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରାକୁ ପ୍ରଥମେ ସାମ୍ନା କରି ଟିକେ ଝୁଣ୍ଟି ଥିଲି । କାରଣ ମଞ୍ଚରେ ସଂଳାପ ପରିବେଷଣ ଶୈଳୀ ଭିନ୍ନ ଧରଣର ହୋଇଥାଏ । ତେବେ କ୍ୟାମେରା ସାମ୍ନାରେ ଆଖି, ଓଠ ଏବଂ ମୁହଁର ସମ୍ପୂର୍ଣ୍ଣ ଭାବ ମୁଖ୍ୟତଃ ଜରୁରି ହୋଇଥାଏ । ଲାଇଟ୍, କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହୁଏ ।

'କେଦାର ଗୌରୀ'ର କେଦାର ଚରିତ୍ରକୁ ନେଇ କ'ଣ କହିବେ ?

● 'କେଦାର ଗୌରୀ' ଧାରାବାହିକରେ ମଣିଷ ଜୀବନରେ ଭକ୍ତି, ପ୍ରେମ ଓ ସଂଘର୍ଷର କେତେ ଗୁରୁତ୍ୱ ରହିଛି ତାହା ଦେଖିବାକୁ ମିଳୁଛି । ଏଥିରେ କେଦାର ସବୁ ପରିସ୍ଥିତିରେ ସାମଞ୍ଜସ୍ୟ ରକ୍ଷା କରି ଚାଲୁଛି । ଯେତେ ସମସ୍ୟା ଆସିଲେ ବି ସେ ତା' ସମାଧାନର ବାଟ ଖୋଜୁଛି । ଅବଶ୍ୟ ଏଥିପାଇଁ ଗୌରୀଙ୍କ ସାହାଯ୍ୟ ରହିଛି ।

ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ'ଣ କରନ୍ତି ?

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ଚତୁଃପାର୍ଶ୍ୱରେ ସମସ୍ତଙ୍କଠାରୁ କିଛି ନା କିଛି ଶିଖେ ।

କେଉଁ ଚରିତ୍ରରେ ଅଭିନୟ କରି ଆପଣ ଅଧିକ ଦର୍ଶକଙ୍କ ସାଉଁଟିଛନ୍ତି ?

● 'ସିନ୍ଦୂରର ଅଧିକାର'ର ରକି ଚରିତ୍ର ମୋତେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି ।

ସ୍ମରଣୀୟ ଅନୁଭୂତି ?

● 'ଅପରାଜିତା' ଧାରାବାହିକରେ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅଭିନୟ କରିବା ମୋ' ଜୀବନର ଏକ ସ୍ମରଣୀୟ ଅନୁଭୂତି ।

ଆଗାମୀ ଯୋଜନା କ'ଣ ରହିଛି ?

● ଏବେ ତ ଧାରାବାହିକରେ କାମ ଚାଲିଛି । ଆଗକୁ ଯାତ୍ରା ମଞ୍ଚରେ କାମ କରିବାକୁ ଇଚ୍ଛା ରଖିଛି । ଏହା ଏମିତି ଏକ ପ୍ଲାଟଫର୍ମ ଯେଉଁଠି ଜଣେ କଳାକାରକୁ ତାର ଜୀବନ୍ତ ଅଭିନୟ ଦେଖାଇବାକୁ ସୁଯୋଗ ମିଳେ । ■

ଟି-୨୦ ଚାମ୍ପିଅନଙ୍କୁ ମିଳିବ ୧୩୧ କୋଟି, ଦ୍ରାବିଡ ଓ ବିନ୍ନିଙ୍କୁ ଲାଇଫ୍ ଟାଇମ୍ ଆୱାର୍ଡ

ବିସିସିଆଇ ପୁରସ୍କାର ପ୍ରଦାନ ଉତ୍ସବ ଆଜି

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ଭାରତୀୟ କ୍ରିକେଟର ଏକ ସଫଳ ବର୍ଷ ଶେଷ ହୋଇଛି। ଏହି ସିଜନରେ ବିସିସିଆଇ ଅଧିନରେ ଖେଳୁଥିବା ୫ଟି ଟିମ୍ ଆଇସିସି ଟାଇଟଲ ଏବଂ ବିଶ୍ୱକପ୍ ଚାମ୍ପିଅନ ହୋଇଛନ୍ତି। ଏମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ବିସିସିଆଇ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହା ଛଡ଼ା ଅନ୍ତର୍ଜାତୀୟ ଓ ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୁରୁଷ ଓ ମହିଳା ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କ୍ରିକେଟକୁ ଆଜୀବନ ଅବଦାନ ନିମନ୍ତେ ଚଳିତବର୍ଷ ୩ଜଣ ପୂର୍ବତନ କ୍ରିକେଟରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେମାନେ ହେଲେ ୧୯୮୩ ବିଶ୍ୱକପ୍ ଚାମ୍ପିଅନ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୋଜର ବିନ୍ନି, ଦ ୱାଲ ଭାବେ ପରିଚିତ ରାହୁଲ ଦ୍ରାବିଡ। ପୁରୁଷ ବିଭାଗରେ ଏମାନଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାର ଦିଆଯିବ। ମହିଳା ବିଭାଗରେ ଭାରତୀୟ କ୍ରିକେଟକୁ ଶ୍ରେଷ୍ଠ ଅବଦାନ ଦେଇଥିବା ମିତାଲି ରାଜଙ୍କୁ ମଧ୍ୟ ଆଜୀବନ ଅବଦାନ କାଟାଗୋରୀରେ ସମ୍ମାନିତ କରାଯିବ ବୋଲି ବିସିସିଆଇ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାଯାଇଛି। ଆସନ୍ତାକାଲି ବା ରବିବାର ନୂଆଦିଲ୍ଲୀର ଏକ ପଞ୍ଚତାରକା ହୋଟେଲରେ ବର୍ତ୍ତମାନ ଓ ପୂରାତନ ଖେଳାଳି, କର୍ମକର୍ତ୍ତା ଓ ବ୍ୟକ୍ତିଗତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଖେଳାଳିମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ ସହ ଆଇପିଏଲ୍ ପ୍ରସ୍ତୁତିରେ ଲାଗିପଡ଼ିବେ। ଚଳିତବର୍ଷର ଆଇପିଏଲ୍ ମାଚ୍ଚ ୨୮ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଣୁ ପୁରସ୍କାର ପାଉଥିବା ଖେଳାଳିମାନଙ୍କୁ ଅଧିକ ସଫଳତା ଲାଗି ଏହା ବେଶ ଉତ୍ସାହଜନକ ହେବ ବୋଲି ଆଶା କରାଯାଉଛି।

ଅନ୍ତର୍ଜାତୀୟ କ୍ରିକେଟରେ ୫ଟି ବିଶ୍ୱଟାଇଟଲ ଜିତିଥିବା ଭାରତୀୟ ଦଳଗୁଡ଼ିକୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନିକଟରେ ତୃତୀୟଥର ଲାଗି ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ପୁରୁଷ ଦଳକୁ ୧୩୧ କୋଟି ଟଙ୍କା ପୁରସ୍କାର ଦିଆଯିବ। ଏହା ମଧ୍ୟରୁ ୧୫ ଜଣ ଖେଳାଳିଙ୍କୁ ୯୦ କୋଟି ବା ପ୍ରତ୍ୟେକ ଖେଳାଳିଙ୍କୁ ୬କୋଟି ଲେଖାଏଁ ଟଙ୍କା ଦିଆଯିବ। ଅବଶିଷ୍ଟ ୪୧ କୋଟିଏ ବିଭିନ୍ନ କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅନ୍ୟମାନଙ୍କୁ ମିଳିବ। ଗତବର୍ଷ ନ୍ୟୁଜିଲାଣ୍ଡକୁ ହରାଇ ଭାରତର ପୁରୁଷ ଦଳ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଜିତିଥିଲା। ଏହି ଦଳକୁ ୫୮ କୋଟି ଟଙ୍କାର ପୁରସ୍କାର ଦିଆଯିବ। ଏହାପରେ ଘରୋଇ ମାଟିରେ ପ୍ରଥମଥର ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତର ମହିଳା ଦଳକୁ ୫୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏ ଥର ୧୯ ବର୍ଷରୁ କମ୍ ପୁରୁଷ ଓ ମହିଳା ଦଳ ଉଭୟ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଉଭୟ ଦଳକୁ ୭.୫ କୋଟି ଲେଖାଏଁ ଟଙ୍କା ପୁରସ୍କାର ଆକାରରେ ମିଳିବ ବୋଲି ଜଣାଯାଇଛି।

ଏହା ବ୍ୟତୀତ ଭାରତୀୟ କ୍ରିକେଟରୁ ଆଜୀବନ ଅବଦାନ ନିମନ୍ତେ ଏଥର ୨ଜଣ ପୁରୁଷ କ୍ରିକେଟର ରୋଜର ବିନ୍ନି ଓ ରାହୁଲ ଦ୍ରାବିଡ଼ଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାରରେ ସମ୍ମାନିତ କରାଯିବ। ମହିଳା ବିଭାଗରେ ଏହି ପୁରସ୍କାର ଲାଗି ମିତାଲି ରାଜଙ୍କୁ ମନୋନୀତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି କ୍ରମାଗତ ଦ୍ୱିତୀୟ ବର୍ଷ ଶୁବମନ ଗିଲ୍ ମନୋନୀତ ହୋଇଛନ୍ତି। ସେ ସମସ୍ତ ଫର୍ମାଟରେ ୪୯ ହାରରେ ୧୭୬୪ ରନ୍ କରିଛନ୍ତି। ଫର୍ମ ହରାଇବା କାରଣରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ଟି-୨୦ ଦଳରୁ ବାଦ୍ ଦିଆଯାଇଥିଲା। ମହିଳା ବିଭାଗରେ ସ୍ମୃତି ମନ୍ଧାନା ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ସେ ଏହି ପୁରସ୍କାର ତାଙ୍କ ଜୀବନକାଳରେ ୫ମଥର ଲାଗି ପାଇବାକୁ ମନୋନୀତ ହୋଇଛନ୍ତି। ଅର୍ନ୍ତଜାତୀୟ କ୍ରିକେଟରେ ଶ୍ରେଷ୍ଠ ଡେବ୍ୟୁଟାଣ୍ଟ ଖେଳାଳି ଭାବେ ପୁରୁଷ ବିଭାଗରେ ହର୍ଷିତ ରାଣା ଓ ମହିଳା ବିଭାଗରେ ଶ୍ରୀ ଚରଣି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

ଚାମ୍ପିଅନ ଟିମ୍‌କୁ ପୁରସ୍କାର		
ଟି-୨୦ ବିଶ୍ୱକପ୍	:	୧୩୧ କୋଟି
ଚାମ୍ପିଅନ୍ସ ଟ୍ରଫି	:	୫୮ କୋଟି
ମହିଳା ଦିନିକିଆ ବିଶ୍ୱକପ	:	୫୧ କୋଟି
ପୁରୁଷ ଅଣ୍ଡର ୧୯ ବିଶ୍ୱକପ୍	:	୭.୫ କୋଟି
ମହିଳା ଅଣ୍ଡର ୧୯ ବିଶ୍ୱକପ୍	:	୭.୫ କୋଟି
କାହାକୁ କେଉଁ ପୁରସ୍କାର		
ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳି	:	ଶୁବମନ ଗିଲ୍
ଶ୍ରେଷ୍ଠ ଅନ୍ତ. ମହିଳା ଖେଳାଳି	:	ସ୍ମୃତି ମନ୍ଧାନା
ଲାଇଫ ଟାଇମ୍ ଆୱାର୍ଡ-୧	:	ରୋଜର ବିନ୍ନି
ଲାଇଫ ଟାଇମ୍ ଆୱାର୍ଡ-୨	:	ରାହୁଲ ଦ୍ରାବିଡ଼
ଲାଇଫ ଟାଇମ୍ ଆୱାର୍ଡ-୩	:	ମିତାଲି ରାଜ
ଘରୋଇ କ୍ରିକେଟରେ ଶ୍ରେଷ୍ଠ	:	ଶେଫାଲି ବର୍ମା
ଘରୋଇ କ୍ରି. ଶ୍ରେଷ୍ଠ ଜୁନିଅର	:	ଇରା ଯାଦବ
ରଣଜୀ ଶ୍ରେଷ୍ଠ ଅଲରାଉଣ୍ଡର	:	ହର୍ଷ ଦୁବେ
ସୀମିତ ଓଭରରେ ଶ୍ରେଷ୍ଠ	:	ଆୟୁଷ ମାହତ୍ରେ
ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍	:	ମୁମ୍ବଇ ସିସି

ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ

ଘରୋଇ ମହିଳା କ୍ରିକେଟର ବରିଷ୍ଠ ବିଭାଗରେ ହରିୟାଣାର ଶେଫାଳି ବର୍ମା ଓ କନିଷ୍ଠ ବିଭାଗରେ ଇରା ଯାଦବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ରଣଜୀ ଟ୍ରଫିରେ ବିଦର୍ଭର ହର୍ଷ ଦୁବେ ଓ ସୀମିତ ଓଭର କ୍ରିକେଟରେ ମୁମ୍ବଇର ଆୟୁଷ ମାହତ୍ରେ ଶ୍ରେଷ୍ଠ ଅଲରାଉଣ୍ଡର ବା ଲାଲା ଅମରନାଥ ପୁରସ୍କାର ପାଇବେ। ମୁମ୍ବଇ କ୍ରିକେଟ ଆସୋସିଏସନକୁ ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍ ଭାବେ ପୁରସ୍କୃତ କରାଯିବ। ଚଳିତ ସିଜନରେ ମୁମ୍ବଇ ୪ଟି ଟ୍ରଫି ଜିତିଥିଲାବେଳେ ଅନ୍ୟ ୨ଟିରେ ରନର୍ସ ଅପ୍ ହୋଇଥିଲା। ଏହା ଛଡ଼ା ବ୍ୟକ୍ତିଗତ ବିଭାଗରେ ଏକାଧିକ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି। ଆସନ୍ତାକାଲି ଖେଳାଳି ଓ କର୍ମକର୍ତ୍ତାମାନଙ୍କୁ ମିଳିତ ଭାବେ ୫୦୦ କୋଟି ଟଙ୍କାରୁ ଅଧିକ ପୁରସ୍କାର ଦିଆଯିବ ବୋଲି ଜଣାଯାଇଛି।

ବିବାହବନ୍ଧନରେ ଆବଦ୍ଧ ଭାରତୀୟ କ୍ରିକେଟ୍ ତାରକା କୁଳଦୀପ ଓ ବଂଶିକା

ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର



ଗୌହାଟୀ,୧୪।୩(ଏଜେନ୍ସି): ଆସାମର ଯୁବ ଖେଳାଳି ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଗତକାଲି ସ୍ୱିଡେନରେ ଶେଷ ହୋଇଥିବା ୟଙ୍ଗ ଟ୍ୟାଲେଣ୍ଟସ ଟୁର୍ଣ୍ଣାମେଣ୍ଟରେ ମୟଙ୍କ ତୃତୀୟ ତଥା ଶେଷ ଜିଏମ୍ ନର୍ମ ହାସଲ କରିଥିଲେ। ଏହା ଫଳରେ ୧୬ ବର୍ଷୀୟ ମୟଙ୍କ ମଧ୍ୟ ଉତ୍ତରପୂର୍ବାଞ୍ଚଳର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଲାଭ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମୟଙ୍କଙ୍କୁ ୯ରାଉଣ୍ଡରୁ ୭ ପଏଣ୍ଟ ମିଳିଥିଲାବେଳେ ଗୋଟିଏ ରାଉଣ୍ଡ ପୂର୍ବରୁ ଉଭୟ ତୃତୀୟ ଜିଏମ୍ ନର୍ମ ଓ ଟୁର୍ଣ୍ଣାମେଣ୍ଟ ଟାଇଟଲ ଜିତିନେଇଥିଲେ। ଇଂଲଣ୍ଡର ଜୋନାଥ ୱିଲୋ ବି ରନର୍ସ ଅପ୍ ଓ ନରୱେର ଆକ୍ସେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଚାଇନିଜ୍ ଗ୍ରାଁ ପ୍ରି: ପୋଲ୍ ପୋଜିସନ୍‌ରେ କିମି ସର୍ବକନିଷ୍ଠ

ସାଙ୍ଘାଇ,୧୪।୩(ଏଜେନ୍ସି): ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ଶନିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ରେସ୍‌ରେ ପୋଲ ପୋଜିସନ ହାସଲ କରିଛନ୍ତି।

ଏହା ଫଳରେ ଫର୍ମୁଲା ୱାନ୍‌ରେ ପୋଲ ପୋଜିସନ ପାଇବାରେ ସେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଇଟାଲୀର ଏହି ଟିନ୍‌ଏଜ୍ ଡ୍ରାଇଭରଙ୍କୁ ଏବେ ୧୯ ବର୍ଷ। ପୂର୍ବରୁ ୨୧ ବର୍ଷରେ ଜର୍ମାନୀ ଡ୍ରାଇଭର ସେବାଷ୍ଟିଏନ ଭେଟେଲଙ୍କ ନାମରେ ଏହି ରେକର୍ଡ ରହିଥିଲା। ଆଜିର ରେସ୍‌ରେ ଆଣ୍ଟୋନେଲିଙ୍କ ଟିମ୍ ମେଟ ତଥା ମର୍ସିଡିଜ୍ ଡ୍ରାଇଭର ଜର୍ଜ ରସେଲ ଦ୍ୱିତୀୟ, ଫେରାରୀର ଲୁଇସ ହାମିଲଟନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରିରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ଗତ ଦୁଇଟି ରେସ୍‌ରେ ମର୍ସିଡିଜ୍ ପ୍ରାଧାନ୍ୟ ବିସ୍ତାର କରିଛି।

■ ଜେକେ ବୋଷ ଆନ୍ତଃଜୋନ୍ କ୍ରିକେଟ

ପ୍ରଥମ ମ୍ୟାଚ୍‌ରେ ପୂର୍ବାଞ୍ଚଳ ପରାସ୍ତ

ଭୁବନେଶ୍ୱର,୧୪।୩(ସମିସ): ଦିଲ୍ଲୀ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଆନୁକୂଲ୍ୟରେ ଆଜିଠାରୁ କ୍ରୀଡ଼ା ସାମ୍ବାଦିକ ମାନଙ୍କୁ ନେଇ ଆରମ୍ଭ ହୋଇଛି ଜେକେ ବୋଷ୍ ଆନ୍ତଃଜୋନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ପୂର୍ବାଞ୍ଚଳ ତାହାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳ ନିକଟରୁ ୮ ୱିକେଟରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ଶିବ କ୍ରିଷ୍ଣା ୫ ରନ୍ ଦେଇ ୪ ୱିକେଟ ନେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଉତ୍ତରାଞ୍ଚଳ ୯ ୱିକେଟରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଛି। ଉତ୍ତରାଞ୍ଚଳର ରିଷଭ ସିଂ ୧୦୨ ରନ୍ କରିଥିଲେ। ଆସନ୍ତାକାଲି ଉତ୍ତରାଞ୍ଚଳ ସହ ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ସହ ପଶ୍ଚିମାଞ୍ଚଳର ମୁକାବିଲା ହେବ।

ସେମି ଫାଇନାଲ୍‌ରେ ହାରିଲେ ଭାମ୍ବ୍ରୀ

ଇଣ୍ଡିଆନ୍ ୱେଲ୍ସ, ୧୪।୩ (ଏଜେନ୍ସି): ଭାରତର ୟୁକି ଭାମ୍ବ୍ରୀ ଓ ସ୍ୱିଡେନର ଆନ୍ଦ୍ରେ ଗୋରାନସନ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଓପନ ପୁରୁଷ ଡବଲ୍ସ ସେମିରେ ପରାଜିତ ହୋଇଛନ୍ତି। ପ୍ରଥମଥର କୌଣସି ଏକ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ଭାମ୍ବ୍ରୀ ସ୍ପେନ୍‌ର ମାର୍ସେଲୋ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲସଙ୍କ ଯୋଡିଠାରୁ ସିଧାସଳଖ ସେଟ୍‌ରେ ହାରିଯାଇଥିଲେ। ପରାଜୟ ପରେ ମଧ୍ୟ ଭାମ୍ବ୍ରୀ-ଗୋରାନସନ ଯୋଡି ସର୍ବଶେଷ ର୍‍ୟାଙ୍କିଙ୍ଗ୍‌ରେ ୧୪ ତମ ସ୍ଥାନକୁ ଉଠିବେ। ମହିଳା ବିଭାଗ ଫାଇନାଲରେ ଏଲିନା ରିବାକିନାଙ୍କ ସହ ଆରିନା ସାବାଲେଙ୍କାଙ୍କର ମୁକାବିଲା ହେବ। ଆଜି ଅନୁଷ୍ଠିତ ସେମିରେ ରିବାକିନା ୟୁକ୍ରେନ୍‌ର ଭିଟୋଲିନାଙ୍କୁ ହରାଇଥିଲେ।

■ ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ

ଇଂଲଣ୍ଡ ଚାମ୍ପିଅନ, ଭାରତ ରନର୍ସଅପ୍

ହାଇଦ୍ରାବାଦ୍,୧୪।୩(ଏଜେନ୍ସି): ଆୟୋଜକ ଭାରତକୁ ହରାଇ ଇଂଲଣ୍ଡ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଜି ଏଠାରେ ଅନୁଷ୍ଠିତ ଫାଇନାଲ ଖେଳରେ ଇଂଲଣ୍ଡ ୨-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଗ୍ରେସ୍ ବାଲସଡନ ଓ ଏଲିଜାବେଥ୍ ନିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରୁ ଚାମ୍ପିଅନ ଇଂଲଣ୍ଡ, ରନର୍ସଅପ୍ ଭାରତ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସ୍କଟଲାଣ୍ଡ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟିକା ସଲିମା ଟେଟେ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି। ମହିଳା ହକି ବିଶ୍ୱକପକୁ ଏଥର ନେଦରଲାଣ୍ଡସ ଓ ବେଲଜିୟମ ମିଳିତଭାବେ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୧୪ରୁ ୩୦ ତାରିଖ ଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ମହାଦେଶରୁ ୧୬ଟି ଦଳ ଅଂଶଗ୍ରହଣ କରିବେ।

୧୬ରୁ ବାଲେଶ୍ୱରରେ ତାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

ବାଲେଶ୍ୱର,୧୪।୩ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୬ରୁ ୨୦ ପର୍ଯ୍ୟନ୍ତ ନୂଆପାଢ଼ୀ କ୍ୟାମ୍ପସରେ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ (ଏଆଇୟୁ) ଅଧୀନରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତାଏକ୍ୱୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ଆୟୋଜିତ ହେବାକୁ ଯାଉଛି। ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟରୁ ୧୫୯ଟି ବିଶ୍ୱବିଦ୍ୟାଳୟର ୯୩୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପାଇଁ ଶନିବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କର୍ତ୍ତୃପକ୍ଷ, କର୍ମଚାରୀ ଓ ଆୟୋଜକ ଉପସ୍ଥିତ ଥିଲେ।

ଜାତୀୟ ଯୁବ ଭଲିବଲ୍ ଆଜିଠାରୁ

ଭୁବନେଶ୍ୱର, ୧୪।୩ (ସମିସ): କିଟ୍ ୟୁନିଭର୍ସିଟିଜ୍ ପରିସରରେ ଆସନ୍ତାକାଲିଠାରୁ ୨୬ତମ ଜାତୀୟ ଯୁବ ଭଲିବଲ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟ ଏକସଙ୍ଗେ ୬ଟି ଇନ୍‌ଡୋର କୋର୍ଟରେ ଖେଳାଯିବ। କିଟ୍ ପରିସରରେ ଥିବା ମଲ୍ଟିପର୍ପୋଜ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶା ଭଲିବଲ ସଂଘ ଓ କିଟ୍ ୟୁନିଭର୍ସିଟିଜ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଛି। ଏଥିରେ ୩୦ଟି ରାଜ୍ୟ ଓ ୨ଟି ସାଙ୍ଗଠନିକ ଟିମ୍‌ର ପୁରୁଷ ଓ ମହିଳା ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏଠାରେ ପୂର୍ବରୁ ୩ଥର ଜାତୀୟ ସିନିୟର ଭଲିବଲ ଚାମ୍ପିଅନସିପ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଗୋଟିଏ ଦିନ ପରେ ଓସିଏ କ୍ଲବ୍ ଲିଗ୍ କ୍ରିକେଟ

ଭୁବନେଶ୍ୱର,୧୪।୩(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ସୋମବାର ମାର୍ଚ୍ଚ ୧୬ ତାରିଖରୁ ରାଜ୍ୟସ୍ତରୀୟ କ୍ଲବ୍ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଓସିଏ ସ୍ୱୀକୃତିପ୍ରାପ୍ତ ୨୦ଟି କ୍ଲବ୍ ଅଂଶଗ୍ରହଣ କରିବେ। ଏହି କ୍ଲବ୍ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ କ୍ଲବ୍ ସ୍ଥାନ ପାଇଛନ୍ତି ଓ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ।

ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ସ ଆରମ୍ଭ

ଲାଲୁପ୍ରସାଦ, ମୌସୁମୀ ଦ୍ରୁତତମ

ଭୁବନେଶ୍ୱର,୧୪।୩(ସମିସ): ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ସ କଟକର ରିଜର୍ଭ ପୁଲିସ୍ ଗ୍ରାଉଣ୍ଡରେ ଆଜି ଆରମ୍ଭ ହୋଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ବରିଷ୍ଠ ଓ ୨୦ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏହା ମଧ୍ୟରୁ ପୁରୁଷ ବିଭାଗ ୧୦୦ ମିଟର ଦୌଡ଼ରେ କିଟ୍‌ର ଲାଲୁପ୍ରସାଦ ଭୋଇ ପ୍ରଥମ ଓ ଡିଏମ୍ ଜୟରାମ ଦ୍ୱିତୀୟ ହୋଇଥିଲେ। ପୁରୁଷ ୪୦୦ ମିଟର ଦୌଡ଼ରେ କଟକର ଆସ୍ତିକ ପ୍ରଧାନ ପ୍ରଥମ ଓ ବରଗଡ଼ର ମଳୟ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ୧୧୦ ମିଟର ବାଧା ଦୌଡ଼ରେ ବାଲେଶ୍ୱରର ସୋମନାଥ କର ପ୍ରଥମ ହୋଇଛନ୍ତି। ମହିଳା ୧୦୦ ମିଟର ଦୌଡ଼ରେ ବରଗଡ଼ର ମୌସୁମୀ ରୟ ଓ କଟକର ମନୀଷା ମେରେଲ, ୪୦୦ ମିଟର ଦୌଡ଼ରେ ଓଡ଼ିଶା ପୁଲିସ୍‌ର ସୁଖି ବାସ୍କେ ଓ କେନ୍ଦ୍ରାପଡ଼ାର ଦୀପ୍ତିରଞ୍ଜନ ସାହୁ, ୧୦୦ ମିଟର ବାଧାଦୌଡ଼ରେ ଓଡ଼ିଶା ପୁଲିସର ସବିତା ଟପ୍ପୋ ଓ କଟକର ଦୀପିକା ଦଳାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ବିଭାଗରେ କେନ୍ଦ୍ରାପଡ଼ାର ଶୁଭମ ପ୍ରକାଶ ସାହୁ, ୪୦୦ ମିଟର ଦୌଡ଼ରେ ଯାଜପୁରର ବାପି ହାଁସ୍‌ଦା, ୧୧୦ ମିଟର ବାଧାଦୌଡ଼ରେ କେନ୍ଦୁଝରର ବିଶ୍ୱଜିତ୍ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୨୦ ବର୍ଷରୁ କମ୍ ମହିଳା ବିଭାଗ ୧୦୦ ମିଟର ଦୌଡ଼ରେ ଜଗତସିଂହପୁରର ଶୁଭଶ୍ରୀ ପରିଡ଼ା, ୪୦୦ ମିଟର ଦୌଡ଼ରେ କଟକର ବାସନ୍ତୀ ମାଝୀ ଓ ୧୦୦ ମିଟର ବାଧାଦୌଡ଼ରେ ମୟୂରଭଞ୍ଜର ଡାଙ୍ଗୀ ମୁର୍ମୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ

ବୃହତ ବିଜୟ ସହ କ୍ୱାର୍ଟରରେ ପାଓନିୟର

ଭୁବନେଶ୍ୱର,୧୪।୩(ସମିସ): ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖ୍ରୀମଜୀ କପ୍ ମୁକ୍ତେଶ୍ୱର ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀର ପାଓନିୟର କ୍ଲବ ବୃହତ ୧୩୫ ରନରେ ଭୁବନେଶ୍ୱର ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ଟାଉନ୍ କ୍ଲବ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାଓନିୟର ନିର୍ଦ୍ଧାରିତ ୪୦ ଓଭରରେ ୨୩୬ ରନକରି ଆଉଟ ହୋଇଥିଲା। ଜବାବରେ ଟାଉନ୍ କ୍ଲବ ୨୨.୫ ଓଭରରେ ମାତ୍ର ୧୦୧ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ବିଜୟ ସହ ପାଓନିୟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟାଉନ୍ କ୍ଲବ ତରଫରୁ ସରୋଜ ପଣ୍ଡା ୨୮, ଦୀପକ ମାଝି ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାଓନିୟରର ମହେଶ ପ୍ରଧାନ ସର୍ବାଧିକ ୫ ଓ ଲାଲୁ ମହାନ୍ତି ୪ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପାଓନିୟର ତରଫରୁ ରାଜେଶ ବେହେରା ସର୍ବାଧିକ ୫୭, ସୌମ୍ୟ ବିଶ୍ୱାଳ ୪୯, ମହେଶ ପ୍ରଧାନ ୨୭, ବିଶାଲ ୨୪, ଅବଦୁଲ ଖାନ୍ ୨୨, ଦେବାଶିଷ ଦାଶ ୨୧ ରନ ସଂଗ୍ରହ କରିଥିଲେ। ବୋଲିଂ ଟାଉନ୍ କ୍ଲବ ତରଫରୁ ସୁମନ ମହାରଣା ସର୍ବାଧିକ ୩, ରାକେଶ ବାରିକ ଓ ରାକେଶ ବେହେରା ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ମହେଶ ପ୍ରଧାନ ୫ ୱିକେଟ ନେବା ସହ ୩୧ ବଲରୁ ୨୭ ରନ ସଂଗ୍ରହ କରି ଅଲରାଉଣ୍ଡ ପ୍ରଦର୍ଶନ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପ-ସଭାପତି ପ୍ରଦୋଶ ମହାନ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ମହେଶଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତାକାଲି ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ କିଶୋର ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS